THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 304 | ଭାଗ ୩୩ | ସଂଖ୍ୟା ୩୦୪
Monday 26 January 2026 | Page 8 Rs. 5.00
ଭୁବନେଶ୍ୱର ସୋମବାର ୨୬ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ୪ ଓଡ଼ିଆ ପାଇବେ ପଦ୍ମ ପୁରସ୍କାର

### ଚରଣ, ମହେନ୍ଦ୍ର, ଶରତ ଓ ସୀମାଞ୍ଚଳ ମନୋନୀତ



**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଓଡ଼ିଶାର ମୋଟ ୪ ଜଣଙ୍କୁ ଚଳିତ ବର୍ଷ ପାଇଁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯିବା ସକାଶେ ମନୋନୀତ କରାଯାଇଛି। ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମୋଟ ୧୩୧ ଜଣଙ୍କ ନାମ ପଦ୍ମ ପୁରସ୍କାର ସକାଶେ ଘୋଷଣା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିବ। ଏମାନଙ୍କ ମଧ୍ୟରେ ଓଡ଼ିଶାର ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ ମନୋନୀତ କରାଯାଇଛି। ଓଡ଼ିଶାର ସାନ୍ତାଳୀ ଭାଷାର ବିଶିଷ୍ଟ ଲେଖକ ଶ୍ରୀ ହେମ୍ବ୍ରମଙ୍କୁ ସାହିତ୍ୟ ଓ ଶିକ୍ଷାକ୍ଷେତ୍ର ପ୍ରତି ଅନବଦ୍ୟ ଅବଦାନ ପାଇଁ ପଦ୍ମଶ୍ରୀ ସମ୍ମାନ ମିଳିବ। ସେହିପରି ମହେନ୍ଦ୍ର ମିଶ୍ର, ଶରତ ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ କଳା ପାଇଁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବା ସକାଶେ ମନୋନୀତ କରାଯାଇଛି।

ଶ୍ରୀ ହେମ୍ବ୍ରମ ଜଣେ ବିଶିଷ୍ଟ ସାନ୍ତାଳୀ ଲେଖକ ଓ ସଙ୍ଗୀତ ରଚୟିତା, ଯିଏ ନିଜ ଜୀବନକୁ ସାନ୍ତାଳୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମର୍ପିତ କରିଛନ୍ତି। ସାନ୍ତାଳୀ ଭାଷାକୁ ସ୍ୱତନ୍ତ୍ର ପରିଚୟ ଓ ମାନ୍ୟତା ଦେବା ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ଗତ ତିନି ଦଶନ୍ଧି ଧରି ସେ ଆଦିବାସୀ ସଂସ୍କୃତି ଓ ଶିକ୍ଷାର ବିକାଶ ପାଇଁ ଅନେକ ଅନୁଷ୍ଠାନ ଗଢ଼ିଛନ୍ତି। ଏହି ଅନୁଷ୍ଠାନଗୁଡ଼ିକ ମାଧ୍ୟମରେ ଆଦିବାସୀ ପିଲାମାନେ ନିଜର ପରମ୍ପରା ଓ କଳା ବିଷୟରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଉଛନ୍ତି। ଏଥିସହ ସେ ସାନ୍ତାଳୀ ନୃତ୍ୟ ଓ ଗୀତକୁ ଜୀବନ୍ତ ରଖିବା ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ବିଶେଷକରି ମହିଳାମାନଙ୍କ ମଧ୍ୟରେ ସ୍ଥାନୀୟ ନୃତ୍ୟ ପରମ୍ପରାକୁ ଲୋକପ୍ରିୟ କରିବା ଦିଗରେ ସେ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଜଣେ ରଚନାକାର ଭାବେ ସେ ସାନ୍ତାଳୀ ସମାଜର ଜୀବନଶୈଳୀ, ସଂଘର୍ଷ ➪ପୃଷ୍ଠା-୬

### ଗଣତନ୍ତ୍ର ଦିବସ ପୂର୍ବରୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ଆମ ସମ୍ବିଧାନ ସର୍ବବୃହତ ଗଣତନ୍ତ୍ରର ମୂଳଦୁଆ



**ନୂଆଦିଲ୍ଲୀ ୨୫।୧:** ଗଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ, ଗଣତନ୍ତ୍ର ଦିବସ ଆମକୁ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ଦେଶର ଦିଶା ଏବଂ ଦଶା ଅବଲୋକନ କରିବାକୁ ଅବସର ଦିଏ। ସ୍ୱାଧୀନତା ସଂଗ୍ରାମ ବଳରେ ୧୫ ଅଗଷ୍ଟ ୧୯୪୭ରେ ଆମ ଦେଶର ଦଶା ବଦଳିଥିଲା। ଭାରତ ସ୍ୱାଧୀନ ହେଲା ଓ ଆମେ ଆମର ରାଷ୍ଟ୍ରୀୟ ନିୟତୀର ନିର୍ମାତା ହେଲେ। ସେହିପରି ୨୬ ଜାନୁୟାରୀ ୧୯୫୦ରେ ଆମେ ଆମର ଗଣତନ୍ତ୍ରକୁ ସାମ୍ବିଧାନିକ ଆଦର୍ଶ ଦିଶାରେ ଆଗକୁ ବଢ଼ାଇବା ଆରମ୍ଭ କରିଥିଲେ।

ଏହି ଦିନ ଆମର ସମ୍ବିଧାନ ସମ୍ପୂର୍ଣ୍ଣ ଲାଗୁ ହୋଇଥିଲା। ଗଣତନ୍ତ୍ରର ଜନନୀ ଭାରତ ଉପନିବେଶବାଦୀ ଶାସନର ବିଧିବିଧାନରୁ ମୁକ୍ତ ହେବା ସହ ଆମର ଜନତାନ୍ତ୍ରିକ ଗଣରାଜ୍ୟ ଅସ୍ତିତ୍ୱକୁ ଆସିଥିଲା। ଆମର ସମ୍ବିଧାନ ବିଶ୍ୱ ଇତିହାସର ସବୁଠୁ ବଡ଼ ଲୋକତାନ୍ତ୍ରିକ ଗଣରାଜ୍ୟର ଆଧାର ଗ୍ରନ୍ଥ। ସମ୍ବିଧାନରେ ନିହିତ ନ୍ୟାୟ, ସ୍ୱାଧୀନତା, ସମତା ଓ ବନ୍ଧୁତାର ଆଦର୍ଶ ଆମର ଗଣତନ୍ତ୍ରକୁ ପରିଭାଷିତ କରୁଛି। ଏହି ଆଦର୍ଶ ସମ୍ବିଧାନ ନିର୍ମାତାଙ୍କ ଭାବନା ଓ ଦେଶରେ ଏକତାର ମଜଭୁତ ଆଧାର ହୋଇ ରହିଛି।

ଉତ୍ତରରୁ ଦକ୍ଷିଣ ଓ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ଆମ ସାଂସ୍କୃତିକ ଏକତା ଆମକୁ ଆମ ପୂର୍ବଜଙ୍କ ଅବଦାନ। ଏହି ସାଂସ୍କୃତିକ ଏକତା ଆଜିବି ଆମ ଗଣତନ୍ତ୍ରରେ ଜୀବନ୍ତ ହୋଇ ରହିଛି ଓ ପ୍ରତ୍ୟାକ ଭାରତୀୟଙ୍କୁ ପରସ୍ପର ସହ ଯୋଡି ରଖିଛି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ, ଗତବର୍ଷ ନଭେମ୍ବର ୭

## ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ 'ଏଆଇ-ଏମଏଲ' ଲ୍ୟାବ୍




### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ସୁଇଟର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ

**ସମ୍ବଲପୁର, ୨୫।୧ (ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ବିନା ଇନୋଭେସନରେ ଟେକ୍ନୋଲୋଜିର ବିକାଶ ଅସମ୍ଭବ। ତେଣୁ ରାଜ୍ୟ ସରକାରଙ୍କ ସହାୟତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଖୁବଶୀଘ୍ର ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଓ ଏମଏଲ (ମେସିନ ଲର୍ଣ୍ଣିଂ) ଲ୍ୟାବ ସ୍ଥାପନ କରାଯିବ। ଏହା ଏକ ଭିତ୍ତିଭୂମି ସହ ରାଜ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବଡ଼ ମାଇଲଖୁଣ୍ଟ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ (ସୁଇଟ)ଠାରେ ପ୍ରାୟ ୧୭୫ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଶ୍ୱବିଦ୍ୟାଳୟର ୫୯ ବର୍ଷ ପୂର୍ତ୍ତି ଅବସରରେ ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷାନୁଷ୍ଠାନର ସାମଗ୍ରିକ ➪ପୃଷ୍ଠା-୬

### ସ୍କୁଲ ପିଲାଙ୍କ ସହ 'ମନ କୀ ବାତ' ଶୁଣିଲେ ମୁଖ୍ୟମନ୍ତ୍ରୀ

## ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ



**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମର ଆଜି ଥିଲା ୧୩୦ତମ ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ ଶୁଣିବା ସହ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଷ୍ଟାର୍ଟଅପ କ୍ଷେତ୍ରରେ ଭାରତ ବର୍ଷର ସଫଳତା ବିଷୟରେ ଆଲୋକପାତ କରି ପିଲା ମନକୁ ସବୁବେଳେ ନବସୃଜନ ଉପରେ ଗୁରୁତ୍ୱ ଦେବା ପାଇଁ ସେ ➪ପୃଷ୍ଠା-୬

## ଆରପାରିରେ ଅଭିଜିତ୍ ଦା'




### କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଜଣାଶୁଣା ସଙ୍ଗୀତକାର, ଗୀତିକାର ଓ ଗାୟକ ଅଭିଜିତ୍ ମଜୁମ୍‌ଦାର ଆଜି ଦୀର୍ଘ ସାଢ଼େ ୪ ମାସର ସଂଘର୍ଷରେ ହାରିଯାଇ ନିଜର ପ୍ରିୟଜନ ଓ ପ୍ରଶଂସକଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଆଜି ସକାଳ ପ୍ରାୟ ୯ଟା ୨୫ ମିନିଟ୍‌ରେ ସେ ଏମ୍ସରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶେଷ ➪ପୃଷ୍ଠା-୬

### ଛୁଟି ଘୋଷଣା

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୬ ତାରିଖ (ସୋମବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ (ବୁଧବାର) ପ୍ରକାଶ ପାଇବ।

ପ୍ରକାଶକ

### ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ: ହ୍ୱିପ୍ ନ ମାନିଲେ କାର୍ଯ୍ୟାନୁଷ୍ଠାନ

# ୨୦୦୨ର ହେବ କି ପୁନରାବୃତ୍ତି

**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନକୁ ନେଇ ଏଯାଏଁ ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ ଗଣିତକୁ ନେଇ ଚାଲିଛି ତର୍ଜମା। ବିଶେଷ କରି ଚତୁର୍ଥ ପ୍ରାର୍ଥୀଙ୍କୁ ଦେଇ ରାଜନୈତିକ ଆଲୋଚନା ଜୋର ଧରିଛି। ସେପଟେ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିବା ପରେ ଘାରିଛି କ୍ରସ ଭୋଟିଂର ଭୟ। ଏସବୁ ଭିତରେ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପକୁ ନେଇ ମଧ୍ୟ ଆରମ୍ଭ ହୋଇଛି ବିଶ୍ଳେଷଣ।

ନିର୍ବାଚନ କମିଶନଙ୍କ ବ୍ୟବସ୍ଥା ଅନୁଯାୟୀ, ରାଜ୍ୟସଭା ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ହ୍ୱିପ ଜାରି କରିପାରିବେ। ନିର୍ବାଚନ କମିଶନଙ୍କ ୨୦୧୭ ନିର୍ଦ୍ଦେଶନାମା ଅନୁଯାୟୀ, ବିଧାୟକମାନେ ନିଜ ଦଳର ଏଜେଣ୍ଟଙ୍କୁ ବାଲଟ ପେପର ଦେଖାଇବାକୁ ବାଧ୍ୟ। ଯଦି ସେ ଏଜେଣ୍ଟଙ୍କୁ ବାଲଟ ନ ଦେଖାନ୍ତି, ତେବେ ଭୋଟ ନାକଚ ହେବାର ଭୟ ରହିଛି। ଯଦି ସେ ଏଜେଣ୍ଟଙ୍କୁ ଦେଖାଇ ଅନ୍ୟ ଦଳକୁ ଭୋଟ ଦିଅନ୍ତି, ତେବେ ଭୋଟ ବୈଧ ରହିବ, କିନ୍ତୁ ଦଳ ତାଙ୍କୁ ବହିଷ୍କାର କରିପାରିବ। ତେଣୁ ରାଜ୍ୟସଭା ନିର୍ବାଚନରେ ହ୍ୱିପ ଲାଗୁ ହୁଏ, କିନ୍ତୁ ଏହାର ଉଲ୍ଲଙ୍ଘନ କଲେ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାୟକ ପଦ ରଦ୍ଦ ହୁଏନାହିଁ। ଏହା କେବଳ ଦଳୀୟ ଅନୁଶାସନ ମଧ୍ୟରେ



ସୀମିତ ରହେ।

ଓଡ଼ିଶାର ବର୍ତ୍ତମାନର ସମୀକରଣରେ ଏହି ନିୟମଟି ହିଁ ବିଜେପିକୁ ଦ୍ୱିତୀୟ ପସନ୍ଦ ଭୋଟ ପାଇଁ ଆତ୍ମବିଶ୍ୱାସ ଦେଉଛି। କାରଣ ଅସନ୍ତୁଷ୍ଟ ବିଧାୟକମାନେ ପଦ ହରାଇବା ଭୟ ନ ଥାଇ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇପାରିବେ। ଏହାକୁ ନେଇ ସୁପ୍ରିମକୋର୍ଟଙ୍କ ଦୁଇଟି ପ୍ରମୁଖ ରାୟ ଗୁରୁତ୍ୱପୂର୍ଣ୍ଣ। ୨୦୦୬ରେ କୁଲଦୀପ ନାୟାର ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ରାଜ୍ୟସଭା ନିର୍ବାଚନରେ ଖୋଲା ବାଲଟ ବ୍ୟବସ୍ଥା ରହିଛି। ଜଣେ ବିଧାୟକ କାହାକୁ ଭୋଟ ଦେଉଛନ୍ତି, ତାହା ତାଙ୍କ ଦଳର ଅଧିକୃତ ଏଜେଣ୍ଟଙ୍କୁ ଦେଖାଇବା ବାଧ୍ୟତାମୂଳକ। ଯଦି ଜଣେ ବିଧାୟକ ଦଳର ନିର୍ଦ୍ଦେଶ ବିରୋଧରେ ଭୋଟ ଦିଅନ୍ତି, ତେବେ ତାହା ଦଳ ପ୍ରତି ବିଶ୍ୱାସଘାତକତା ଭାବେ ଗଣାଯିବ ଏବଂ ଦଳ ତାଙ୍କ ବିରୋଧରେ ଅନୁଶାସନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

ଅନୁରୂପ ଭାବେ ରବି ଏସ. ନାଏକ ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାରେ କୁହାଯାଇଥିଲା ଯେ ଯଦି ଜଣେ ସଦସ୍ୟ ଦଳର ହ୍ୱିପ ଅମାନ୍ୟ କରନ୍ତି, ତେବେ ଏହାକୁ ସ୍ୱେଚ୍ଛାକୃତ ଭାବେ ଦଳର ସଦସ୍ୟତା ତ୍ୟାଗ କରିବା ଧରାଯାଇପାରେ। ଓଡ଼ିଶାରେ ପୂର୍ବରୁ ଯେ କ୍ରସ ଭୋଟିଂ ହୋଇନାହିଁ ତା ନୁହେଁ। ୧୯୯୮ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଥିଲା, ➪ପୃଷ୍ଠା-୬




सत्यमेव जयते



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)

ଓଡ଼ିଶା ଶାସନ



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-80 ADV3-ADV-0006-2026

# ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ



ପୁଷ୍ପଲତା ମିଶ୍ର

ଦେବଭୂମି ଏହି ଭାରତ ବର୍ଷ । ଦୀପ୍ତିମାନ ଲୋକ ଚରିତ୍ର ର ଅଧିକାରୀ ସାଧୁସନ୍ଥ ମାନେ ଏହି ପବିତ୍ର ଭୂମି ରେ ଜନ୍ମ ଗ୍ରହଣ କରି ମାନବ ସମାଜ କୁ ଅନୁ ଶାସନର ତେଜୋଦୀପ୍ତ ଆଭାରେ ଆଲୋକିତ କରି ଆସିଛନ୍ତି ।ଯେତେବେଳେ ଆସୁରିକ ଆଚରଣ ଲୋକ ଚରିତ୍ର ର ବହୁଳ ଭାବେ ପ୍ରସାରିତ ଲାଭ କରିଛି ,ସେତିକି ବେଳେ ଋଷି ମହାଋଷି ଓ ସାଧକ ପୁରୁଷ ମାନେ ଜନ୍ମ ଗ୍ରହଣ କରି ଜନ ମାନସ ରେ ଭରି ଦେଇଛନ୍ତି ଅଫୁରନ୍ତ ଶକ୍ତି ଓ ସାମ୍ୟର୍ଥ, ବୈଦିକ ଯୁଗ ବା ପୁରାଣ ଯୁଗରେ ଭଗବାନ ଶ୍ରୀ ରାମଚନ୍ଦ୍ର ଓ ଯୋଗେଶ୍ୱର ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରି ପାରିବାରିକ ଓ ରାଷ୍ଟ୍ରୀୟ ଜୀବନ କୁ ମିଳନ ମୁକ୍ତ କରି ତୋଳିଥିଲେ । ଧର୍ମ ଓ ସମାଜର ପୂର୍ଣ୍ଣ ଆଚାର ବିଚାର ଶାସ୍ତ୍ର ଦ୍ଵାରା କରାଯାଇଥାଏ । ଭାରତ ବର୍ଷର ପବିତ୍ର ଗ୍ରନ୍ଥ ଦୁଇଟି ହେଲେ ରାମାୟଣ ଓ ମହାଭାରତ ମଧ୍ୟରୁ ରାମାୟଣ ଆଦି କାବ୍ୟ ରୂପେ ପରିଚିତ ।ମହାଭାରତର ପୃଷ୍ଠଭୂମି ଯୁଦ୍ଧକ୍ଷେତ୍ର । ରାମାୟଣ ଏକ କରୁଣ ରସପୂର୍ଣ୍ଣ କାବ୍ୟ କାରଣ ରାମାୟଣ ରଚନା ଶୋକରୁ ଆରମ୍ଭ ଓ ସୀତା ଙ୍କର ବସୁନ୍ଧରା ଗମନ ରେ ଶେଷ ହେଇଛି । ରାମଙ୍କର ବନବାସ, ମାୟାମୃଗ ବଧ, ସୀତା ହରଣ, ସମୁଦ୍ରରେ ସେତୁ ବନ୍ଧନ, ଲଙ୍କା ପୁରୀ ଦହନ ଓ ପରି ଶେଷରେ କୁମ୍ଭକର୍ଣ୍ଣ ଓ ରାବଣ ନିଧନ ହେଉଛି ରାମାୟଣର ପ୍ରଧାନ ବିଷୟ ।ରାମାୟଣ କାବ୍ୟ ସାତକାଣ୍ଡରେ ବିଭକ୍ତ ଅଦ୍ୟକଣ୍ଡ, ଅଯୋଧାକାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଦ୍ୟ କାଣ୍ଡ, ସୁନ୍ଦରାକାଣ୍ଡ, ଲଙ୍କାକାଣ୍ଡ ଓ ଉତ୍ତରାକାଣ୍ଡ।

ମହର୍ଷି ବାଲ୍ମୀକି ପ୍ରଭୁ ଶ୍ରୀରାମ ଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଉପାଧି ରେ ମଣ୍ଡିତ କରିଛନ୍ତି। " ମର୍ଯ୍ୟାଦା " ଶବ୍ଦଟି ର ସୂକ୍ଷ୍ମ ରୂପେ ବିଚାର କଲେ ପୁରୁଷୋତ୍ତମ ଶବ୍ଦଟିର ଗୁରୁତ୍ଵ କୁ ଉପଲବ୍ଧି କରିବାକୁ ପଡ଼ିବ । ସିଦ୍ଧ ପୁରୁଷ, ମହର୍ଷି ,ଉଚ୍ଚ କୋଟୀର ବିଦ୍ୱାନ ମାନଙ୍କର ମୁଖ ନିସୃତ ବାଣୀ ଜଗତ ର ହିତ ସାଧନ ପାଇଁ ଉଦ୍ଦିଷ୍ଟ । ପୁଣ୍ୟଗ୍ରନ୍ଥ ରାମାୟଣର ବିଷୟ ବସ୍ତୁ ଧର୍ମ ସମ୍ବନ୍ଧୀୟ ତତ୍ତ୍ୱଗାନର ଗନ୍ତାଘର । ଅମୂଲ୍ୟ ଗ୍ରନ୍ଥ ରାମାୟଣ ରେ ପ୍ରଭୁ ଶ୍ରୀ ରାମ ଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ବର୍ଣ୍ଣନା କରାଯାଇଛି। ଶ୍ରୀ ରାମ ରାଜା, ପୁତ୍ର ସହୋଦର ଓ ମିତ୍ର ରୂପରେ ଜଣେ ଆଦର୍ଶ ପୁରୁଷ । ଶିକ୍ଷାଲାଭ ସମୟରେ ଗୁରୁ ବଶିଷ୍ଠଙ୍କ ଆଶ୍ରମରେ ଭ୍ରାତା ମାନଙ୍କ ସହିତ ଶ୍ରୀରାମ ଆଶ୍ରମର ନୀତି ନିୟମ ପାଳନ କରି ରାଜନୀତି, ସମାଜ ନୀତି ,ଧର୍ମନୀତି,ଅର୍ଥନୀତି ସମ୍ବନ୍ଧୀୟ ଶିକ୍ଷା ଲାଭ କରି ଗୁରୁକୁଳ ଆଶ୍ରମ ଶିକ୍ଷାର ମର୍ଯ୍ୟାଦା ବଢାଇଛନ୍ତି । ଅଯୋଧାର ହିତ ଦୃଷ୍ଟିରୁ ରାମ ଲକ୍ଷ୍ମଣଙ୍କୁ ଋଷି ବିଶ୍ଵାମିତ୍ରଙ୍କ ସହିତ ଯିବା ପାଇଁ ଦଶରଥଙ୍କର ଅନିଚ୍ଛାକୃତ ଆଦେଶ ପାଳନ , ରାଜଧର୍ମ ଓ କ୍ଷତ୍ରିୟ ଧର୍ମ ର ମର୍ଯ୍ୟାଦା ରକ୍ଷାର ଏକ ବଳିଷ୍ଠ ଉଦାହରଣ । କୈବର୍ତ୍ତର ଭକ୍ତି ଭାବର ସମ୍ମାନ ରକ୍ଷା ,ଶିବଧନୁ ଭଙ୍ଗ, ସୀତା ବିବାହ ପ୍ରଭୃତି ବିଶ୍ୱାମିତ୍ରଙ୍କ ଆଦେଶର ମର୍ଯ୍ୟାଦାରକ୍ଷା , ସୁର୍ଯ୍ୟବଂଶର ସମ୍ମାନ ଓ କ୍ଷତ୍ରୀୟ ଧର୍ମର ମର୍ଯ୍ୟାଦା ରକ୍ଷାର ବିଶେଷତ୍ୱ ।

ପ୍ରଭୁ ଶ୍ରୀ ରାମଙ୍କର ସର୍ବଶ୍ରେଷ୍ଠ ଧର୍ମ ଥିଲା ରାଜଧର୍ମ। ପିତୃସତ୍ୟ ପାଳନ ପାଇଁ ରାଜସିଂହାସନ ତ୍ୟାଗ ,ରାଜ୍ୟର ହିତ ଦୃଷ୍ଟିରୁ ବନବାସୀ ହେବା, ଭରତଙ୍କୁ ଶ୍ରଦ୍ଧାର ସହ ରାଜଗାଦି ସମର୍ପଣ, ଲକ୍ଷ୍ମଣ , ଭରତ ପ୍ରଭୃତି ଭ୍ରାତାମାନଙ୍କର ସମର୍ପିତ ଭକ୍ତିର ମର୍ଯ୍ୟାଦା ରକ୍ଷା , ଭରତଙ୍କୁ ରାଜଧର୍ମ ପାଳନ ସମ୍ବନ୍ଧୀୟ ଉପଦେଶ ଏହାକୁ ବିଚାର କଲେ ତାହା ଜନମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା । ସର୍ବ ଶ୍ରେଷ୍ଠ ରାଜଧର୍ମ " ଲୋକହା ସମସ୍ତା ସୁଖିନୋ ଭବନ୍ତୁ" । ଏହି ଭକ୍ତିକୁ ମର୍ଯ୍ୟାଦାର ସହିତ ପାଳନ କରିବା ଶ୍ରୀରାମଙ୍କ ରାଜ୍ୟ ଶାସନର ମୂଳମନ୍ତ୍ର। କ୍ଷେତ୍ରୀୟର ବୀରତ୍ୱ ପ୍ରଦର୍ଶନ କରି ଆସୁରୀ ଶକ୍ତିର ବିନାଶ ,ସାମାଜିକ ମନୋଭାବକୁ ସମ୍ମାନ ଦେଇ ବ୍ୟକ୍ତିଗତ ଓ ପାରିବାରିକ ସ୍ୱାର୍ଥକୁ ବଳିଦାନ ଦେବା ରାମ ରାଜ୍ୟର ବିଶେଷତ୍ୱ । ଆଜି ମଧ ସୁଶାସନକୁ "ରାମରାଜ୍ୟ" ସହିତ ତୁଳନା କରାଯାଏ। ବନବାସ ସମୟରେ ଆସୁରୀଶକ୍ତିର ବିନାଶ, ମୁନି ଋଷିମାନଙ୍କର ସୁରକ୍ଷା,ବାନର ରାଜା ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ, ଗୃହଙ୍କର ଆତିଥ୍ୟ ଗ୍ରହଣ, ସମଦୃଷ୍ଟିସମ୍ପନ୍ନର ପ୍ରମାଣ ଦିଏ । ଭକ୍ତି ଶିରୋମଣି,ପ୍ରଭୁପ୍ରାଣ ମହାବୀର,ଜିତେନ୍ଦ୍ରିୟ ହନୁମାନଙ୍କର ବୀରବର ପାରାକାଷ୍ଠାକୁ ଅନୁଭବ କରି କୋଳାଗ୍ରତ କରିବା ଭକ୍ତର ମର୍ଯ୍ୟାଦା ରକ୍ଷାର ଏକ ଉଦାହରଣ ।ପ୍ରଜା ନିର୍ଭୀକ ଭାବରେ ରାଜାଙ୍କୁ ପ୍ରଶ୍ନ କରିବା ,ଅଭିଶାପ ଦେବା ଘଟଣା ଶ୍ରୀରାମଙ୍କ ରାଜ୍ୟ ଶାସନର ଅତି ଉଚ୍ଚତମ ଆଦର୍ଶ। ବାଳିବଧ ପ୍ରସଙ୍ଗରେ ବାଳିର ସ୍ତ୍ରୀ "ତାରା" ର ପ୍ରଶ୍ନ ଥିଲା ,କାହିଁକି ଆପଣ ମୋ ସ୍ୱାମୀଙ୍କୁ ବଧ କଲେ ? ବାଳି ମଧ ପ୍ରଶ୍ନ କରିଛି ଅଲକ୍ଷରେ ଶର କ୍ଷେପଣ କରି ଆପଣ ଯୁଦ୍ଧ ନୀତି ଭଙ୍ଗ କରିଛନ୍ତି । ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଙ୍କର ଉତ୍ତର ଥିଲା ସୁଗ୍ରୀବ ର ସ୍ତ୍ରୀ ରମାଙ୍କୁ ବଳପୂର୍ବକ ବିବାହ କରିବା ଏକ ଅକ୍ଷମଣୀୟ ଅପରାଧ। ଜଣେ ନାରୀର ଅସ୍ମିତାକୁ ଅସମ୍ମାନ ଏକ ଜଘନ୍ୟ ଅପରାଧ।



ରାବଣ ଆସୁରୀଶକ୍ତି ସମ୍ପନ୍ନ ସତ କିନ୍ତୁ ଜଣେ ଉଚ୍ଚକୋଟୀର ବିଦ୍ୱାନ, ଜ୍ଞାନୀ ଓ ପଣ୍ଡିତ ଥିଲେ । ଜଗତର ମଙ୍ଗଳ ପାଇଁ ରାବଣଙ୍କୁ ବଧ କରି ରାମ ପୀଡ଼ା ଅନୁଭବ କରିଛନ୍ତି ଏବଂ ବ୍ରହ୍ମ ହତ୍ୟାର ପାପ ମଧ ଲାଗିଛି । ରାବଣ ପ୍ରାଣ ତ୍ୟାଗ କରିବା ପୂର୍ବରୁ ଶ୍ରୀ ରାମ ଭାଇ ଲକ୍ଷ୍ମଣ ଙ୍କୁ ଆଦେଶ ଦେଇଛନ୍ତି - ସସମ୍ମାନେ ତାଙ୍କ ଠାରୁ ରାଜକୀୟ ଶିକ୍ଷା ଆହରଣ କର । ଲକ୍ଷ୍ମଣ ତତ୍ କ୍ଷଣାତ ଯନ୍ତ୍ରଣା ରେ ଛଟପଟ ହେଉଥିବା ଲଙ୍କପତି ରାବଣ ଙ୍କ ମୁଣ୍ଡ ପାଖରେ ବସିଛନ୍ତି କିନ୍ତୁ ପ୍ରଭୁ ଶ୍ରୀ ରାମ କହିଲେ କାହା ଠାରୁ ଶିକ୍ଷା କରିବାକୁ ହେଲେ ମୁଣ୍ଡ ପାଖରେ ନୁହେଁ ଲକ୍ଷ୍ମଣ ତାଙ୍କ ପାଦ ପାଖରେ ବସି ଶିକ୍ଷା ଗ୍ରହଣ କର । ବିଜ୍ଞାନର ଅଗ୍ରଗତି ପ୍ରଯୁକ୍ତିବିଦ୍ୟାର ଜଗତୀକରଣର ପ୍ରଭାବ ଦୈନନ୍ଦିନ ଜୀବନକୁ ବ୍ୟସ୍ତ ବହୁଳ କରି ଦେଉଛି ,ତଥାପି ପରମ୍ପରା ବଞ୍ଚିଛି ଓ ବଞ୍ଚିବ। ଧର୍ମ ସଂସ୍ଥାପନ ପାଇଁ ପରମ ପୁରୁଷ ପ୍ରଭୁ ଶ୍ରୀରାମ ଅବତାର ନେଇ ମର୍ଯ୍ୟାଦାର ସୀମା ନିର୍ଦ୍ଧାରଣ ପୂର୍ବକ ସୁଖ, ଶାନ୍ତି ଓ ସମୃଦ୍ଧିଶାଳୀ ସମାଜ ଗଠନର ଯେଉଁ ମନ୍ତ୍ର ପ୍ରଦାନ କରିଛନ୍ତି ସେଥିରେ ଅନୁପ୍ରାଣିତ ହେଲେ " ରାମ ରାଜ୍ୟର "ମହତ୍ୱ ଉପଲବ୍ଧି କରିହେବ । ଜାତିର ପିତା ମହାତ୍ମାଗାନ୍ଧୀଙ୍କର ପ୍ରିୟ ଭଜନ "ରଘୁପତି ରାଘବ ରାଜା ରାମ,ପତିତ ପାବନ ସୀତା ରାମ "ସ୍ମରଣ କରି ସମସ୍ତେ ରାମଙ୍କର ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ରାମଙ୍କ ପରି ଜୀବନ ଗଢନ୍ତୁ।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



# ଅନ୍ଧତ୍ୱ



ଅମିୟ ବେଜ୍

ବୋଉ କହୁଥିଲା, ବାପାଙ୍କ ଆଖିକୁ ଆଉ ଦିଶୁନି। ପରେ ସଂଶୋଧନ କରିଲା ଓ କହିଲା କମ୍ ଦିଶୁଛି। ମୁଁ ହଠାତ ସେ ରୋଗଟା'ର ନାମ ମନେ ପକାଇନପାରି ବୋଉକୁ ସାନ୍ତ୍ୱନା ଦେଇ କହିଲି, ବୟସ ହୋଇଗଲେ, ଏଇ କମ୍ ଦିଶିବା, କମ୍ ଶୁଭିବାଟା ଗୋଟେ ସାମାନ୍ୟ କଥା ବୋଉ। ଏସବୁରେ ଏତେ ବ୍ୟସ୍ତ ହ'ନା ଯମା।

ବୋଉର ମନ ବୁଝିଲାନି। ମୋତେ ଗପ ଶୁଣାଇଲା। ଅବହେଳା ଯୋଗୁଁ ମଦନ କକାଙ୍କ କେମିତି ଆଖି ଦି'ଟା ଏକଦମ୍ ନଷ୍ଟ ହୋଇଗଲା। ଲୋକଟା ବୟସ ଥାଉଥାଉ କଷ୍ଟ ପାଇପାଇ ଚାଲିଗଲା।

ବୋଉ ତାଗିଦା କଲା ମୋତେ। ଜଲଦି ଆସି ବାପାଙ୍କୁ ନେଇ ଅପରେସନ କରାଅ...।

ବାପାଙ୍କୁ ପରିଷ୍କାର ଦେଖାଯିବ, ଏକଥା ଭାବି ମୁଁ ପ୍ରଥମେ ଘାବରେଇଗଲି। ପ୍ରତ୍ୟାଶାକୁ କହିବା ମାତ୍ରେ ସିଏ ଜିଭ କାମୁଡି ପକାଇଲା। ମୁଁ ସୁଜୟକୁ ଫୋନ୍ କଲି। ସୁଜୟ ସାନ ମୁଁ ବଡ଼। ଜୟ।

ସିଏ ବୋଧେ ବାହାର କାମରେ ଥିଲା। ବିରକ୍ତ ହେଲା। କହିଲା-ବେକାର କଥା ସବୁ। ଏଗୁଡା ଖାଲି ବୋଉର ନାଟ।

ମୁଁ ଭାବିଲି, ଝିଲ୍ଲୀକୁ ଜଣାଏ। ଅବଶ୍ୟ ସିଏ ବୋଉଠୁ ଜାଣିସାରିବଣି। ତା'ର ବୋଉସହ ନିତିଦିନିଆ ଟେଲିକାଷ୍ଟ।

ଝିଲ୍ଲୀ ଆଗ ହସିଲା। କହିଲା-ବାପାଙ୍କୁ କାହିଁକି କମ୍ ଦିଶିବମ ଭାଇ ? ତଥାପି ତୁ ଥରେ ଯା'। ବୋଉର ମନଟା ବୁଝୁ।

ମୁଁ ମୋ' କାମ ଆଳକରି ବେଶ୍ କିଛିଦିନ ପାରି ପାଇଗଲି। ବୋଉ ଥିଲା ନଛୋଡ଼ବନ୍ଧା। ଫୋନ୍ ଉପରେ ଫୋନ୍। ଦିନେ ନିଷ୍ପତ୍ତି ନେଲି ଗାଁ କୁ ଯିବି। ପ୍ରତ୍ୟାଶା ପ୍ରଥମେ କଳି କଲା ଓ ଶେଷରେ ମୋତେ ସର୍ତ୍ତମୂଳକ ଅନୁମତି ଦେଇଦେଲା।

ଗାଁଛକରେ ଓହ୍ଲାଇଲା ବେଳେ ଦେଖିଲି ବାପା। ମୋଟରସାଇକେଲ୍ ଧରି ଛିଡାହୋଇଛନ୍ତି।

ବୋଉଟା ଯେ ଏତେ ଚାଲାଖ ହେଲାଣି ମୁଁ ଜାଣିପାରିନି କେମିତି ? ପଚାରିଲି –

–ସଂଜଟାରେ ତୁମେ ଗାଡି ନେଇ...!

–ଆଗ ତୁ ବସ ଜଲଦି। ଅନ୍ଧାର ହେଲାଣି ପା ...

ବାପା ଆଜିଯାଏଁ ଚଲାନ୍ତି। ମୁଁ ପଛରେ ବସେ। ମୁଁ ଚଲାଇବା କଥା କହିଲେ ଚିଡ଼ନ୍ତି ।

ଘରେ ପହଞ୍ଚି ଆଗ ବୋଉକୁ ପଚାରିଲି –

–ଦିଶୁନି ପା' ତାଙ୍କୁ ?

ସିଏ ବିକଳ ହେଇ ଚାହିଁଲା ମୋତେ। ଯେମିତି କି ପୁଅଟେ' ହେଇକି ନିଜ ମା' କଥାକୁ କେମିତି ଅବିଶ୍ୱାସ କରିପାରୁଛି ମୁଁ ?

ବୋଉ କିଛି କହିବା ପୂର୍ବରୁ ବାପାଙ୍କ ବସାରୁ କଣଗୋଟେ ଶବ୍ଦ ହେଲା। ଖୁବ୍ ଜୋରରେ। ଧାଇଁଲା ବୋଉ। ପଛେପଛେ ମୁଁ।

ଫୁଲଦାନୀଟା ପଡି ଚୁନା ହୋଇଯାଇଛି ତଳେ। ବାପା ଅପରାଧୀଙ୍କ ପରି କହିଲେ – ହାତ ବାଜିଗଲା ...

ମୁଁ ଏବେ ସଅଳ ପଚାରିନେଲି –

–ସତରେ କଣ ବାପା ତୁମକୁ ଭଲକି ଦିଶୁନି ଆଉ ? କେବେଠୁଁ ଏମିତି ?

ବାପା ଉତ୍ତର ଦେଉଥିଲେ –

–ଏଇତ ମାତ୍ର ଅଂଧ ହୋଇଯାଇଛି ରେ ପୁଅ ....

ଘଟଗାଁ, କେନ୍ଦୁଝର

# ଆତ୍ମ ବିଶ୍ୱାସର ଆଲୋକମାଳା



ଡକ୍ଟର ଲକ୍ଷ୍ମଣ ସାହୁ

"ନୂତନ ବର୍ଷ ୦୨୬ ଆତ୍ମ ବିଶ୍ୱାସର ବର୍ଷ ହେଉ "ମୋ ଆଲେଖ୍ୟ ପ୍ରକାଶ ପାଇବା ପରେ ବ୍ୟକ୍ତିଗତ ଭାବେ ଅନେକ ବନ୍ଧୁ ଓ ପାଠକ ମାନଙ୍କ ପ୍ରତିକ୍ରିୟା ମୋତେ ବିସ୍ମିତ କରିଛି। ସେମାନଙ୍କ ଦୃଷ୍ଟିଭଙ୍ଗୀ ପାଖରେ ଅନେକ କିଛି ଅବୁଝା ଶବ୍ଦ ଲିପି ସତେ ଯେମିତି ବାକି ରହିଗଲା। ଏଦୃଷ୍ଟିରୁ ସମୟର ଛାୟାଚିତ୍ର " ବିଶ୍ୱାସର ଆଲୋକ," ପାଲଟିଛି।

ସତ କହିବାକୁ ଗଲେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଏକ ପ୍ରକାର ଘଟଣା ବହୁଳ ପାଲଟିଛି। ଆମେ ଏହା କରିଛୁ ବୋଲି କହିବା ପାଇଁ ଜଣେ ପ୍ରାୟୋଜକ କିମ୍ବା ସମର୍ଥନ ଖୋଜୁଛେ। ପ୍ରଦର୍ଶନର ଖୋଲା ଝରକା ଆମର ଖୁସି, ଦୁଃଖ ଓ ଆକାଂକ୍ଷାକୁ ଘଟଣାର ଇନ୍ଧନରେ ପରିଣତ କରିଦେଉଛି। ଆମେ ଏହାର ଯେମିତି ବିଶ୍ୱାସ ଖୋଜୁଛେ, ସେମିତି ବିଭ୍ରାନ୍ତ ହେଉଛେ। ଆମେ ଯେମିତି ବିଶ୍ୱାସର କୋଡ୍ (QR)କୁ ସ୍କାନ କରୁଛେ , ସେଭଳି ଏକ ନୂତନ ଅବିଶ୍ୱାସର ଲିଙ୍କରେ ପହଞ୍ଚିବା ସାର ହେଉଛି। କହିବା ବାହୁଲ୍ୟ ଯେପର୍ଯ୍ୟନ୍ତ ଆମ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇନାହିଁ, ସେପର୍ଯ୍ୟନ୍ତ ଆମେ ଆମର ଲକ୍ଷ୍ୟ ସିଦ୍ଧିରେ ପହଞ୍ଚିବା କଷ୍ଟକର ହେବ।

କହିବାକୁ ଚାହେଁ ଯେତେବେଳେ ତୁମେ ଜଣେ ଯାଦୁକର ଦ୍ୱାରା କଣ୍ଢେଇ ନାଚୁଥିବା କଥା ଭାବୁଛ, ତୁମମାନଙ୍କ ମଧ୍ୟରୁ ଅନେକ ହୁଏତ ମାଡାଗୋସ୍କାରଙ୍କ କଥା ମନେ ପକାଇ ପାରିବେ। ଆଉ କେତେକ ରାଜନୈତିକ ଘଟଣା ସହିତ ପାର୍ବତ୍ୟାଞ୍ଚଳରେ ଥିବା ସୁନ୍ଦର ଜଙ୍ଗଲକୁ ମଧ ମନେ ପକାଇପାରନ୍ତି। କିନ୍ତୁ ଅଧିକାଂଶ ହଲିଉଡ୍ ଯୋଗୁଁ ମାଡାଗୋସ୍କାରକୁ ନାଚୁଥିବା ଓ ଗାଉଥିବା କର୍ଣ୍ଣୱାଲିସ୍ ସହିତ ଯୋଡ଼ି ଦେଇପାରନ୍ତି। କିନ୍ତୁ ତୁମେ କେବେ କ'ଣ ଜାଣିଛ ଯେ ଦକ୍ଷିଣ ମାଡାଗୋସ୍କାରର ୬୦ ପ୍ରତିଶତ ଲୋକ ଏକାକୀ ଅନୁଭବ କରନ୍ତି ଓ କାହିଁକି ନିଜ ମନଭିତରେ ଅସଂଖ୍ୟ ପ୍ରଶ୍ନବାଚୀ ଆନ୍ଦୋଳିତ କରେ। କାରଣ ଦୋକାନୀ ପର୍ଯ୍ୟଟକଙ୍କ ଚମକରେ ଚମକୃତ ହୋଇ କୁହେ, ଏକର ଛଡ଼ା ବନ୍ଧୁମାନଙ୍କ ଅପେକ୍ଷା ପାଖରେ ଅଧିକ ଗ୍ରାହକ ଅଛନ୍ତି।

ଥରେ ଏହି ଦ୍ୱିତୀୟ ପରିସଂଖ୍ୟାନକୁ ବିଚାର କରନ୍ତୁ। ପୋଷା ପ୍ରାଣୀ ପ୍ରତି ବ୍ରିଟିଶମାନଙ୍କ ଆଗ୍ରହର ପରିମାଣ ଏତେ ଯେ, ଜଣଙ୍କ ନମୁନାରେ ୨,୦୦୦ ରୁ ତିନି ଗୁଣ ଲୋକ ଇନଷ୍ଟାଗ୍ରାମରେ ସେମାନଙ୍କ ସାଥୀଙ୍କ ଅପେକ୍ଷା ଅଧିକ ପୋଷା ପ୍ରାଣୀଙ୍କ ଫଟୋ ପୋଷ୍ଟ କରିଥିଲେ। ପୋଷା ପ୍ରାଣୀଙ୍କ ଫଟୋ ଉଠାଇବାରେ ଲଣ୍ଡନର ଲ୍ୟାଣ୍ଡମାର୍କରେ ଗୋଟିଏ ନୂତନ ଧାରା ଆରମ୍ଭ ହୋଇଛି। ୨୦୨୫ ମସିହାରେ ବିଲେଇ ମାଲିକ ବୃତ୍ତିଗତ ଭାବେ ୪୯ ପ୍ରତିଶତ ଥିଲେ, ଓ ୧୬ ପ୍ରତିଶତ ସେମାନଙ୍କ ପୋଷା ପ୍ରାଣୀଙ୍କ ପାଇଁ ଏକ ସୋସିଆଲ ମିଡିଆ ଆକାଉଣ୍ଟ ରଖିଥିଲେ।

ସଦ୍ୟତମ ଖବର ହେଉଛି ଯେ ଓପନ ଅଲ (Open AI ) ଏକ ଆପ୍ ଲଞ୍ଚ କରିଛି - ଟେକ୍ସ ଉଇଥ ଜେସସ ("Text with Jesus") ! ଆପଣ ସେଠାରେ ଆପଣଙ୍କର ଆଧାତ୍ମିକ ସମସ୍ୟା ବିଷୟରେ ପ୍ରଶ୍ନ ପଚାରିପାରିବେ। ଯୀଶୁଙ୍କ ପରି ଏକ ଅବତାର ଆପଣଙ୍କୁ ଉତ୍ତର ଦିଏ। ଏପରିକି ପ୍ରାୟ ୧୫୦, ୦୦୦ ବ୍ୟବହାରକାରୀ ଅଛନ୍ତି। ଯେଉଁମାନେ ସେହି ଅବତାର ଦ୍ୱାରା ସେମାନଙ୍କର ଆଶା, ନିରାଶା, ସନ୍ଦେହ ଓଛଥ ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରସ୍ତୁତ। ପୋପ୍ ଲିଓ କହିଛନ୍ତି। ଏହି 'ଏଗ୍ରିଗେଟେଡ୍ ଡାଟା' ଅର୍ଥାତ୍ 'ସଂଗୃହିତ ଜ୍ଞାନ ଭଣ୍ଡାର'ରୁ ଆପଣଙ୍କ ଜୀବନର ଜ୍ଞାନ ପାଆନ୍ତୁ ନାହିଁ। ସେଠାରେ ଜୀବନ ଅଛି, ଜୀବନ ପରି, ଜୀବନରୁ ଜୀବନ ଶକ୍ତି।

ନୂଆବର୍ଷରେ ଏପରି କଥା କୁହାଯାଏ କାରଣ ସବୁଠାରୁ ଲୋକପ୍ରିୟ ଶବ୍ଦ ବାଛିଥିବା ଅଭିଧାନଗୁଡ଼ିକ ମଧ କେବଳ ଅନଲାଇନ୍ ଜୀବନରୁ ସାର ନେବାକୁ ବାଧ ହୁଅନ୍ତି। ୱେବଷ୍ଟର ସ୍ଲପ୍ ଶବ୍ଦକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପାଇଲା, ଯାହାର ଅର୍ଥ ହେଉଛି ଅଲ (AI ) ଦ୍ୱାରା ସୃଷ୍ଟି ହୋଇଥିବା ଖରାପ ବିଷୟବସ୍ତୁ ! ଅକ୍ସଫୋର୍ଡ ରାଗ ବେଟ୍ କୁ ସ୍ୱାଭାବିକ ଭାବରେ ଉପଯୁକ୍ତ ବୋଲି ପାଇଲା କାରଣ ଉତ୍ତେଜନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୋଷ୍ଟ କରାଯାଇଥିବା ବିଷୟବସ୍ତୁର ବନ୍ୟା ଆସିଥାଏ। ଯେତେବେଳେ କିଛି ଘଟିଲା ନାହିଁ, କେମ୍ବ୍ରିଜ୍ ଏହି ଶବ୍ଦଟି ଆଣିଥିଲା - ପାରା ସୋସିଆଲ। ଏହାକୁ ଏହିପରି ବୁଝନ୍ତୁ ଯେ ସାମାଜିକ କ୍ଷେତ୍ରରେ, କିଛି ଏହି ପାର୍ଶ୍ୱରୁ ହୋଇପାରେ, ସହକିଛି ସେହି ପାର୍ଶ୍ୱରୁ ହୋଇପାରେ। ଏଥିରେ କେବଳ ଏକ ପାଖିଆ ବିଚାରବୋଧ ଆବଶ୍ୟକ ହୋଇଥାଏ।

ସମାଜ ବୈଜ୍ଞାନିକ ରବର୍ଟ ପୁଟନାମ ତାଙ୍କ ସିଦ୍ଧାନ୍ତରେ କହିଛନ୍ତି ଯେ ' ଏବେ ଲୋକମାନେ ଅନ୍ୟମାନଙ୍କ ଉପରୁ ବିଶ୍ୱାସ ହରାଉଛନ୍ତି।' ୧୯୬୦ ଦଶକରେ ବିଶ୍ୱାସ ୫୫ ପ୍ରତିଶତ ଥିଲା, ଓ ୧୯୯୦ ଦଶକରେ ବିଶ୍ୱାସ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ମୁଁ ଦୁଃଖିତ, ମୁଁ ଭାବୁଛି ତୁମେ ପୁଣି ଥରେ ବିଶ୍ୱାସ ଖେଳର ନିୟମ ଗୁଡ଼ିକ ଦେଇ ଯିବା ଉଚିତ୍। ଭାବନ୍ତୁ ଥରେ ଆମେ ଅଜଣା ଲୋକଙ୍କୁ କିପରି ବିଶ୍ୱାସ କରିବା ? ଆମେ ଏକ ରେଷ୍ଟୁରାଣ୍ଟରେ ଅର୍ଡର କରୁ ଓ ବିଶ୍ୱାସ କରୁ ଯେ ୱେଟର ଯେଉଁ ଖାଦ୍ୟ ଆଣନ୍ତି ତାହା ଶୁଦ୍ଧ ଓ ସୁସ୍ଥ ହେବ। ୱେଟର ବିଶ୍ୱାସ କରେ ଯେ ଆପଣ ଭୋଜନ ପରେ ଦେୟ ଦେବେ। ମାଲିକ ବିଶ୍ୱାସ କରନ୍ତି ଯେ ୱେଟର ପ୍ରତିଦିନ ଠିକ୍ ସମୟରେ କାମକୁ ଆସିବେ। ୱେଟର ବିଶ୍ୱାସ କରେ ଯେ ସେ ମାସର ନିର୍ଦ୍ଦିଷ୍ଟ ତାରିଖରେ ତାଙ୍କର ଦରମା ପାଇବେ।

ଆପଣ ମୁଣ୍ଡ ନୁଆଁଇ ଏକ ସେଲୁନରେ ବସି କାମ କରିବାକୁ କଇଁଚି ଉପରେ ବିଶ୍ୱାସ କରନ୍ତି। ଆମେ ପ୍ଲମ୍ବର, ଡ୍ରାଏ କ୍ଲିନର କିମ୍ବା ଡ୍ରାଇଭରଙ୍କ ହାତରେ ଟ୍ୟାପ୍, ପୋଷାକ କିମ୍ବା ଏକ ଗାଡ଼ି ମଧ ଛାଡି ଦେଉଛେ। କିନ୍ତୁ ଯେତେବେଳେ ଆପଣ ଅନଲାଇନରେ ଅର୍ଡର କରନ୍ତି, ସେହି ବିଶ୍ୱାସ ବଦଳିଯାଏ। ଆପଣ ପୂର୍ବରୁ ଦେୟ ଦିଅନ୍ତି। ବିଶ୍ୱାସ କରନ୍ତି ଯେ ଅର୍ଡର ଠିକ୍ ସମୟ ମଧରେ ପହଞ୍ଚିବ। ଅନ୍ୟପକ୍ଷରେ, ଯଦି ଆପଣଙ୍କର ଆଲାର୍ମ ଘଣ୍ଟା ବିଫଳ ହୁଏ ଓ ସମୟ ମଧରେ ବାଜେ ନାହିଁ, ତେବେ ଯଦି ଜଣେ ଘନିଷ୍ଠ ବନ୍ଧୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇଁ ସମୟ ମଧରେ ପହଞ୍ଚି ନପାରେ, ତେବେ "ବିଶ୍ୱାସଘାତ ଓ ନିରାଶା" ର ସମାନ ସମୀକରଣ ପ୍ରଯୁଜ୍ୟ ହେବ କି ?ଅର୍ଥାତ୍ ଗୋଟିଏ ପାର୍ଶ୍ୱରେ ଘଣ୍ଟା ଅଛି, ଅନ୍ୟପଟେ ମଣିଷ ଅଛି। ଜୀବନର ଅସ୍ତିତ୍ୱ କିମ୍ବା ଅନୁପସ୍ଥିତି ସହିତ ବିଶ୍ୱାସ ମଧ ପରିବର୍ତ୍ତନ ହୁଏ।




ଏବେ ନ୍ୟାସନଲ ଆକ୍ଟର ମଡେଲ ବିଷୟରେ ଏକ ଛୋଟ କାହାଣୀ। ଯେତେବେଳେ ଆପଣ ଜାଣନ୍ତି ଯେ କାହାଠାରୁ ଫାଇଦା ଉଠାଇବା ଦ୍ୱାରା ସେମାନଙ୍କର କୌଣସି କ୍ଷତି ହେବ ନାହିଁ, ସେତେବେଳେ ଆପଣ ସେମାନଙ୍କ ବିଶ୍ୱାସର ଅପବ୍ୟବହାର କରନ୍ତି। ଏସଂପର୍କରେ ଡେଭିଡ୍ ଲୁଡେନ୍, ଏକ "ଟ୍ରଷ୍ଟ ଖେଳ"ର ଉଦାହରଣ ଦେଇ କୁହନ୍ତି ମନେକର , "କ କୁ ପାଞ୍ଚ ଟଙ୍କା ଦିଅ ଓ ତାକୁ କୁହ ଯେ ଯଦି ସେ ଖ କୁ ଦିଏ, ତେବେ ପରିମାଣ ଚାରିଗୁଣ ହୋଇଯିବ। ଯଦି ଖ ଙ୍କର କୋଡ଼ିଏ ଅଛି, ତେବେ ସେ କ କୁ ଦଶ ଦେବ।" ତେଣୁ ଉଭୟ ଖେଳ ପାଇଁ ରାଜି ହେବେ। ଶେଷରେ ସେମାନଙ୍କ ପ୍ରତ୍ୟେକଙ୍କ ପାଖରେ ଦଶ ଟଙ୍କା ରହିବ, ଯାହା ମୂଳ ପାଞ୍ଚ ଟଙ୍କା ଅପେକ୍ଷା ଅଧିକ। କିନ୍ତୁ ଯଦି ସେମାନଙ୍କୁ ସମାନ କଥା କୁହାଯାଏ, "ଲଟେରୀରେ ପାଞ୍ଚ ଟଙ୍କା ପରାଜିତ କର। ଜିତିବା କିମ୍ବା ହାରିବାର ପଚାଶ-ପଚାଶ ସମ୍ଭାବନା ରହିବ, ଯାହା ପଚାଶ ପ୍ରତିଶତ ହୋଇପାରେ।" ତା'ପରେ, ହୁଏତ, କେହି ରାଜି ହେବେ ନାହିଁ। କାରଣ ? ଲଟେରୀ ଜଣେ ବ୍ୟକ୍ତି ନୁହେଁ। ଜଣେ ବ୍ୟକ୍ତି ଏକ ନିର୍ଜୀବ ବସ୍ତୁ ଖେଳ ଅପେକ୍ଷା ଜଣେ ଅଜଣା ବ୍ୟକ୍ତିକୁ ଅଧିକ ବିଶ୍ୱାସ କରିପାରିବେ। ଲଟେରୀ କିମ୍ବା ଘଣ୍ଟା ପାଇଁ ସେମାନଙ୍କର ଆଶା ଓ ନିରାଶା ସମ୍ପୂର୍ଣ୍ଣ ଭିନ୍ନ।

ଆମେ ଦାନ ମଧ କରୁ କାରଣ ଏହା ଭଲ ଲାଗେ। ଆମକୁ ଏହା ଏହିପରି କରିବା ଉଚିତ୍। ସାମୂହିକ ବିଶ୍ୱାସର ଏହି କାନ୍ଥରେ ଠିଆ ହୋଇ, ଆମେ ବିଶ୍ୱାସର ଝଲକ ଦେଖିପାରୁ। ସନ୍ଦେହର ଲାଭ କେବଳ ସେତେବେଳେ ମିଳିଥାଏ , ଯେତେବେଳେ ଲାଭର ନିଶ୍ଚିତତା ଥାଏ।

ଯେତେବେଳେ ବିଶ୍ୱାସ ସଙ୍କୁଚିତ ହୁଏ, ସେତେବେଳେ ଅସ୍ତିତ୍ୱ ସଙ୍କୁଚିତ ହୋଇଯାଏ। ଏହି ସମୟ ମଧରେ, ମାନବ ଆକାଂକ୍ଷା ଓ ଆଧାତ୍ମିକ ଦ୍ୱନ୍ଦ୍ୱର ବିରଳ ପ୍ରତିଛବି ମଧ ରୂପାନ୍ତରିତ ହୁଏ। ଆମେରିକା ଦ୍ୱାରା ପରିତ୍ୟକ୍ତ, ରୁଷର ଆକ୍ରମଣ ଓ ଚୀନର ଦାଦାଗିରି ମଧରେ ୟୁରୋପ ଖାଦ୍ୟରେ ନିଜର ପରିଚୟ ଓ ଶକ୍ତି ଖୋଜୁଛି। ସମ୍ପ୍ରତି ଇଟାଲୀର କୃଷି ମନ୍ତ୍ରୀ ଯେତେବେଳେ ଜାଣିଲେ ଯେ ବ୍ରସେଲ୍ସର ଏକ ଦୋକାନରେ ପ୍ରସ୍ତୁତ କାର୍ବୋନାରା ସସ୍ ବିକ୍ରି ହେଉଛି, ଯାହାର ମୌଳିକ ଉପାଦାନ ରେସିପି ଠାରୁ ଭିନ୍ନ ଥିଲା, ସେତେବେଳେ ସେ କ୍ରୋଧିତ ହୋଇଗଲେ। ସେ କହିଲେ "କାରବୋନାରାକୁ କ୍ରିମ୍ ସହିତ କିପରି ବିକ୍ରୟ କରାଯାଇପାରିବ। ପିଜାରେ ପାଇନ୍ ଆପଲ୍ କିପରି ହୋଇପାରେ ? ପ୍ରତ୍ୟେକଙ୍କ ନିଜସ୍ୱ ଅନନ୍ୟ ରେସିପି ଅଛି।" ୟୁରୋପ, ତାର ମୁଦ୍ରା ଓ ଆଇନକୁ ଏକୀକୃତ କରିବାକୁ ପ୍ରସ୍ତୁତ, କାହିଁକି ଖାଦ୍ୟ ଦ୍ୱାରା ଏତେ ଥରହର ହେଉଛି ? କାରଣ ଏହା ଏଥିରେ ଅସ୍ତିତ୍ୱର ଅବଶିଷ୍ଟ ସ୍ଥାନ ଦେଖେ। ଏହା ଆତ୍ମ-ସଂରକ୍ଷଣର ଏକ ସଭ୍ୟତାମୂଳକ ଉପାୟ। ବିଶ୍ୱର ସର୍ବାଧିକ ରୋଜଗାର କରୁଥିବା ୟୁଥ ଟ୍ୟୁବର ( YouTuber) , ମିଷ୍ଟର ବିଷ୍ଟ, ପ୍ରସିଦ୍ଧ ଯାଦୁକର ଡେଭିଡ ବ୍ଲେନଙ୍କ ଏକ ଷ୍ଟଣ୍ଟର ଏକ କପି ସୁଟିଂ କରିଥିଲେ, ଯାହା ୨୮୫ ନିୟୁତ ଭ୍ୟୁ ହାସଲ କରିଥିଲା। ତେବେ ପ୍ରକୃତ ଯାଦୁକର କିଏ ? ମିଷ୍ଟର ବିଷ୍ଟ ନା ଡେଭିଡ ବ୍ଲେନ ?

ଅତଏବ ଜୀବନ ଆମକୁ ଶିଖାଏ "ମୁଁ" ଏକମାତ୍ର ବାସ୍ତବ ନୁହେଁ। ଯେତେବେଳେ ଆମେ ବୁଝିପାରୁ ଯେ ଅନ୍ୟମାନଙ୍କର ଦୁଃଖ ସୁଖ ଆମ ନିଜ ଦୁଃଖ ସୁଖ ପରି ବାସ୍ତବ, ସେତେବେଳେ ଆମର ଆଗ୍ରହ ବ୍ୟକ୍ତିଗତ କ୍ଷେତ୍ର ବାହାରକୁ ସାମାଜିକ ଦିଗନ୍ତକୁ ବିସ୍ତାରିତ ହୁଏ। ଆମମନେ ରଖିବାକୁ ହେବ ଜୀବନର ଉଦ୍ଦେଶ୍ୟ ବିଜୟ ନୁହେଁ, ବରଂ ବିସ୍ତାର।

ମଣିଷ ଜୀବନ ପ୍ରାରମ୍ଭରେ ଆମର ଆତ୍ମବିଶ୍ୱାସ ଚାରିପାଖରେ ଘୂରି ବୁଲେ। ପିଲାଦିନେ ଆମର ଦୁନିଆ ଛୋଟ ଓ ସ୍ପଷ୍ଟ। ମୁଁ , ମୋର ଘର, ମୋର ଇଚ୍ଛା, ମୋର ଆବଶ୍ୟକତା ଇତ୍ୟାଦି। ଚେତନାରେ ପ୍ରତ୍ୟେକ ପ୍ରତିବନ୍ଧକ ଏକ ଆହ୍ୱାନ ପରି ମନେ ହୁଏ, ପ୍ରତ୍ୟେକ ମୋଡ଼ ଏକ ସଂଘର୍ଷ ପରି ଲାଗେ। ଯାହା ସ୍ୱାଭାବିକ, କାରଣ ଏହା ଆମକୁ ପରିଚୟ ଦିଏ, ଆମକୁ କିପରି ଚାଲିବାକୁ ହେବ ଶିଖାଏ ଓ ଆଗକୁ ବଢ଼ିବାର ସାହସ ଦିଏ। ଏହି ଆତ୍ମବିଶ୍ୱାସ ଶକ୍ତି ବିନା ବିକାଶ ଅସମ୍ଭବ। ଯୁବକ



ଅବସ୍ଥାରେ ଆମେ ନିଜକୁ ପ୍ରମାଣ କରିବାକୁ ଚାହୁଁ। ବିଶ୍ୱରେ ଆମର ଅସ୍ତିତ୍ୱ ଘୋଷଣା କରିବାକୁ ଚାହୁଁ । ଏହା ସୃଷ୍ଟି ଓ କ୍ଳାନ୍ତିର ସମୟ। ଆମେ କାନ୍ଥ ନିର୍ମାଣ କରୁ କାରଣ ଆମେ ବିଶ୍ୱାସ କରୁ ଯେ ସେ ଆମର ସୁରକ୍ଷା। ଏହି ଶବ୍ଦ, ଏହି ସଂଘର୍ଷ, ସେହି ଶକ୍ତି ଯାହା ଆମକୁ ଆମର ସୀମା ସହିତ ପରିଚିତ କରାଏ। ଅଭିଜ୍ଞତା ସହିତ ନଦୀ ପରି ପ୍ରଶସ୍ତ ହେବାକୁ ଆରମ୍ଭ କରେ।

ଜୀବନ ଆମକୁ ଶିଖାଏ ଯେ "ମୁଁ" ଏକମାତ୍ର ବାସ୍ତବତା ନୁହେଁ। ଯେତେବେଳେ ଆମେ ବୁଝିପାରୁ ଯେ ଅନ୍ୟମାନଙ୍କ ଦୁଃଖ ସୁଖ ଆମ ନିଜ ପରି ବାସ୍ତବ, ଆମର ସ୍ୱାର୍ଥ ବ୍ୟକ୍ତିଗତ କ୍ଷେତ୍ର ବାହାରେ ଓ ସାମାଜିକ ଦିଗନ୍ତରେ ବିସ୍ତାରିତ ହୁଏ। ଆମେ ପରିବାର, ସମାଜ, ଧାରଣା ଓ ଶେଷରେ ମାନବିକତା ବିଷୟରେ ଚିନ୍ତା କରିବା ଆରମ୍ଭ କରୁ। ସେହି ଧାରଗୁଡ଼ିକ ହ୍ରାସ ପାଏ, ପ୍ରବାହ ଶାନ୍ତ ହୁଏ ଓ ବୁଝାମଣା ଦ୍ୱାରା ଦ୍ୱନ୍ଦ୍ୱର ସ୍ଥାନ ନିଆଯାଇଥାଏ। ଏହି ପରିପକ୍ୱ ଅବସ୍ଥାରେ ଏକ ଗଭୀର ଶାନ୍ତି ଜନ୍ମ ନିଏ। ଜୀବନ ଆଉ ଏକ ଯୁଦ୍ଧକ୍ଷେତ୍ର ପରି ମନେ ହୁଏ ନାହିଁ, ବରଂ ଏକ ଅର୍ଥପୂର୍ଣ୍ଣ ଯାତ୍ରା ପରି ମନେ ହୁଏ। ଆମେ ଅନୁଭବ କରୁଛୁ ଯେ ସବୁକିଛି ନିୟନ୍ତ୍ରଣ କରିବା ସମ୍ଭବ କିମ୍ବା ଆବଶ୍ୟକ ନୁହେଁ। ଗ୍ରହଣ ଜ୍ଞାନରେ ପରିଣତ ହୁଏ।

ଜୀବନର ଶେଷ ଭାଗରେ ଯେତେବେଳେ ଅହଂକାରର କାନ୍ଥ ସମ୍ପୂର୍ଣ୍ଣ ପତିତ ହୁଏ, ସେତେବେଳେ ଯାହା ରହେ ତାହା ହେଉଛି ଶୁଦ୍ଧ ଚେତନା, ନଦୀର ସମୁଦ୍ରରେ ମିଶ୍ରଣ। ଏଠାରେ ବ୍ୟକ୍ତି କିଛି ହରାଇ ନଥାଏ ବରଂ ସବୁକିଛିକୁ ଘେରି ରହିଥିବା ଅନନ୍ତତାକୁ ପ୍ରାପ୍ତ କରେ। ଏହା ହେଉଛି ଜୀବନର ବିଶ୍ୱାସନୀୟତା ପୂର୍ଣ୍ଣତା। ଯେଉଁଠାରେ ବ୍ୟକ୍ତିଗତ ସୀମା ଲୁପ୍ତ ହୋଇ ସାର୍ବଭୌମ ଜୀବନରେ ରୂପାନ୍ତରିତ ହୁଏ। ଶେଷରେ, ଯାତ୍ରା "ମୁଁ" ରୁ "ଆମେ" ଓ ତା'ପରେ "ସମସ୍ତେ" ଆଡ଼କୁ ଗତି କରେ ଓ ଏହି ଆତ୍ମବିଶ୍ୱାସର ବିସ୍ତାରରେ, ଜୀବନ ଏହାର ଅର୍ଥ, ମର୍ଯ୍ୟାଦା ଓ ପ୍ରକୃତ ଗଭୀରତା ପାଇଥାଏ।

ଥରେ ମୋ ପ୍ରିୟ ପାଠକ/ ପାଠିକା ଭାବନ୍ତୁ। ତୁମ ଭିତରେ ଆତ୍ମବିଶ୍ୱାସର ପ୍ରଥମ ସ୍ଫୁଲିଙ୍ଗକୁ ମନେପକାଇ ନିଅ। ତୁମେ ଡେଭିଡ୍ ବ୍ଲେନଙ୍କ ସହିତ ଯିବ ନା ନିଜ ବିଶ୍ୱାସ ରହିବ। ନୂତନ ବର୍ଷ- ୦୨୬ରେ ପ୍ରକାଶିତ ମୋ ଦୁଇଟି ଆଲେଖ୍ୟ ନୂତନ ବର୍ଷ ସଂକଳ୍ପର ବର୍ଷ ହେଉ ଓ ଅନ୍ୟ ଆଲେଖ୍ୟ ନୂତନ ବର୍ଷ ଆତ୍ମ ବିଶ୍ୱାସର ହେଉ ଭିତରେ ଥିବା ପାର୍ଥକ୍ୟକୁ ଆଶା ପ୍ରଶ୍ନ କର୍ତ୍ତା ମୋର ସହୃଦୟ ବନ୍ଧୁ ଗଣ ପ୍ରଦତ୍ତ ଆଲୋଚନାରୁ ମୋତେ ବୁଝିବାରେ ସମର୍ଥ ହେବେ, ଶୁଭେଚ୍ଛା...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪୭୫

## ନିର୍ଦ୍ଧାରିତ ସମୟରେ ହେବ ପଞ୍ଚାୟତ ନିର୍ବାଚନ



**ଭୁବନେଶ୍ୱର, ୨୫।୧ (ସଂଚାର ବ୍ୟୁରୋ):** ନିର୍ଦ୍ଧାରିତ ସମୟରେ ହେବ ପଞ୍ଚାୟତ ନିର୍ବାଚନ। ୫ ବର୍ଷ କାର୍ଯ୍ୟକାଳ ସରିଲେ ହେବ ପଞ୍ଚାୟତ ନିର୍ବାଚନ। ଏନେଇ ଆଜି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ। ସମୟ ଆସିଲେ ପଞ୍ଚାୟତ ନିର୍ବାଚନ ନେଇ ନିଷ୍ପତ୍ତି ହେବ। ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। ସବଡିଭିଜନ ସ୍ତରରେ ପ୍ରସ୍ତୁତି ଚାଲିଛି। ୧୦ ଦିନ ଭିତରେ ଜିଲ୍ଲାପାଳଙ୍କ ସହ ବୈଠକ ହୋଇଛି। ବୁଥ୍, ବାଲଟ ବକ୍ସ ସହ ଯାହା ଯାହା ଆବଶ୍ୟକ କାମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତ ନିର୍ବାଚନକୁ ଅଳ୍ପ ସମୟ ଥିବାରୁ ଉପନିର୍ବାଚନ ପାଇଁ ନିଷ୍ପତ୍ତି ହୋଇନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ଭୋଟର ସର୍ଭେ ହେବ। ଆବଶ୍ୟକ ମାର୍ଚ୍ଚ ସୁଦ୍ଧା ଭୋଟର ସର୍ଭେ ସରିବ ବୋଲି ସେ କହିଛନ୍ତି। ଜନଗଣନା ପାଇଁ ମାସେ ବିଳମ୍ବିତ ହୋଇପାରେ ଭୋଟର ସର୍ଭେ। ଏସଆଇଆର ସହ ଏହି ସର୍ଭେର କୌଣସି ସମ୍ପର୍କ ନାହିଁ। ଆବଶ୍ୟକସ୍ଥଳେ ବୁଥ ପୁନର୍ଗଠନ ହୋଇପାରେ। ଭୋଟରଙ୍କ ନିକଟରେ ହିଁ ବୁଥ ବ୍ୟବସ୍ଥା କରିବା ପ୍ରାଥମିକ ଲକ୍ଷ୍ୟ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ସାହସିକତା ଓ ସେବା ପଦକ ବିଜେତାଙ୍କ ନାମ ଘୋଷଣା

# ଓଡ଼ିଶାର ୨୬ ଜଣ ମନୋନୀତ



**ପୁଲିସ୍ ସେବା ପାଇଁ ସର୍ବାଧିକ ୧୭ ଜଣ**

**ନୂଆଦିଲ୍ଲୀ,୨୫।୧:** ଓଡ଼ିଶାର ମୋଟ୍ ୨୬ ଜଣଙ୍କୁ ସାହସିକତା ଓ ସେବା ପଦକ ମିଳିଛି। ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶର ମୋଟ ୯୮୨ ଜଣଙ୍କୁ ସାହସିକତା ଓ ସେବା ପଦକ ପ୍ରଦାନ କରାଯିବାକୁ ଥିବା ବେଳେ ଏଥିରେ ଓଡ଼ିଶାର ୧୭ ଜଣଙ୍କୁ ପୁଲିସ୍ ସେବା, ୪ ଜଣଙ୍କୁ ଅଗ୍ନି ସେବା, ୩ ଜଣଙ୍କୁ ଗୃହରକ୍ଷୀ ସେବା ଓ ୨ ଜଣଙ୍କୁ କାରାଗାର ସେବା ସକାଶେ ଏହି ପଦକ ପ୍ରଦାନ କରାଯାଉଛି। ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ଡମାଙ୍ଗ, ଏଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହାଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି ମନୋନୀତ ହୋଇଛନ୍ତି। ସେହିପରି ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରଭାକ ମହାନ୍ତି ଓ ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ଆହୁରି ସାହସିକତା ପଦକ ପାଇବାକୁ ଓଡ଼ିଶା ପୁଲିସ ଅତୁଲକୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣେନ୍ଦ୍ର ପ୍ରଧାନ, କନଷ୍ଟେବଲ ଅଭିର ମାଝୀ ଓ ଘନଶ୍ୟାମ ସାହୁ ମନୋନୀତ ହୋଇଥିବା ଜଣାପଡ଼ିଛି। ଜୀବନ ଓ ସମ୍ପତ୍ତି ରକ୍ଷା, ଅପରାଧ ନିୟନ୍ତ୍ରଣ କିମ୍ବା ଅପରାଧୀମାନଙ୍କୁ ଧରିବାରେ ଅସାଧାରଣ ସାହସିକତା ଏବଂ ଉଲ୍ଲେଖନୀୟ ସାହସିକତା କାର୍ଯ୍ୟ ପାଇଁ ସାହସିକତା ପଦକ ପ୍ରଦାନ କରାଯାଇଆସିଛି।

୧୨୫ ସାହସିକତା ପୁରସ୍କାର ବିଜେତାଙ୍କ ମଧ୍ୟରେ ୩୧ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ, ୪୫ ଜଣ ଜମ୍ମୁ କଶ୍ମୀର କ୍ଷେତ୍ରର, ୫ ଜଣ ଉତ୍ତର-ପୂର୍ବର ଏବଂ ୪୦ ଜଣ ଅନ୍ୟାନ୍ୟ ଅଞ୍ଚଳରେ କରିଥିବା ସେମାନଙ୍କ ସାହସିକତା କାର୍ଯ୍ୟ ପାଇଁ ପୁରସ୍କୃତ ହେବ। ୧୨୫ ସାହସିକତା ପଦକ ମଧ୍ୟରୁ ୧୨୧ ଜଣ ପୁଲିସ କର୍ମଚାରୀ ଏବଂ ୪ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ପ୍ରଦାନ କରାଯିବ। ବିଶିଷ୍ଟ ସେବା ଲାଗି ରାଷ୍ଟ୍ରପତିଙ୍କ ପଦକ ବିଶେଷ ଭାବେ ବିଶିଷ୍ଟ ରେକର୍ଡ ପାଇଁ ପ୍ରଦାନ କରାଯାଏ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦ୍ୱାରା ଗୁଣାତ୍ମକ ସେବା ନିମନ୍ତେ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଏ। ବିଶିଷ୍ଟ ସେବା ପାଇଁ ମୋଟ ୧୦୧ଟି ରାଷ୍ଟ୍ରପତିଙ୍କ ପଦକ ମଧ୍ୟରୁ ୮୯ଟି ପୁଲିସ ସେବା ପାଇଁ, ୫ଟି ଅଗ୍ନିଶମ ସେବା, ୩ଟି ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ସେବାକୁ ଏବଂ ୪ଟି ସଂସ୍ଥାରମୂଳକ ସେବା ପାଇଁ ପ୍ରଦାନ କରାଯିବ। ସେହିପରି ମୋଟ ୭୫୬ଟି ପ୍ରଶଂସନୀୟ ସେବା ପଦକ ମଧ୍ୟରୁ ୬୬୪ଟି ପୁଲିସ ସେବାକୁ, ୩୪ଟି ଅଗ୍ନିଶମ ସେବାକୁ, ୩୩ଟି ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସେବା ଏବଂ ୨୫ଟି ସଂସ୍ଥାରମୂଳକ ସେବା ପାଇଁ ପ୍ରଦାନ କରାଯିବ।

● ଆନନ୍ଦପୁରରେ ଲୋମଟାଙ୍କୁରା ହତ୍ୟାକାଣ୍ଡ

## କୁରାଢ଼ୀରେ ୩ ଜୀବନ ନେଲା ଭାଇ

### ଦୌଡ଼ି ପଳାଇବାରୁ ବଞ୍ଚିଗଲେ ଦୁଇ ଭଉଣୀ

**ଆନନ୍ଦପୁର,୨୫।୧(ସଂଚାର ବ୍ୟୁରୋ):** ପାରିବାରିକ ସମ୍ପର୍କରେ କଳହ ଦେଖାଯିବା ପରେ ଏହା ଉଗ୍ରରୂପ ଧାରଣ କରିଛି। ଅତୀତର ସ୍ନେହ ମମତା ଭୁଲିଯାଇ ବଡ଼ ଭାଇ ଉଗ୍ରରୂପ ଧାରଣ କରି ଘଟାଇଛି ମହାପାପ। କୁରାଢ଼ୀରେ ସାନଭାଇ, ବୋହୂ ଓ ଝିଆରୀଙ୍କୁ ଅତି ନୃଶଂସ ଭାବେ ହତ୍ୟା କରି ତା'ର ପରିବାର ଉଜାଡ଼ିଦେବାକୁ ଭରପୂର ଉଦ୍ୟମ କରିଥିଲା। କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅଧୀନସ୍ଥ ଖାଳିଆମେଣ୍ଟା ପଞ୍ଚାୟତର ନିଆଳିଝରଣ ଗ୍ରାମରେ ଆଜି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକମାନେ ହେଲେ ଜିତେନ୍ଦ୍ର ସୋରେନ (୪୫), ଜିତେନ୍ଦ୍ରଙ୍କ ପତ୍ନୀ ମାଳତୀ (୩୫) ଓ ସେମାନଙ୍କର ଝିଅ ସସ୍ମିତା (୧୫)। ପୁଲିସର କହିବାନୁସାରେ, ଖାଳିଆମେଣ୍ଟା ପଞ୍ଚାୟତ ଅଧୀନ ନିଆଳିଝରଣ ଗ୍ରାମରେ ରାମ ସୋରେନ ଏବଂ ଜିତେନ୍ଦ୍ର ସୋରେନଙ୍କ ପରିବାର ରୁହନ୍ତି। ତେବେ ପାରିବାରିକ ପ୍ରସଙ୍ଗକୁ ନେଇ ଦୁଇ ଭାଇଙ୍କ ପରିବାର ମଧ୍ୟରେ ବହୁଦିନ ହେଲା ମତମତାନ୍ତର ଦେଖାଯାଉଥିଲା, ଯାହା ଆଜି ଉଗ୍ରରୂପ ନେଇଥିଲା। ରାମ (୫୨) ତା'ର ଜଣେ ପୁତୁରା ଲକ୍ଷ୍ମଣ ସହ ମିଶି ଜିତେନ୍ଦ୍ର, ଧର୍ମପତ୍ନୀ ମାଳତୀ ଓ ଝିଅ ସସ୍ମିତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ବାପା, ମା' ଓ ଭଉଣୀଙ୍କୁ ବଡ଼ବାପା ଟାଙ୍ଗିଆରେ ଅତି ନାରକୀୟ ଭାବେ ହାଣୁଥିବା ବେଳେ ଭୟଭୀତ ହୋଇ ଜିତେନ୍ଦ୍ରଙ୍କ ଅନ୍ୟ ୨ ଝିଅ ସେଠାରୁ ପ୍ରାଣ ବିକଳରେ ପଳାଇଯାଇଥିଲେ। ଫଳରେ ସେମାନେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଗ୍ରାମବାସୀଙ୍କଠାରୁ ଏନେଇ ସୂଚନା ପାଇଁ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଏଥିସହ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଏପରି ଏକ ନାରକୀୟ କାଣ୍ଡ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଓଡ଼ିଶା ବନ୍ଦକୁ ସଫଳ କରିବାକୁ ଆହ୍ୱାନ

**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କ ୩ ଦଫା (ପ୍ରଦୂଷଣ, ଧାନମଣ୍ଡି ଅବ୍ୟବସ୍ଥା, ଟାଟା ପାୱାର ଯନ୍ତ୍ରଣା) ଦାବି ନେଇ ଆସନ୍ତା ୨୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି ନବନିର୍ମାଣ ଯୁବ ଛାତ୍ର ସଂଗଠନ। ଆଜି ସଂଗଠନର ରାଜ୍ୟ ସଂଯୋଜକ ଏମଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ କାର ର୍‌ୟାଲି ଓ ପ୍ରଚାର କରି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବନ୍ଦକୁ ସମସ୍ତେ ସମର୍ଥନ ଜଣାଇବା ସହ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିବା ପାଇଁ ନିବେଦନ କରାଯାଇଛି। ଏହି ର୍‌ୟାଲିରେ ଅମିତ ଜେନା, ଏସ୍‌କେ ହେଦାଇ, ଆୟୁଷ ଦାସ, ଏମଡି ଇମ୍‌ତିଆଜି, ଶ୍ରୁତିରଞ୍ଜନ ସାମଲ, ଯଶୋବନ୍ତ ଦାସ, ରାକେଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିଷ୍ଠା ଉତ୍ସବର ଦିନକ ପରେ ମନ୍ଦିରରୁ ଚୋରି

## ଲୁଟିନେଲେ ସୁନା, ରୁପା ଅଳଙ୍କାର

**ବରଗଡ଼,୨୫।୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ବିଜେପୁର ଆନନ୍ଦନଗରରେ ଅବସ୍ଥିତ ନବନିର୍ମିତ ମା' ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗତ ୨୩ ତାରିଖରେ ସରିଛି। ମାତ୍ର ପ୍ରତିଷ୍ଠା ଉତ୍ସବର ଦିନକ ପରେ ଅର୍ଥାତ୍ ଗତ ୨୪ ତାରିଖ ବିଳମ୍ବିତ ରାତିରେ ମା'ତାରିଣୀଙ୍କ ସୁନା, ରୂପା ଅଳଙ୍କାରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏହି ଘଟଣା ଭକ୍ତଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି।ଦୁର୍ବୃତ୍ତମାନେ ୬୦୦ ଗ୍ରାମ ରୁପା ନିର୍ମିତ ଛତ୍ର, ୪ ଗ୍ରାମ ସୁନାରେ ତିଆରି ମଙ୍ଗଳସୂତ୍ର, ପ୍ରଲେପ ଦିଆ ହୋଇଥିବା ରୁପା ହାର, ରୁପାରେ ତିଆରି ସିନ୍ଦୂର ଫରୁଆ ନେଇ ଯାଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପୁଲିସ ଘଟଣାସ୍ଥଳକୁ ଅନୁସନ୍ଧାନୀ କୁକୁର ସହିତ ପହଞ୍ଚି ତନାଘନା ଆରମ୍ଭ କରିଛି।

ଆଭାସୀରେ ଯୋଗଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ୪୩ କୋଟିର ରେଳ ଓଭର ବ୍ରିଜ ଲୋକାର୍ପିତ



**ତାଳଚେର/ଅନୁଗୋଳ, ୨୫।୧ (ସଂଚାର ବ୍ୟୁରୋ):** ତାଳଚେର ଅଞ୍ଚଳର ଯୋଗାଯୋଗ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆଜି ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ତାଳଚେର-ଅନୁଗୋଳ ରୋଡ଼ରେ ନିର୍ମିତ ବହୁପ୍ରତୀକ୍ଷିତ ଘଣ୍ଟପଡ଼ା ରେଳ ଓଭର ବ୍ରିଜର ଲୋକାର୍ପଣ କରିଛନ୍ତି। ପ୍ରାୟ ୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଫ୍ଲାଏଓଭର ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ସହ ବିକାଶକୁ ଗତିଶୀଳ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ତାଳଚେର-ଅନୁଗୋଳ ରୋଡ୍ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ମେରୁଦଣ୍ଡ। ଏହି ରୋଡ୍ କୋଇଲା ଖଣି, ଶିଳ୍ପାଞ୍ଚଳ, ଶିକ୍ଷାନୁଷ୍ଠାନ ଓ ମେଡିକାଲକୁ ସଂଯୋଗ କରିଛି। ପୂର୍ବରୁ ହାଣ୍ଡିଧୁଆ ନିକଟରେ ରେଳ ଫାଟକ ରହିଥିବାରୁ ଲୋକଙ୍କୁ ୪୫ ମିନିଟ୍‌ରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିଲା। ମାଲ୍‌ବାହୀ ଟ୍ରେନ୍‌ର ଅଧିକ ଯାତାୟାତ ଯୋଗୁଁ ଏହି ଫାଟକ ପ୍ରାୟତଃ ବନ୍ଦ ରହୁଥିବାରୁ ଅଧିକ ସମୟ ଧରି ଟ୍ରାଫିକ୍ ଜାମ୍ ହେଉଥିଲା। ପ୍ରାୟ ୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଫ୍ଲାଏଓଭର ମାଧ୍ୟମରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ଓ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏବେ ଏହି ଓଭର ବ୍ରିଜ୍ ଫଳରେ ଯାତ୍ରା ସହଜ ଓ ସୁରକ୍ଷିତ ହୋଇଛି। ଏହି ଓଭରବ୍ରିଜ୍ ଯୋଗୁଁ ତାଳଚେର ସବ୍-ଡିଭିଜନର ୮ଟି ଗ୍ରାମ ପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଞ୍ଚଳର ପ୍ରାୟ ୪୦ ହଜାରରୁ ଅଧିକ ଜନସାଧାରଣ ଉପକୃତ ହେବେ। ଘଣ୍ଟପଡ଼ା, ହାଣ୍ଡିଧୁଆ, ତାଳଚେର ଟାଉନ୍, ନାଲ୍‌କୋ, କୁଲାଡ଼, ଡେରା, ବଳରାମପ୍ରସାଦ ଓ ଜଗନ୍ନାଥପୁର ଭଳି ଅଞ୍ଚଳର ବାସିନ୍ଦା, ବିଶେଷକରି ଶ୍ରମିକ, ଛାତ୍ରଛାତ୍ରୀ ଓ ରୋଗୀ ନିରନ୍ତର ଯାତାୟାତ ସୁବିଧା ପାଇବେ। ଏହି ଓଭର ବ୍ରିଜ୍ କେବଳ ଦୂରତା କମାଇବ ନାହିଁ, ବରଂ ଅଞ୍ଚଳର ଆର୍ଥିକ ବିକାଶକୁ ନୂତନ ଗତି ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ତାଳଚେର ଓ ଅନୁଗୋଳ ହେଉଛି ଓଡ଼ିଶାର 'ଅଭିବୃଦ୍ଧି ଇଞ୍ଜିନ'। ଏହି ଅଞ୍ଚଳର ବିକାଶ ହେଲେ ହିଁ ଓଡ଼ିଶା ଓ ଦେଶର ବିକାଶ ସମ୍ଭବ ହେବ। ଏଥିସହ ଏହି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

● ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରସଙ୍ଗ

## ସରକାରଙ୍କ ଉପରେ ବର୍ଷିଲା ବିଜେଡି



**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜେଡି ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛି। ସ୍ଥାନୀୟ ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର କୃଷକ ସେଲର ଆବାହକ ତଥା ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଡ. ଅରୁଣ କୁମାର ସାହୁ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ବଖାଣିଥିଲେ। ଏହି ପ୍ରସଙ୍ଗରେ ଶ୍ରୀ ମିଶ୍ର କହିଥିଲେ, ବିଜେପିର ପ୍ରତିଶ୍ରୁତିର ଖିଲାପ ପରେ ଚାଷୀମାନଙ୍କୁ ସାର ମୁଠାଏ ମିଳିଲା ନାହିଁ। ଅମଳ ପରେ ସରକାର ଧାନକିଣା ପ୍ରକ୍ରିୟା ସଠିକ ଭାବେ ହୋଇପାରୁନାହିଁ। ସେହିପରି ବିଜେପି ଶାସନ ଭାର ହାତକୁ ନେବା ପରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

ସେହିପରି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୨୯ ପ୍ରତିଶତ ଚାଷୀଙ୍କଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନରୁ ମାତ୍ର ୨୫ ଲକ୍ଷ ମେଟ୍ରିକ ଟନ ତଥା ୩୪ ପ୍ରତିଶତ ଧାନକିଣା ଯାଇଛି, ଯାହା ସରକାରଙ୍କ ବିଫଳତାର ନିଦର୍ଶନ। ରାଜ୍ୟର ଜଳସେଚିତ ଅଞ୍ଚଳଗୁଡିକରେ ଏବେ ଡାଲୁଅ ଧାନ ଚାଷ ଆରମ୍ଭ ହୋଇ ଗଲାଣି। ସରକାରଙ୍କ ଖରିଫ ଧାନ କିଣା ଶେଷ ହେଲା ନାହିଁ। ଏବେ, ସରକାର ଏହି ଧାନ କିଣା ମାର୍ଚ୍ଚ ଯାଏ ଚାଲିବ ବୋଲି କହୁଛନ୍ତି। କିନ୍ତୁ ଓଡ଼ିଶା ତୁଳନାରେ ଛତିଶଗଡ଼ ଅଧିକ ଧାନ ସଂଗ୍ରହ କରିପାରିଛି। ତେଣୁ ସରକାରଙ୍କ ବିଫଳତା ରାଜ୍ୟର ଅର୍ଥନୀତି ଉପରେ କୁପ୍ରଭାବ ପକାଇବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ତଥା ଦଳର ପିଏସି ସଦସ୍ୟ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ ଉପସ୍ଥିତ ଥିଲେ।

ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୬

# ଓଡ଼ିଶୀ ରସରେ ଦର୍ଶକ ବିମୁଗ୍ଧ



**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଦ୍ୱାରା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହଯୋଗରେ ଓଡ଼ିଶୀ ନୃତ୍ୟର ଆକର୍ଷଣୀୟ ପ୍ରଦର୍ଶନ ସହ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ-୨୦୨୬ ଆଜି ଉଦ୍‌ଯାପିତ ହୋଇଛି। ଏହି ନୃତ୍ୟ ଉତ୍ସବରେ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ ଦ୍ୱାରା ଦଶମ ଶତାବ୍ଦୀର ସ୍ମାରକୀ ବହନ କରିଥିବା ମୁକ୍ତେଶ୍ୱର ମନ୍ଦିର ବେଶ୍ ଜୀବନ୍ତ ହୋଇଉଠିଥିଲା।

ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିବ ବନ୍ଦନା 'ଜାଗ ମହେଶ୍ୱର ଯୋଗୀ ଦିଗମ୍ବର ତାଣ୍ଡବ ରଙ୍ଗ ବିହାରୀ'ରୁ। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ରାଗ- କଳାବତୀ ଏବଂ ତାଳ- ଝମ୍ପାରେ କଳାବତୀ ପଲ୍ଲବୀ ସହ ତାଙ୍କ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯୁଗଳବନ୍ଦୀରେ ସୟାନୀ ଚକ୍ରବର୍ତ୍ତୀ ଓ ଶୁଭମ କୁମାର ଓଝା ଶିବମଧିମୟୀ ପରିବେଷଣ କରିଥିଲେ। ଗୁରୁ ଡକ୍ଟର ଅରୁଣା ମହାନ୍ତି ଏହି ନୃତ୍ୟର ନିର୍ଦ୍ଦେଶନା ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ଶେଷ ଉପସ୍ଥାପନାରେ ଗୁରୁ ପଙ୍କଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନର ଶିଳ୍ପୀ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ବିଶ୍ୱେଶ୍ୱର ବନ୍ଦନା, ଶୁଭ ମଙ୍ଗଳାଚରଣ ଏକ ଆବାହନ। ଶେଷରେ ଜୟଦେବଙ୍କ ରଚିତ ଗୀତ ଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ ଚନ୍ଦନ ଚର୍ଚ୍ଚିତ ପରିବେଷିତ ହୋଇଥିଲା, ଯାହାର ସଙ୍ଗୀତ ସଂଯୋଜନା ଗୁରୁ ଶ୍ରୀନିବାସ ଶତପଥି, ତାଳ ସଂଯୋଜନା ଗୁରୁ ବିଜୟ କୁମାର ବାରିକ ଏବଂ ନୃତ୍ୟ ସଂରଚନା ଗୁରୁ ପଙ୍କଜ କୁମାର ପ୍ରଧାନ କରିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାର ଅତିଥି ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦି, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ କୁମକୁମ ମହାନ୍ତି, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସମ୍ପାଦିକା ଗୁରୁ ଡକ୍ଟର ଅରୁଣା ମହାନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ ଓ ଡକ୍ଟର ନାଜିଆ ଆଲାମ୍।

## ଲାଡ୍ଡା-ଜେମାଦେଇପେଣ୍ଠ ଷ୍ଟେସନ ଲାଇନର ଯାଞ୍ଚ କଲେ ସିଆର୍‌ଏସ୍



**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ବ୍ରିଜେଶ କୁମାର ମିଶ୍ର ଗତକାଲି ଲାଡ୍ଡା -ଜେମାଦେଇପେଣ୍ଠ ଷ୍ଟେସନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଥିଲେ। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ୭.୧୮୧ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ଲାଇନ ଟିଟଲାଗଡ଼-ବିଜିଆନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଓ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହୋଇଛି, କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହ ପାସ୍ କରିଛି, ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି।

ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନର ସିଭିଲ୍ ଇଞ୍ଜିନିୟରିଂ, ରେଳ ବିକାଶ ନିଗମ ଲିମିଟେଡ୍, ସଂକେତ ଓ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଓ ଟ୍ରାଫିକ୍ ବିଭାଗ ସହ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି। ୱାଲ୍ଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଓ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏବଂ ୱାଲ୍ଟେୟାର ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ।

ଖାଇବାକୁ ଦେଲାନି ବଡ଼ ପୁଅ

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ବୃଦ୍ଧ ବାପା-ମା'



**ଢେଙ୍କାନାଳ,୨୫।୧(ସଂଚାର ବ୍ୟୁରୋ):** ପର କରିଦେଲା ଜନ୍ମକଲା ପୁଅ। ପରିଣତ ବୟସରେ ରୋଗୀଣା ସ୍ୱାମୀକୁ ଧରି ନ୍ୟାୟ ପାଇଁ ଏ ଅଫିସରୁ ସେ ଅଫିସ ଧାଉଁଛି ବୁଢ଼ୀ ମା'। ଭୁବନ ୫ ନମ୍ବର ୱାର୍ଡ ଶେଣ ସାହିରେ ଏଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। କାନ୍ଦି କାନ୍ଦି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୃଦ୍ଧ ବାପା ମାଆ।

ପୁଅର ଅତ୍ୟାଚାରରେ ଅତିଷ୍ଠ ହୋଇ ନ୍ୟାୟ ପାଇଁ ଏସପି ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ୭୦ ବର୍ଷୀୟା ବୃଦ୍ଧା ମାଆ କୋକିଳ ସାହୁ ଓ ୭୫ ବର୍ଷୀୟା ବୃଦ୍ଧ ବାପା ରମେଶ ସାହୁ। ସୂଚନା ମୁତାବକ କୋକିଳଙ୍କର ତିନି ପୁଅ। ଗୋଟିଏ ଛାତ ତଳେ ଏକାଠି ରୁହନ୍ତି। କିନ୍ତୁ ଦୀର୍ଘବର୍ଷ ହେବ ବଡ଼ପୁଅ ବାବୁଲି ସାହୁ ବାପା ମାଆଙ୍କୁ ପଚାରୁ ନଥିବା କହିଛନ୍ତି କୋକିଳ। ଏପରିକି ଗୋଟିଏ ଛାତତଳେ ତିନି ପୁଅ ବୋହୂଙ୍କ ସହ ରହୁଥିଲେ ମଧ୍ୟ ଅଲଗା ଚୁଲି କରି ବାପା ମାଆ ରୋଷେଇ କରି ଖାଉଛନ୍ତି। ୭୫ ବର୍ଷ ବୟସରେ ରୋଗୀଣା ସ୍ୱାମୀ ମୁଲ ଲାଗି ଯେଉଁ ଦୁଇ ପଇସା ରୋଜଗାର କରି ଆଣୁଛନ୍ତି ସେଥିରେ ଉଭୟ ସ୍ୱାମୀ ସ୍ତ୍ରୀ ଚଳୁଥିଲେ। କିନ୍ତୁ ବଡପୁଅ ମାଡ଼ ଗାଳି ଅତ୍ୟାଚାର ଦେଉଥିବାରୁ ଏବେ କେଉଁଠି ରହିବେ, କ'ଣ ଖାଇବେ, କେମିତି ବଞ୍ଚିବେ ବୋଲି କୋହଭରା କଣ୍ଠରେ କହିଛନ୍ତି ମାଆ କୋକିଳ। ବଡ ପୁଅ ବାପା ମାଆଙ୍କୁ ଖାଇବାକୁ ଦୁଇଓଳି ଦୁଇମୁଠା ଦେବା ତ ଦୂରର କଥା ବରଂ ସାନ ଏବଂ ମଝିଆ ପୁଅ ବାପା ମାଆଙ୍କୁ ଖାଇବାକୁ ଦେଲେ କି ଭଲମନ୍ଦ ବୁଝିଲେ ଅସଭ୍ୟ ଭାଷାରେ ସେମାନଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ବାପା ମାଆଙ୍କୁ ଦୁଇ ଝିଅ ସହାୟତା ପାଇଁ ହାତ ବଢ଼ାଇଲେ ସେମାନଙ୍କୁ ବି ବଡ଼ପୁଅ ଗାଳିଗୁଲଜ କରୁଥିବା ଦୁଇ ଝିଅ ଅଭିଯୋଗ ଆଣିଛନ୍ତି। ଏବେ ନ୍ୟାୟ ମିଳିବା ଆଶା ନେଇ ଢେଙ୍କାନାଳ ଏସପି ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏହି ବୃଦ୍ଧ ଦମ୍ପତି। ସେପଟେ କୋକିଳଙ୍କ ଠାରୁ ସବୁକଥା ଶୁଣିବା ପରେ ଉପ ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ କରି ନ୍ୟାୟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ପରିଣତ ବୟସରେ ଅସହାୟ ହୋଇ ପଡିଥିବା ବୃଦ୍ଧ ଦମ୍ପତିଙ୍କୁ କିଏ ହେବ ସାହା ? ଏଦିଗରେ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ରାଜ୍ୟସ୍ତରୀୟ ଷୋଡ଼ଶ ଜାତୀୟ ମତଦାତା ଦିବସ

# ଗଣତନ୍ତ୍ରକୁ ସୁଦୃଢ଼ କରିବ ଏସଆଇଆର: ଏସ୍‌ଇସି





**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ଆଜି ରାଜ୍ୟସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଦିବସରେ ରାଜ୍ୟ ନିର୍ବାଚନ ଆୟୁକ୍ତ (ଏସ୍‌ଇସି) ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ରାଜ୍ୟ ତଥା ଦେଶର ଭୋଟର ସଚେତନ ରହି ନିରପେକ୍ଷ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ। ଅଧିକରୁ ଅଧିକ କେମିତି ମତଦାନ ହେଇପାରିବ, ସେ ଦିଗରେ ପଦକ୍ଷେପ ନେବା ସହ ସହରାଞ୍ଚଳ ଭୋଟ ହାର ବଢ଼େଇବା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଭୁବନେଶ୍ୱରରେ ୪୫ ପ୍ରତିଶତରୁ କମ ମତଦାନ ହୋଇଥିଲା, ଆଗାମୀ ନିର୍ବାଚନରେ କିପରି ଏହା ଅଧିକ ହେଇପାରିବ ଓ ଯେଉଁମାନଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନେ ଭୋଟର ତାଲିକାରେ ନିଶ୍ଚିତ ନାମ ପଞ୍ଜିକରଣ କରି ଗଣତନ୍ତ୍ର ରାଷ୍ଟ୍ର ନିମନ୍ତେ ସେମାନେ ନିରପେକ୍ଷ ଭାବେ ନିଜର ମତ ସାବ୍ୟସ୍ତ କରିବା ଉଚିତ। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭାଗନେଇ ନିଜର ନାମକୁ ଭୋଟର ତାଲିକାରେ ନିଶ୍ଚିତ କରିବା ସହ ଦ୍ୱୈତ କିମ୍ବା ଡୁପ୍ଲିକେଟ ଭୋଟର ହେବାରୁ ନିବୃତ୍ତ ରହିବାକୁ ଶ୍ରୀ ପାଢ଼ୀ ଦୋହରାଇଥିଲେ। ସମ୍ମାନିତ ଅତିଥି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ କହିଥିଲେ ଯେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସଠିକ ମାର୍ଗଦର୍ଶନ ଓ ସଚେତନତା ସୃଷ୍ଟି କରାଯାଉଛି। ନୂତନ ଭୋଟରମାନଙ୍କୁ ଅଭିନନ୍ଦନ ଜଣାଇ ଦେଶର ଭବିଷ୍ୟତ ସେମାନଙ୍କ ହାତରେ,ସମ୍ବିଧାନ ସେମାନଙ୍କୁ ଏକ ଭୋଟର କାର୍ଡ ଦେଇଛି ଯାହା କାମଧେନୁ ସଦୃଶ, ଦେଶ ପାଇଁ ଯାହା ଦରକାର ସେମାନେ ନିରପେକ୍ଷ ମତ ଦେଇ ସାକାର କରିପାରିବେ।

ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ କହିଥିଲେ ନୂତନ ଭୋଟରଙ୍କ କାନ୍ଧରେ ରାଷ୍ଟ୍ରର ଭାର ନ୍ୟସ୍ତ ହୋଇଛି ଓ ଆଗକୁ ସେଇ ଗଣତନ୍ତ୍ରର ମୂଲ୍ୟବୋଧକୁ ଅଧିକ ସଶକ୍ତ କରିବା ଦିଗରେ ଭୋଟର୍‌ମାନେ ସାରଥୀ ହେବେ। ମତଦାନକୁ କେବଳ ଏକ ଅଧିକାର ଭାବେ ସୀମିତ ନ ରଖି ଏହାକୁ କର୍ତ୍ତବ୍ୟ, ଦାୟିତ୍ୱ ଭାବେ ପରିଗଣିତ କରିବା ଉଚିତ ବୋଲି ସେ କହିଛନ୍ତି। ଏହି ଅବସରରେ ଏସ୍‌ଇସି ଶ୍ରୀ ପାଢ଼ୀ ୮ ଜଣ ନୂତନ ଯୁବ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ସେହିପରି ଇସିଆଇ ପିଡବ୍ଲ୍ୟୁଡି ଆଇକନ କମଳାକାନ୍ତ ନାୟକ ଓ ଷ୍ଟେଟ ଆଇକନ ଓ ସମାଜସେବୀ ସାଧନା ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଋତୁରାଜ, ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ମୁଖ୍ୟ ଅତିଥି ଶ୍ରୀ ପାଢ଼ୀ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ନିର୍ବାଚନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଡେ଼ପୁଟି କଲେକ୍ଟର (ନିର୍ବାଚନ)ଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପୀନାଥ କୁଅଁର ଧନ୍ୟବାଦ ଦେଇଥିଲେ।

## ଜାନୁଆରୀ ୨୬ ସ୍ୱାଧୀନତା ଦିବସ ଥିଲା

**ଭୁବନେଶ୍ୱର,୨୫।୧:** ଦେଶ ସ୍ୱାଧୀନ ହେବାର ୧୭ ବର୍ଷ ପୂର୍ବରୁ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପରେ ଦେଶର ସମ୍ବିଧାନ ୧୯୫୦ ଜାନୁଆରୀ ୨୬ରେ ଲାଗୁ ହେବାରୁ ଏହି ଦିନଟିକୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି। ଇତିହାସର ଦସ୍ତାବିଜ ଅନୁଯାୟୀ ୧୯୨୮-୨୯ ର କଲିକତା କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱରାଜ ସଂକଳ୍ପ ପାରିତ କରାଯାଇ ବ୍ରିଟିଶ ସରକାରଙ୍କୁ ବର୍ଷେ ସମୟ ଦିଆଯାଇଥିଲା। ୧୯୨୯-୩୦ର କଂଗ୍ରେସ ଅଧିବେଶନ ଲାହୋରରେ ଅନୁଷ୍ଠିତ ହେବା ବେଳେ ୧୯୨୯ ଡିସେମ୍ବର ୩୧ ରାତି ୧୨ଟାରେ ତ୍ରିରଙ୍ଗା ଉତ୍ତୋଳନ କରାଯାଇ ସେଠାରେ ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରାଯାଇଥିଲା। ତେବେ ୧୯୩୦ ଜାନୁଆରୀ ୨ ତାରିଖରେ ଲାହୋର କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତାର ଶପଥପତ୍ର ଗାନ୍ଧୀଜୀ ଉପସ୍ଥାପନ କରିଥିଲେ ଏବଂ ସେଦିନ ନିଷ୍ପତ୍ତି ନିଆଯାଇଥିଲା ଯେ ପ୍ରତିବର୍ଷ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳିବା ସହ ଲୋକେ ବ୍ରିଟିଶ ଶାସନର ଅବସାନ ପାଇଁ ସଂକଳ୍ପପତ୍ର ଦୋହରାଇବେ ବୋଲି। ୧୯୩୦ ଜାନୁଆରୀ ୨୬ରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ଅବସରରେ ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ କରି ଲୋକେ ସଙ୍କଳ୍ପ ଗ୍ରହଣ କରିଥିଲେ। ଏହି ଅବସରରେ କଟକ କାଠଗଡା ସାହିସ୍ଥିତ ରାଜକୃଷ୍ଣ ବୋଷଙ୍କ ଲୋକସେବା ପ୍ରେସ ପରିସରରେ ପ୍ରଥମେ ପତାକା ଉତ୍ତୋଳନ କରାଯାଇଥିଲା ଓ ମ୍ୟୁନିସିପାଲିଟି ପଡ଼ିଆରେ ଶପଥ ଗ୍ରହଣ ସମାରୋହ



ହେବାକୁ ସ୍ଥିର ହୋଇଥିଲା। ତେବେ ଶେଷ ମୁହୂର୍ତ୍ତରେ ସରକାର ମ୍ୟୁନିସିପାଲିଟି ପଡ଼ିଆରେ ୧୪୪ ଧାରା ଜାରି କରିବାରୁ କାଠଯୋଡ଼ି ନଦୀ କୂଳବର୍ତ୍ତୀ ଗୋପବନ୍ଧୁ ଚୌଧୁରୀଙ୍କ ଘର ହତା ଓ ସନସାଇନ୍ ପଡ଼ିଆରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୫ ହଜାରରୁ ଅଧିକ ଲୋକ ସାମିଲ୍ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ କାରାରୁଦ୍ଧ ଥିବା ସତ୍ୟାଗ୍ରହୀମାନେ ଜେଲ ଭିତରେ ତ୍ରିରଙ୍ଗା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରୁଥିଲେ। ଏମିତିକି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ବର୍ଲିନରେ ଜାନୁଆରୀ ୨୬ରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ। ବ୍ରିଟିଶ ସଂସଦରେ ଭାରତ ସ୍ୱାଧୀନତା ବିଲ୍ ପାରିତ ହେବା ବେଳେ ୧୯୪୮ ଜୁନ୍ ସୁଦ୍ଧା କ୍ଷମତା ହସ୍ତାନ୍ତର କରାଯିବ ବୋଲି କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ସଂଗ୍ରାମର ଆଗ ଧାଡ଼ିର ନେତାମାନେ ଜାନୁଆରୀ ୨୬ରେ ବ୍ରିଟିଶ ସରକାର ସ୍ୱାଧୀନତା ଦେବାକୁ ଆଶା ରଖିଥିଲେ। ତେବେ ସେତେବେଳର ଭାଇସରାୟ ଲର୍ଡ ମାଉଣ୍ଟବାଟେନ ତାଙ୍କ ସାମରିକ ଜୀବନର ଏକ ଗୌରବାବହ ସ୍ମୃତିକୁ ଉଖାରି ଅଗଷ୍ଟ ୧୫ରେ କ୍ଷମତା ହସ୍ତାନ୍ତର ଘୋଷଣା କରିଥିଲେ ଏବଂ ତଦନୁଯାୟୀ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହୋଇଥିଲା। ତେବେ ୧୯୩୦ରୁ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ କରା ହୋଇଆସୁଥିବା ପରିପ୍ରେକ୍ଷୀରେ ଭାରତର ସମ୍ବିଧାନ ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ପ୍ରଣୟନ ସଭାରେ ପାରିତ ହୋଇଥିଲେ ମଧ୍ୟ ଏହାକୁ ୧୯୫୦ ଜାନୁଆରୀ ୨୬ରୁ ଲାଗୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଅଗଷ୍ଟ ୧୫କୁ ସ୍ୱାଧୀନତା ଦିବସ ଭାବେ ଓ ଜାନୁଆରୀ ୨୬କୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି। (ତଥ୍ୟ)

sanchar.live
ସମ୍ପାଦକୀୟ
SANCHAR
ସଂଚାର
୪ ସୋମବାର ୨୬ ଜାନୁଆରୀ ୨୦୨୬, ଭୁବନେଶ୍ୱର
Monday 26 January 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସାର୍ବଭୌମତ୍ୱର ସୁରକ୍ଷା ଏକ ଚ୍ୟାଲେଞ୍ଜ



ଭାରତର ଗଣତନ୍ତ୍ର ଦିବସ, ଯାହାକୁ ଜାନୁଆରୀ ୨୬ରେ ପାଳନ କରାଯାଏ, ଏହା କେବଳ ଏକ ରାଷ୍ଟ୍ରୀୟ ଉତ୍ସବ ନୁହେଁ, ବରଂ ଆମ ଦେଶର ସାର୍ବଭୌମତ୍ୱର ପ୍ରତୀକ। ୧୯୫୦ ମସିହାର ଏହି ଦିନରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା, ଯାହା ଦ୍ୱାରା ଆମେ ଏକ ସ୍ୱାଧୀନ ଗଣତନ୍ତ୍ର ରୂପେ ପରିଚିତ ହେଲୁ। ଏହି ଦିନ ଆମକୁ ସ୍ମରଣ କରାଏ ଯେ, ଆମର ସ୍ୱାଧୀନତା କେବଳ ବ୍ରିଟିଶ ଶାସନରୁ ମୁକ୍ତି ନୁହେଁ, ବରଂ ଆମର ନିଜସ୍ୱ ନିୟମ ଓ ନୀତି ମାଧ୍ୟମରେ ଦେଶର ଭବିଷ୍ୟତକୁ ନିର୍ମାଣ କରିବାର ଅଧିକାର। ସାର୍ବଭୌମତ୍ୱ ହେଉଛି ଏକ ରାଷ୍ଟ୍ରର ସ୍ୱାଧୀନତାର ମୂଳଭିତ୍ତି, ଯାହା ଆଭ୍ୟନ୍ତରୀଣ ଓ ବାହ୍ୟ ବ୍ୟବସ୍ଥାରେ ସ୍ୱନିର୍ଭରତା ପ୍ରଦାନ କରେ।

ଭାରତର ସାର୍ବଭୌମତ୍ୱର ଯାତ୍ରା ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ ହୋଇଥିଲା। ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହେରୁ, ସର୍ଦ୍ଦାର ପଟେଲ୍ ପରି ନେତାମାନେ ଏହି ସ୍ୱପ୍ନକୁ ସାକାର କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସମ୍ବିଧାନର ନିର୍ମାତା ଡକ୍ଟର ବାବାସାହେବ ଆମ୍ବେଡକର ଏହାକୁ ଏକ ସାମାଜିକ ନ୍ୟାୟର ଦଲିଲ ରୂପେ ପରିଣତ କରିଥିଲେ, ଯାହା ସମାନତା, ସ୍ୱାଧୀନତା ଓ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରେ। ଆଜିର ଭାରତ ଏକ ବିଶ୍ୱ ମହାଶକ୍ତି ରୂପେ ଉଭା ହୋଇଛି, କିନ୍ତୁ ଏହି ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବାରେ ଅନେକ ଚ୍ୟାଲେଞ୍ଜ ରହିଛି।

ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜ ମଧ୍ୟରେ ଭାଷାବାଦ, ଜାତିବାଦ ଓ ଧର୍ମୀୟ ବିଭେଦ ପ୍ରମୁଖ। ଉଦାହରଣ ସ୍ୱରୂପ, କାଶ୍ମୀର ସମସ୍ୟା ଓ ନକ୍ସଲବାଦ ପରି ଆନ୍ଦୋଳନ ଆମର ଏକତାକୁ ପରୀକ୍ଷା କରୁଛି। ବାହ୍ୟ ଚ୍ୟାଲେଞ୍ଜ ରୂପେ ଚୀନ୍ ଓ ପାକିସ୍ତାନ ପରି ପଡୋଶୀ ଦେଶମାନଙ୍କର ଆକ୍ରମଣକାରୀ ନୀତି ଆମର ସୀମାକୁ ବିପଦରେ ପକାଇଛି। ଏହା ସହିତ ବିଶ୍ୱାୟନର ଯୁଗରେ ଆର୍ଥିକ ନିର୍ଭରତା ଓ ସାଇବର ଆକ୍ରମଣ ପରି ନୂତନ ବିପଦ ଉଭା ହୋଇଛି। ଭାରତର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ପାଇଁ ଆମେ ଏକ ଦୃଢ଼ ରାଷ୍ଟ୍ରୀୟ ନୀତି ଓ ସୈନ୍ୟବଳର ଆବଶ୍ୟକତା ଅନୁଭବ କରୁଛୁ।

ଆଜିର ପ୍ରସଙ୍ଗରେ, ଭାରତର ସାର୍ବଭୌମତ୍ୱ କେବଳ ରାଜନୈତିକ ନୁହେଁ, ବରଂ ଆର୍ଥିକ ଓ ସାଂସ୍କୃତିକ ମଧ୍ୟ। ଆତ୍ମନିର୍ଭର ଭାରତ ଅଭିଯାନ ଏହି ଦିଗରେ ଏକ ପ୍ରମୁଖ ପଦକ୍ଷେପ। କିନ୍ତୁ ଏହାକୁ ସଫଳ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅବକାଠାମୋର ବିକାଶ ଆବଶ୍ୟକ। ଯୁବକମାନେ ଏହି ସାର୍ବଭୌମତ୍ୱର ରକ୍ଷକ ହେବା ଉଚିତ୍, ଯେଉଁମାନେ ସାମାଜିକ ମାଧ୍ୟମରେ ବିଭେଦକୁ ପ୍ରୋତ୍ସାହିତ ନକରି ଏକତାକୁ ବଳବତ୍ତର କରନ୍ତୁ। ମହିଳାମାନଙ୍କର ସଶକ୍ତୀକରଣ ଓ ଦଳିତ ସମାଜର ଉନ୍ନତି ବିନା ପୂର୍ଣ୍ଣ ସାର୍ବଭୌମତ୍ୱ ଅସମ୍ଭବ।

ଗଣତନ୍ତ୍ର ଦିବସରେ ଆମେ କେବଳ ପରେଡ ଓ ଉତ୍ସବ ପାଳନ କରି ସନ୍ତୁଷ୍ଟ ହେବା ଉଚିତ ନୁହେଁ। ଏହା ଏକ ସମୟ ଯେଉଁଥିରେ ଆମେ ଆମର ସମ୍ବିଧାନର ମୂଲ୍ୟବୋଧକୁ ପୁନର୍ବାର ସ୍ମରଣ କରିବା ଉଚିତ। ରାଜନୈତିକ ଦଳମାନେ ନିଜସ୍ୱ ସ୍ୱାର୍ଥକୁ ପରେ ରଖି ରାଷ୍ଟ୍ରୀୟ ହିତକୁ ପ୍ରାଥମିକତା ଦେବା ଉଚିତ୍। ନାଗରିକମାନେ ଭୋଟ୍ ଦେବା ସହିତ ସାମାଜିକ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ। କେବଳ ଏହିପରି ମାଧ୍ୟମରେ ଆମର ସାର୍ବଭୌମତ୍ୱ ସୁରକ୍ଷିତ ରହିବ ଏବଂ ଭାରତ ଏକ ବିକଶିତ ରାଷ୍ଟ୍ର ରୂପେ ଉଭା ହେବ।

ଶେଷରେ, ଜାନୁଆରୀ ୨୬ ଆମକୁ ପ୍ରେରଣା ଦେଉଛି ଯେ, ସାର୍ବଭୌମତ୍ୱ କେବଳ ଏକ ଶବ୍ଦ ନୁହେଁ, ବରଂ ଏକ ଜୀବନ୍ତ ବାସ୍ତବତା ଯାହାକୁ ପ୍ରତିଦିନ ରକ୍ଷା କରିବାକୁ ପଡ଼ିବ। ଆସନ୍ତୁ ଆମେ ସମସ୍ତେ ଏହି ଦିନରେ ପ୍ରତିଜ୍ଞା କରିବା ଯେ, ଆମର ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବୁ। ଜୟ ହିନ୍ଦ୍!

# ଘରେ ଘରେ ଜଳ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆଜି ଆମ ପାଇଁ ଦୂଷିତ ଜଳ ଏକ ଚ୍ୟାଲେଞ୍ଜ ପାଲଟିଛି। ଏହା ପରିଚାଳନା ଅବହେଳାର ପରିଣାମ ନିଶ୍ଚୟ । ପ୍ରତ୍ୟେକ ଘରକୁ ପାଣି ଯୋଗାଇବା ଯୋଜନା ନିଶ୍ଚିତ ଭାବରେ ସୁଖଦ । ହେଲେ ଏଥିପାଇଁ ନଦୀଗୁଡ଼ିକୁ ସଫା ଏବଂ ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ନିୟମିତ ଭାବରେ ଯାଞ୍ଚ କରାଯିବା ଉଚିତ। ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁଁ ଇନ୍ଦୋରରେ ଲୋକଙ୍କ ମୃତ୍ୟୁ ପୁଣି ଥରେ ସ୍ପଷ୍ଟ କରିଛି ଯେ ଭାରତର ଜଳ ସଙ୍କଟ କେବଳ ପରିମାଣର ବିଷୟ ନୁହେଁ, ବରଂ ଗୁଣବତ୍ତା, ତଦାରଖ ଏବଂ ଶାସନରେ ଗୁରୁତର ବିଫଳତାର ପରିଣାମ। ଏହି ଘଟଣା କୌଣସି ଗୋଟିଏ ସହର କିମ୍ବା ରାଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ ଏହା ଦେଶର ପ୍ରାୟ ପ୍ରତ୍ୟେକ ସହର ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ବିଭିନ୍ନ ରୂପରେ ରହିଥିବା ଏକ ଅଦୃଶ୍ୟ ସଙ୍କଟର ପ୍ରତୀକ। ଜୀବନର ମୂଳଦୁଆ ଭାବରେ ବିବେଚିତ ଜଳ ଯେତେବେଳେ ଜୀବନ ପାଇଁ ବିପଦ ହୋଇଯାଏ, ଏହା ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ବରଂ ସାଂସ୍ଥାଗତ ବିଫଳତାର ସଙ୍କେତ ଦିଏ। ମିଳିତ ଜାତିସଂଘ ବିଶ୍ୱ ଜଳ ରିପୋର୍ଟ ୨୦୨୪ ଅନୁଯାୟୀ, ବିଶ୍ୱର ପ୍ରାୟ ୨.୨ ବିଲିୟନ ଲୋକ ଏବେ ବି ନିରାପଦ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଏବଂ ମଧୁର ଜଳ ସମ୍ପଦର ମାତ୍ର ୪ ପ୍ରତିଶତ ବାସ କରୁଥିବା ଭାରତ ଏହି ବିଶ୍ୱ ଜଳ ସଙ୍କଟର କେନ୍ଦ୍ରସ୍ଥଳ। ଇନ୍ଦୋର ଘଟଣା ସ୍ପଷ୍ଟ କରୁଛି ଯେ ଚ୍ୟାଲେଞ୍ଜ କେବଳ ପାଣି ଉପଲବ୍ଧତା ପର୍ଯ୍ୟନ୍ତ ସୀମିତ ନୁହେଁ, ଯୋଗାଣ ହେଉଥିବା ପାଣି କେତେ ସୁରକ୍ଷିତ ଏବଂ ବ୍ୟବହାରଯୋଗ୍ୟ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଘରକୁ ଯୋଗାଣ ହେଉଥିବା ପାଣି ଗୁଣବତ୍ତାର ନିରନ୍ତର ତଦାରଖର ଅଭାବ ରହିଛି, ଯାହାକୁ ସମାଧାନ କରିବା ଆବଶ୍ୟକ।

ନୀତି ଆୟୋଗର ଜଳ ପରିଚାଳନା ରିପୋର୍ଟ ୨୦୨୩ ସତର୍କ କରାଇ ଦେଇଛି ଯେ ଆଗାମୀ ଦଶନ୍ଧି ମଧ୍ୟରେ ଭାରତର ୨୧ ରୁ ଅଧିକ ବଡ଼ ସହର ଭୟଙ୍କର ଜଳ ଅଭାବର ସମ୍ମୁଖୀନ ହୋଇପାରେ। ଇନ୍ଦୋରର ଅଭିଜ୍ଞତା ଦର୍ଶାଉଛି ଯେ ଏହି ସଙ୍କଟ ଭବିଷ୍ୟତର ନୁହେଁ, ବରଂ ବର୍ତ୍ତମାନର ଏକ ଭୟଙ୍କର ବାସ୍ତବତା। ଜାତୀୟ ସହରାଞ୍ଚଳ ବ୍ୟାପାର ସଂସ୍ଥାନ ଅନୁଯାୟୀ, ପାଇପଲାଇନ ଲିକ୍ ଯୋଗୁଁ ଭାରତର ସହରାଞ୍ଚଳ ଜଳ ବ୍ୟବସ୍ଥାରେ ୩୫ ରୁ ୪୦ ପ୍ରତିଶତ ପାଣି ନଷ୍ଟ ହେଉଛି। ଏହା କେବଳ ସମ୍ବଳର କ୍ଷତି ନୁହେଁ ବରଂ ଏକ ସାଂରଚନିକ ବିପଦ ମଧ୍ୟ, କାରଣ ଏହି ଲିକେଜ୍ ପଏଣ୍ଟଗୁଡ଼ିକ ପାନୀୟ ଜଳରେ ପ୍ରଦୂଷକମାନଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଏ। ଇନ୍ଦୋର ଭଳି ସହର, ଯିଏ ପରିମଳ ଏବଂ ସହର ପରିଚାଳନା ପାଇଁ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି, ସେଠାରେ ଏପରି ଘଟଣା ସଫଳତା ପଛରେ ଲୁଚି ରହିଥିବା ଗଭୀର ବୈଷୟିକ ଏବଂ ତଦାରଖ ତ୍ରୁଟିକୁ ପ୍ରକାଶ କରେ। ଏହି ସମସ୍ୟା କେବଳ ଇନ୍ଦୋରରେ ନୁହେଁ। ଦେଶର ବିଭିନ୍ନ ପ୍ରମୁଖ ସହରରେ ସମୟ ସମୟରେ ଦୂଷିତ ଜଳ ଦ୍ୱାରା ହେଉଥିବା ରୋଗର ମାମଲା ରିପୋର୍ଟ ହୁଏ।ହେଲେ ପ୍ରତେକ ପରିଣାମ ସର୍ବଦା ସରକାରୀ ଫାଇଲରେ ଲିପିବଦ୍ଧ ହୁଏନାହିଁ । ନାଗରିକମାନେ ଏହି ଅବହେଳାର ମୂଲ୍ୟ ନିଜ ଜୀବନ ସହିତ ଦିଅନ୍ତି। ଚିନ୍ତାଜନକ ଭାବରେ, ଶିଳ୍ପ ଏବଂ ସହର ପ୍ରଦୂଷଣ ଏହି ସଙ୍କଟକୁ ଆହୁରି ତୀବ୍ର କରେ। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ୨୦୨୩ ରିପୋର୍ଟ ଅନୁଯାୟୀ, ଦେଶର ୬୦ ପ୍ରତିଶତରୁ ଅଧିକ ଶିଳ୍ପ ୟୁନିଟ୍ ସେମାନଙ୍କର ବର୍ଜ୍ୟଜଳକୁ ସଠିକ୍ ଭାବରେ ବିଶୋଧନ କରନ୍ତି ନାହିଁ। ଏହା ଆକଳନ କରାଯାଇଛି ଯେ ଭାରତର ପ୍ରାୟ ୭୦ ପ୍ରତିଶତ ଶିଳ୍ପ ବର୍ଜ୍ୟଜଳ ବିନା ବିଶୋଧନରେ ନଦୀ ଏବଂ ଜଳ ଉତ୍ସରେ ପ୍ରବାହିତ ହୁଏ। ଯେତେବେଳେ ଏହି ଜଳ ବିଶୋଧନ ବିନା ନାଗରିକମାନଙ୍କ ପାଖରେ ପହଞ୍ଚେ, ଏକ ସ୍ୱାସ୍ଥ୍ୟ ସଙ୍କଟ ଅନିବାର୍ଯ୍ୟ ହୋଇଯାଏ। ଜଳବାୟୁ ପରିବର୍ତ୍ତନ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି। ଫଳସ୍ୱରୂପ, ଭବିଷ୍ୟତରେ ଜଳ ସଙ୍କଟ ଆହୁରି ଖରାପ ହେବ ଏଥିରେ କୌଣସି ସନ୍ଦେହ ନାହିଁ। ଭାରତ ପାଣିପାଗ ବିଭାଗ ଅନୁଯାୟୀ, ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଦେଶରେ ହାରାହାରି ବର୍ଷା ହ୍ରାସ ପାଇଛି ଏବଂ ହଠାତ୍ ଅତ୍ୟଧିକ ବର୍ଷାର ଘଟଣା ବୃଦ୍ଧି ପାଇଛି। ଏହା ଜଳ ଉତ୍ସର ପ୍ରାକୃତିକ ପୁନଃଭରଣ ଏବଂ ବିଶୋଧନ କ୍ଷମତାକୁ ପ୍ରଭାବିତ କରିଛି। ହଠାତ୍ ପ୍ରବଳ ବର୍ଷା ସମୟରେ ଯଦି ବର୍ଷାଜଳକୁ ବୈଜ୍ଞାନିକ ଭାବରେ ସଂଗ୍ରହ କରାଯାଏ ନାହିଁ, ତେବେ ଏହା ପ୍ରଦୂଷକଗୁଡ଼ିକୁ ଜଳଭଣ୍ଡାର ଏବଂ ନଦୀରେ ବୋହି ନେଇଯାଏ, ଯାହା ଜଳ ଗୁଣବତ୍ତା ଆହୁରି ହ୍ରାସ କରେ।ଏହା ସହିତ, "ଘରେ ଘରେ ନଳ" ପରି ଯୋଜନାଗୁଡ଼ିକୁ "ପ୍ରତି ନଳ ନିରାପଦ" ଧାରଣା ସହିତ ସମନ୍ୱିତ କରିବା ଅତ୍ୟନ୍ତ ଜରୁରୀ। ଜଳ ଯୋଗାଣର ସଫଳତା କେବଳ ସଂଯୋଗ ସଂଖ୍ୟା ଦ୍ୱାରା ନୁହେଁ, ବରଂ ପାଣିର ଗୁଣବତ୍ତା, ନିରନ୍ତରତା ଏବଂ ସ୍ୱଚ୍ଛତା ଦ୍ୱାରା ମାପ କରାଯିବା ଉଚିତ। ଏହି ଦିଗରେ ସମନ୍ୱିତ ପ୍ରୟାସ ଆବଶ୍ୟକ। ଏହି ସଙ୍କଟରେ ନାଗରିକଙ୍କ ଭୂମିକା ଗୌଣ ନୁହେଁ। ଜଳ ବ୍ୟବହାର, ସଂରକ୍ଷଣ ଏବଂ ତଦାରଖକୁ ଏକ ସାମୁହିକ ଦାୟିତ୍ୱ ଭାବରେ ବିକଶିତ କରାଯିବା ଆବଶ୍ୟକ। ସ୍ଥାନୀୟ ସ୍ତରରେ ଜଳ ପରୀକ୍ଷା, ଅଭିଯୋଗ ସମାଧାନ ଏବଂ ସାମାଜିକ ଅଡିଟିଂ ଭଳି ପ୍ରକ୍ରିୟାଗୁଡ଼ିକ ଏହି ଦିଗରେ ପ୍ରଭାବଶାଳୀ ଉପକରଣ ହୋଇପାରେ। ଜଳ କେବଳ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ନୁହେଁ, ବରଂ ସମାଜର ଏକ ଅଂଶୀଦାର ସମ୍ପତ୍ତି, ଏବଂ ଏହାର ସୁରକ୍ଷା କେବଳ ସାମୂହିକ ପ୍ରୟାସ ଦ୍ୱାରା ସମ୍ଭବ।

ଇନ୍ଦର ଦୁର୍ଘଟଣା ଏକ ଚେତାବନୀ। ଯଦି ଜଳ ଗୁଣବତ୍ତା, ଭିତ୍ତିଭୂମି ଏବଂ ସ୍ଥାନୀୟ ତଦାରଖକୁ ପ୍ରାଥମିକତା ଦିଆ ନ ଯାଏ, ତେବେ ଏପରି ଘଟଣାଗୁଡ଼ିକ ସାଧାରଣ ହୋଇଯିବ। ଜଳ ସଙ୍କଟ କେବଳ ଏକ ପରିବେଶଗତ କିମ୍ବା ବୈଷୟିକ ଚ୍ୟାଲେଞ୍ଜ ନୁହେଁ, ବରଂ ଜନସ୍ୱାସ୍ଥ୍ୟ, ସାମାଜିକ ନ୍ୟାୟ ଏବଂ ଶାସନର ବିଶ୍ୱସନୀୟତାର ଏକ ପରୀକ୍ଷା। ଭାରତ ପାଇଁ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଜଳ ପରିଚାଳନାକୁ ପରିସଂଖ୍ୟାନ ଏବଂ ଘୋଷଣାରୁ ମୁକ୍ତ ହୋଇ ବାସ୍ତବ ସ୍ତରକୁ ଯିବା ଆବଶ୍ୟକ। ନଚେତ୍, ଚେତାବନୀର ମୂଲ୍ୟ ଜୀବନହାନିରେ ଦେବାକୁ ପଡ଼ିବ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**



# ଉତ୍କଳ ସାରସ୍ୱତ ଭଣ୍ଡାରକୁ ବାଗ୍‌ଦେବୀଙ୍କ ବରଦାନ-କବି ଅଭିମନ୍ୟୁ

**ଅମର ପ୍ରସାଦ ଶତପଥୀ**



ଉତ୍କଳ ସାରସ୍ୱତ ସମ୍ଭାରରେ ସ୍ଥାନିତ ହୋଇଥିବା କବିମାନଙ୍କ ମଧ୍ୟରେ 'ବିଦଗ୍ଧ ଚିନ୍ତାମଣି'ର ରଚୟିତା କବି ଅଭିମନ୍ୟୁ ଅନ୍ୟତମ। ରୀତି, ଗୀତି ଓ ପ୍ରୀତିର ମଧୁର ସମନ୍ୱୟ ତାଙ୍କର ରଚନାବଳୀର ବିଶେଷତା। ରୀତିଯୁଗର ଶେଷାର୍ଦ୍ଧରେ କବି ଅଭିମନ୍ୟୁଙ୍କ ଆବିର୍ଭାବ।

"ଉପମା ଭଞ୍ଜବୀରସ୍ୟ ତସ୍ୟୈବଚାର୍ଥ ଗୌରବମ୍
କଲ୍ଲୋଳେ ପଦଲାଳିତ୍ୟଂ- ସନ୍ତିଚିନ୍ତାମଣୌତ୍ରୟଃ।"

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ଉପମା, ଅର୍ଥ ଗୌରବ, ରସକଲ୍ଲୋଳର ପଦାଲାଳିତ୍ୟ ରହିଛି। ବିଦଗ୍ଧ ଚିନ୍ତାମଣିରେଏହି ତିନିଗୋଟି – ଉପମା, ଅର୍ଥଗୌରବ ଓ ପଦଲାଳିତ୍ୟ ମଧ୍ୟ ସନିବେଶିତ ହୋଇଅଛି। କେତେକ ସାହିତ୍ୟିକମାନଙ୍କ ମତରେ ସେହି ସମୟର ଆଳଙ୍କରିକ କବି ଦିନକୃଷ୍ଣ, ଉପେନ୍ଦ୍ରଭଞ୍ଜ ଓ ଅଭିମନ୍ୟୁଙ୍କର ଚନାବଳୀରେ ସ୍ୱତନ୍ତ୍ରତା ଥିଲା। ଅଭିମନ୍ୟୁଙ୍କ କାବ୍ୟର ଆଳଂକରିକ ବର୍ଣ୍ଣନାକେତେକ କ୍ଷେତ୍ରରେ ଉପେନ୍ଦ୍ରଭଞ୍ଜଙ୍କୁ ଅତିକ୍ରମ କରିପାରିଛି। କବି ଅଭମନ୍ୟୁ ଭଞ୍ଜ କବିଙ୍କ ପରିରାଜ ପରିବାରରେ ଜନ୍ମ ନ ହୋଇଥିଲେ ହେଁ ଉପେନ୍ଦ୍ର ତୁଲ୍ୟ ଉପଯୁକ୍ତ ପରିବେଶ ମଧ୍ୟରେ ଶିକ୍ଷାଲାଭ କରିଥିଲେ। ସ୍କୁଲ, କଲେଜ ଆଦିରେ ଶିକ୍ଷାଲାଭ କରିବାର ସୁଯୋଗ ନଥିଲା। ସେହିକାଳର ଶିକ୍ଷା ଗ୍ରାମ ଚାଟଶାଳୀ ମଧ୍ୟରେ ସୀମିତ। ସାମନ୍ତ ଜମିଦାର ପରିବାରରେ ଜନ୍ମନେଇ ସମସ୍ତ ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟତା ବନ୍ଧନରୁ ଉର୍ଦ୍ଧ୍ୱରେ ଥିଲେ। ଅପରପକ୍ଷରେ ଆଧାତ୍ମିକ ଚିନ୍ତା ଓ ସାହିତ୍ୟ ସାଧନାରେ ତାଙ୍କ ଜୀବନ ସମର୍ପିତ। ସଦାନନ୍ଦ କବି ସୂର୍ଯ୍ୟବ୍ରହ୍ମା ଓ ଟଙ୍କଧର ନାୟକଙ୍କଠାରୁ ସଂସ୍କୃତ, ଜ୍ୟୋତିର୍ବିଦ୍ୟାଲାଭ ସହ ତାଙ୍କ ସହ ବିଭିନ୍ନ ଗ୍ରନ୍ଥ, ପୂରାଣ କାବ୍ୟ ଆଦି ଆଲୋଚନାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଅବସରରେ ତାଙ୍କର ଅମୂଲ୍ୟ ରଚନା ମାଧ୍ୟମରେ ବୈଷ୍ଣବ କବି ଭାବରେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଅଭିମନ୍ୟୁ ସାମନ୍ତସିଂହାର ଅବିଭକ୍ତ କଟକ ଅଧୁନା ଯାଜପୁର ଜିଲ୍ଲାର ବାଲିଆ ଗ୍ରାମରେ ୧୭୬୦ ଫେବୃୟାରୀ ମାସ ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ମୁଖରବସନ୍ତ ପଞ୍ଚମୀର ଦୁଇଦିନ ପରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଜ ନ୍ମନେଇଥିବାରୁ ମା' ସରସ୍ୱତୀଙ୍କ ଅପାର ଆଶିର୍ବାଦ ପାଇ ଅମୂଲ୍ୟ କାବ୍ୟ ରଚନା କରିବାରେ ସମର୍ଥ ହୋଇଥିଲେ।

ବ୍ରାହ୍ମଣୀ ନଦୀ କୂଳରେ ଜନ୍ମିତ କବି ଗ୍ରାମ୍ୟ ଜୀବନ ଓ ପ୍ରାକୃତିକ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥିବାରୁ ଏହା ତାଙ୍କର ଚନାବଳୀରେ ପରିସ୍ଫୁଟ ହୋଇଛି। କେତେକଙ୍କ ମତରେ ଅଭିମନ୍ୟୁଙ୍କ ପୂର୍ବଜ ଉତ୍ତରପ୍ରଦେଶ ଅଥବା ରାଜସ୍ଥାନରୁ ଆସିଥିଲେ କି ଖାଣ୍ଟି ଓଡ଼ିଆ ଥିଲେ ତାହା ଆଲୋଚ୍ୟର ବିଷୟ ନୁହେଁ। କବି ଅଭିମନ୍ୟୁ ସର୍ବାନ୍ତକରଣରେ ଉତ୍କଳବାଣୀ ମାତାର ସୁଯୋଗ୍ୟ ସନ୍ତାନ।



ଅଭିମନ୍ୟୁ ବୈଷ୍ଣବ ଦର୍ଶନରେ ବିଶ୍ୱାସୀ ଥିଲେ। ତାଙ୍କ କାବ୍ୟ କବିତା ଭକ୍ତିକୁ ଆଧାର କରି ରଚିତ ହୋଇଅଛି। ବିଶେଷକରି ରାଧାକୃଷ୍ଣଙ୍କ ଅକପଟ, ଅପ୍ରାକୃତିକ, ଅବ୍ୟକ୍ତ ପ୍ରେମକୁ ପ୍ରକାଶ କରିବାକୁ ଯାଇ କାବ୍ୟ କବିତା ରଚନା କରିଅଛନ୍ତି। କବି ଦିନକୃଷ୍ଣଙ୍କ ପରିକବି ଅଭିମନ୍ୟୁ କୃଷ୍ଣ ପ୍ରେମ ସମ୍ପର୍କରେ ଲେଖିଛନ୍ତି -

ଅପ୍ରାକୃ ତପ୍ରେମମୂର୍ତ୍ତି ଜୟ ରାଧାହରି
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତକରି ଅବତରି।
କୃଷ୍ଣ ସଂଗେସଙ୍ଗ ନୀରତେକର
କୃଷ୍ଣ ଭାବନା ନାମହୃଦେ ଧରା
କୃଷ୍ଣରୂପ କରୁଥିବ ଧିଆନ
କୃଷଚରିତ କରୁଥିବ ଗାନ।

ଉକ୍ତ ରଚନାଗୁଡ଼ିକ ସମାଜ ବ୍ୟବସ୍ଥାକୁ ଧାର୍ମିକ ଭାବନାରେ ପ୍ରଭାବିତ କରିବା ସଂଗେ ଏକ ସୁସଜ୍ଜିତ, ସୁସଂସ୍କୃତ, ସୁବ୍ୟବସ୍ଥିତ କରିବା ପାଇଁ ଅଭିପ୍ରେତ। କବି ଅଭିମନ୍ୟୁଙ୍କ ଆଧାତ୍ମିକ ପ୍ରେମର ସମର୍ପଣ ଭାବନା ତତ୍କାଳିନ ଜନଜୀବନକୁ ପ୍ରଭାବିତ କରିବାରେ ବେଶ୍ ସହାୟକ ହୋଇଥିଲା। ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡ ଅଥବା ସମୟସୀମାରେ ଆବଦ୍ଧ ନ ହୋଇ ତାଙ୍କର ରଚିତ କାବ୍ୟ ଓ କବିତା ପାଠକୀୟ ଆଦୃତି ଲାଭ କରିଥିଲା, ଆଜିବି କରୁଅଛି। ପ୍ରେମ ଚିନ୍ତାମଣି, ସୁଲକ୍ଷଣା, ରସବତୀ ଓ ବିଦଗ୍ଧ ଚିନ୍ତାମଣି ଆଦି ତାଙ୍କର ସମସ୍ତ ରଚନାବଳୀ କାବ୍ୟ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଅଛି। ୧୮୦୩ ମସିହାରେ ଓଡ଼ିଶା ବ୍ରିଟିଶ ଶାସନାଧୀନ ହେବା ପରେ ଦୀର୍ଘଦିନ ଧରି ଲଢ଼େଇ ଜାରି ରଖିଥିବା ଓ ବ୍ରିଟିଶ ଶାସନ ବଶ୍ୟତାସ୍ୱୀକାର ନ କରିବା ପାଇଁ ଓଡ଼ିଆମାନଙ୍କ ଅସ୍ତିତ୍ୱ ଲୋପ ନିମନ୍ତେ ବ୍ରିଟିଶ ସରକାର ସମସ୍ତ ଷଡ଼ଯନ୍ତ୍ର କରିଥିଲେ। ଓଡ଼ିଶାକୁ ଖଣ୍ଡବିଖଣ୍ଡିତ କରି ଏହାର ବୀରତ୍ୱ, ସଂସ୍କୃତି, କଳା, ଭାସ୍କର୍ଯ୍ୟ, ଶିଳ୍ପ ବାଣିଜ୍ୟର ପରମ୍ପରାର ଗତିରୋଧ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେହି ସମୟରେ ସାହିତ୍ୟର ଧାରା ବନ୍ଦ ହୋଇ ନ ଥିଲା। ବିଶେଷକରି ରୀତିଯୁଗର କବିମାନେ ବାହ୍ୟ ପ୍ରଭାବ ଦ୍ୱାରା ବିଚଳିତ ନ ହୋଇ ସାହିତ୍ୟ ସାଧନାରେ ବ୍ରତୀ ଥିଲେ। ଅଳଙ୍କାର ରୀତି କବିମାନଙ୍କର ଏକ ବିଶେଷ ଭୂଷଣ ଥିଲା। ରୀତି ଯୁଗର ଏହି ସ୍ୱାତନ୍ତ୍ର୍ୟ ସାହିତ୍ୟିକ ପରମ୍ପରା ଭାରତୀୟ ସାହିତ୍ୟରେ ମଧ୍ୟ ଏହାର ପ୍ରତିଫଳନ ହୋଇଥିଲା। ଓଡ଼ିଆ ସାହିତ୍ୟର ରୀତିଯୁଗୀୟ ଗୁଣାତ୍ମକ ରଚନାଗୁଡ଼ିକ ତତ୍କାଳୀନ ସମୟ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭକ୍ତି ରଚନାବଳୀ ବ୍ୟତିରକେ ଭାଘଗୀତ, ଚଢେଇଗୀତ ଆଦି ଗୀତିକବିତାମାନ ବେଶ୍ ମନୋରଞ୍ଜକ ଓ ଲୋକପ୍ରିୟ।

କବି ଅଭିମନ୍ୟୁଙ୍କ କାବ୍ୟ ସମ୍ଭାରର ପ୍ରଚାର, ପ୍ରସାର, ଅନୁଶୀଳନ ଓ ସଂରକ୍ଷଣ ତଥା ପ୍ରତିଭା ପୂଜା ପାଇଁ ୧୯୭୬ ମସିହା ମେ ମାସ ୧୬ ତାରିଖର ଏକ ମଧୁରବେଳାରେ ଓଡ଼ିଶା ରାଜଧାନୀ ଭୁବନେଶ୍ୱରରେ ଅଭିମନ୍ୟୁ ସାହିତ୍ୟପ୍ରେମୀ ଯୁବକମାନଙ୍କ ସମ୍ମିଳିତ ଉଦ୍ୟମରେ 'ଅଭିମନ୍ୟୁ ସ୍ମୃତିସଂସଦ' ପ୍ରତିଷ୍ଠା ହୋଇଛି। ଏହି ସଂସଦ ଅଭିମନ୍ୟୁଙ୍କ ସହ ଅନ୍ୟ କବିମାନଙ୍କର ଚନାବଳୀକୁ ଲୋକପ୍ରିୟ କରି ଓଡ଼ିଆ ଅସ୍ମିତାକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛି। ସ୍ମୃତି ସଂସଦ ୫୦ ଗୋଟି ଶୀତର ପ୍ରକୋପକୁ ଅତିକ୍ରମ କରିବାରେ ସଫଳ ହୋଇଛି। ଚଳିତ ବର୍ଷ ସଂସଦର ୫୦ବର୍ଷ ପୂର୍ତ୍ତି 'ସୁବର୍ଣ୍ଣ ଜୟନ୍ତୀ ସମାରୋହ'। ଏହି ଶୁଭ ଅବସରରେ ପ୍ରତିଷ୍ଠାତା ସଭ୍ୟମାନଙ୍କୁ ତଥା ସଂସଦକୁ ଆଗକୁ ନେବା ଓ ପ୍ରୋତ୍ସାହନ ପ୍ରଦାନ କରିଥିବା ସମସ୍ତ ବିଦଗ୍ଧ ସାହିତ୍ୟ ଅନୁରାଗୀମାନଙ୍କୁ ସ୍ମରଣ କରିବା ସଂଗେ ସଂଗେ ସମ୍ମାନ ପ୍ରଦାନ କରୁଅଛୁ। ଅଭିମନ୍ୟୁ ସ୍ମୃତି ସଂସଦ ଶତାୟୁ ହେଉ ଏହା ହିଁ ପ୍ରାର୍ଥନା।

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ଜାତୀୟ ଗଣମାଧ୍ୟମରେ ଓଡ଼ିଶାର ସବୁଠାରୁ ଚର୍ଚ୍ଚିତ ଚେହେରା
# କଳିଙ୍ଗ ରତ୍ନ ଧର୍ମେନ୍ଦ୍ର



**ଅବିରତ ପ୍ରଧାନ**

**ତପସ୍ୱା ବିନା କୌଣସି ବଡ ଲକ୍ଷ ହାସଲ କରିବା ଅସମ୍ଭବ..**
**ତପସ୍ୱା କରିବାର ସାହସ, ଶକ୍ତି ଆଉ ଧୌର୍ଯ୍ୟ ସବୁ ମାନବ ପାଖରେ ଅସମ୍ଭବ..**

ସଂସ୍କୃତ ମୂଳରୁ ଆସିଥିବା ଧର୍ମେନ୍ଦ୍ର ନାମର ଅର୍ଥ "ଧର୍ମର ରାଜା" କିମ୍ବା "ଧର୍ମର ପ୍ରଭୁ" । ଏହା "ଧର୍ମ" (ଧର୍ମ) ଏବଂ "ଇନ୍ଦ୍ର" (ରାଜା) ଶବ୍ଦରୁ ଉତ୍ପନ୍ନ ହୋଇଛି । ଏହି ନାମ ପ୍ରାୟତଃ ଜଣେ ସଚ୍ଚୋଟ, ବିଶ୍ୱସ୍ତ, ଦୟାଳୁ ଏବଂ ନ୍ୟାୟର ଏକ ଦୃଢ଼ ଭାବନା ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧତା ଥିବା ବ୍ୟକ୍ତିଙ୍କୁ ବୁଝାଏ ।

ବୋଧହୁଏ ସେ ୧୯୬୯ ମସିହାରେ ନାଲମ ଗ୍ରାମର ମୁଖିଆ ପରିବାରର ସଦସ୍ୟ ତଥା ତତ୍କାଳୀନ କେନ୍ଦ୍ରୀୟ ମନ୍ତ୍ରୀ ତଥା ଶିଦ୍ଧ ପୁରୁଷ ସ୍ୱର୍ଗତ ଡ ଦେବେନ୍ଦ୍ର ପ୍ରଧାନ ଓ ବସନ୍ତ ମଞ୍ଜରୀ ପ୍ରଧାନ ନବଜନ୍ମା ଶିଶୁର ସ୍ୱଭାବ ବୋଧହୁଏ ଅନୁଶୀଳନ କରି ପାରି ଧର୍ମେନ୍ଦ୍ର ନାମରେ ନାମକରଣ କରିଥିଲେ ।

ଧର୍ମେନ୍ଦ୍ରଙ୍କର ସ୍ନେହ ନାମ ମୁକୁ ମଧ୍ୟ ରଖାଗଲା । ସେହି ଶିଶୁଟି ପରବର୍ତ୍ତୀ ଅବସ୍ଥାରେ କୋଇଲା ନଗରୀ ତାଳଚେରର ହାଣ୍ଡିଧୂଆଁ ଠାରେ ଶିକ୍ଷାଲାଭ ଆରମ୍ଭ କଲା । ଶିଶୁ ରୁ ବାଳକ ଅବସ୍ଥା କୁ ଆସୁ ଆସୁ ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ବାସିବାକୁ ଲାଗିଲା । ହାଇସ୍କୁଲ ସମୟରେ ଚିତାକର୍ଷକ ବକ୍ତୃତା ଯେମିତି ଆଗକୁ କିଛି ବଡ ବ୍ୟକ୍ତିତ୍ୱ ହେବାର ସଂକେତ ଦେଇସାରିଥିଲା । ମନରେ ରାଷ୍ଟ୍ରବାଦ ଚିନ୍ତାଧାରାର ଚେତନା ଆସିସାରିଥିଲା । ଛାତ୍ର ସମାଜର ହକ ସହିତ ନିଜ ଶିକ୍ଷାମନ୍ଦିରର ଉନ୍ନତି ନିମନ୍ତେ ନେତୃତ୍ୟ ନେବା ଆରମ୍ଭ ହେଇଗଲା ।

୧୯୮୪ ମସିହା ରେ ଓଡିଶାରେ ଜନୈକ ଇଂଜିନିୟରିଙ୍ଗ ଛାତ୍ରଙ୍କ ହତ୍ୟା ଘଟଣାର ବିରୋଧରେ ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ତାଳଚେରର ୧୫-୧୬ ବର୍ଷର ବାଳକ ମଧ୍ୟ ଏହି ହତ୍ୟା ବିରୋଧରେ ଆନ୍ଦୋଳନ ମଧ୍ୟକୁ ବ୍ୟାନର ଧରି ଲମ୍ଫ ପ୍ରଦାନ କରିବା ସହିତ ନିଜ ଗ୍ରାମର ଅନ୍ୟ ଛାତ୍ର ମାନଙ୍କୁ ମଧ୍ୟ ଏଥିପାଇଁ ପ୍ରେରିତ କରୁଥିଲା । ଏହି ଆନ୍ଦୋଳନ କୁ ଦବାଇ ଦେବା ପାଇଁ ବିବ୍ରତ ପ୍ରଶାସନ ସେହି ବାଳକକୁ ଗିରଫ କରି ଜେଲ କୁ ପଠାଇଦେଲା । ତିନି ଚାରି ଦିନ ପରେ ଅଗଷ୍ଟ-୧୫ ଅର୍ଥାତ ସ୍ୱାଧୀନତା ଦିବସ ପାଳନ କରାଗଲା । ମାତ୍ର ଏହି ବାଳକର ସେଦିନଟି ମଧ୍ୟ ଜେଲର ଚାରିକାନ୍ଥ ମଧ୍ୟରେ ଅତିବାହିତ ହେଲା । ଆଠ ଦିନ ପରେ ଜେଲରୁ ମୁକ୍ତ ହୋଇଥିଲା

ସେହି ଲଢୁଆ ଛାତ୍ର ନେତା ଆଜିର "କଳିଙ୍ଗ ରତ୍ନ "ତଥା ଭାରତ ଗଣତନ୍ତ୍ର ସମସ୍ତ ମନ୍ଦିର ବିଧାନସଭା ,ରାଜ୍ୟସଭାରେ ଓ ଲୋକସଭା ର ସଦଶ୍ୟ ତଥା ବର୍ତ୍ତମାନର ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ।

ଜେତେବେଳେ ସାରା ଦେଶରେ କଂଗ୍ରେସର ସଂଗଠନ ଓ ସରକାର ପୂର୍ଣ୍ଣମାତ୍ରାରେ ଥିଲା, ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦରୁ ରାଷ୍ଟ୍ରବାଦ ଓ ହିନ୍ଦୁତ୍ୱକୁ ପାଥୋୟ କରି ତାଳଚେର ମହା ବିଦ୍ୟାଳୟର ଛାତ୍ର ସାସଂଦ ସଭାପତି , ପରବର୍ତ୍ତୀ ସମୟରେ ପାଲଲହଡା ବିଧାୟକ , ତାପରେ ଦେବଗଡ ସାସଂଦ ତାପରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ର ରାଷ୍ଟ୍ରୀୟ ଅଧକ୍ଷ , ତାପରେ



ଭାରତୀୟ ଜନତା ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ଏବେ ୨୦୧୪ ପରଠାରୁ ମୋଦିସରକାର ରେ ବିଭିନ୍ନ ଗୁରୁତ୍ୱପୁର୍ଣ ବିଭାଗର ମନ୍ତ୍ରୀ ପର୍ଯ୍ୟନ୍ତ । ସବୁ ସମୟରେ ବିଭିନ୍ନ ଆହ୍ୱାନ ମଧ୍ୟରେ ତ୍ୟାଗ, ଧୌର୍ଯ ଓ ନିଷ୍ଠାର ସହିତ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରି ଆସୁଛନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କ ନବକଳେବରର ୫୦ ଲକ୍ଷ ପେଟ୍ରୋଲିୟମ ବିଭାରୁ ଅନୁଦାନ ହେଉ ଅବା ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ତୈଳ ବିଶୋଧନାଗାର ପାରାଦୀପକୁ ମନ୍ତ୍ରୀ ହେବାର ୧ ବର୍ଷ ଭିତରେ କାର୍ଯ୍ୟକ୍ଷମ ହେଉ ଅବା ପାଇକବିଦ୍ରୋହ ପାଇଁ ଦିଲ୍ଲୀ ଦରବାରରେ ସ୍ୱତନ୍ତ୍ର ବଜେଟ ହେଉ ଅବା ଓଡିଶାର ବିଭିନ୍ନ ସହରରେ ରେ ପାଇପଯୋଗ ଘରେ ଘରେ ରନ୍ଧନ ଗ୍ୟାସ ପହଞ୍ଚେଇ ଠାରୁ ବରଗଡ଼ ରେ ପାଳ କୁଟାରୁ ପେଟ୍ରୋଲିୟମ ପଦାର୍ଥ କାରଖାନା ସହିତ ଝାରସୁଗୁଡା ରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ପେଟ୍ରୋଲିୟମ ପଦାର୍ଥ ର ଟର୍ମିନାଲ ଅବା ଗରୀବର ଘରେ ଘରେ ଉଜ୍ଜ୍ୱଳା ଯୋଜନା କୁ ସୁଚାରୁ ରୂପେ ପହଞ୍ଚେଇବା ହେଉ ଅବା ତାଳଚେରରେ ସାରକାରଖାନା ର ପୁନରୁଦ୍ଧାର କରିବା ସହିତ ଶିକ୍ଷା ଓ କୈଶଳ ବିକାଶ କ୍ଷେତ୍ରରେ ଓଡିଶାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ବିଶ୍ୱସ୍ତରୀୟ କୈଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା ଇତ୍ୟାଦି "କଳିଙ୍ଗ ରତ୍ନ"ଙ୍କ ଅନନ୍ୟ ଅବଦାନ।

ବିଭିନ୍ନ ରାଜନୈତିକ ଝଡ଼ଝଞ୍ଜା ସହିତ ବିଭିନ୍ନ କର୍ତ୍ତବ୍ୟ ଭିତରେ ନିଜର ପଦ ମର୍ଯ୍ୟାଦାକୁ ସଠିକ ଉପଯୋଗ କରି ଓଡ଼ିଆ ଜାତୀର ସୌର୍ଯ୍ୟ ପାଇଁ ଉତ୍ସର୍ଗୀକୃତ ଭାବରେ ପ୍ରଚେଷ୍ଟା, ସାରା ଓଡ଼ିଶାର କୌଣସି କ୍ଷେତ୍ରର ପ୍ରଭାବଶାଳୀ, କ୍ଷମତାଧାରୀ ବ୍ୟକ୍ତି ବିଶେଷ୍ୟ ମାନଙ୍କ ପାଇଁ ଏକ ପ୍ରେରଣା ମଧ୍ୟ ।

ନିଜ ଜନ୍ମ ମାଟି କଳିଙ୍ଗର ଗୌରବ ଏବଂ ଗାରିମା ତଥା ଖୋର୍ଦ୍ଧା ବରୁଣେଇ ପାହାଡ ପାଦ ଦେଶରେ ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ପାଇକ ବିଦ୍ରୋହ ର ସ୍ମୃତିସ୍ତମ୍ଭ ସ୍ଥାପନ ର ପ୍ରଚେଷ୍ଟା, ଓଡ଼ିଆ ଭାଷାରେ ଡାକ ଟିକିଏ ପ୍ରଚଳନ , ମନ୍ଦିର ମାଳିନୀ ଉତ୍କଳର ବିଭିନ୍ନ ପ୍ରାଚୀନ ସଂସ୍କୃତିର ରକ୍ଷଣାବେକ୍ଷଣ ,ଓଡ଼ିଶାର ବିଭିନ୍ନ ଲୋକ କଳାକୁ ସର୍ବଭାରତୀୟ ସ୍ତରରେ ମାନ୍ୟତା ପ୍ରଦାନ ପାଇଁ ପ୍ରଚେଷ୍ଟା , ଓଡ଼ିଶାର ବିଭିନ୍ନ ଜ୍ଞାନୀ ଗୁଣୀ ପ୍ରତିଭା ମାନଙ୍କୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରିବା ସହିତ, ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରବାସୀଓଡିଆ ମାନଙ୍କୁ ଏକତ୍ରିତ କରି ଓଡ଼ିଆ ପର୍ବ ମାଧ୍ୟମରେ ଉତ୍କଳର ବୀରତ୍ୱ, ପରମ୍ପରା, ସାହିତ୍ୟ, ଧର୍ମ, ସଂସ୍କୃତି, ଚଳଣି,ଖାଦ୍ୟପେୟ,ସ୍ଥାପତ୍ୟ ର ପ୍ରଚାର ପ୍ରସାର ସହିତ ଦେଶ ବିଦେଶରେ ଓଡ଼ିଆ ମାନଙ୍କୁ ଏକାଠି କରିବାର ପ୍ରୟାସ ଉତ୍କଳୀୟ ପ୍ରେମର ଏକ ଶ୍ରେଷ୍ଠ ନିଦର୍ଶନ ।

ଏଇ ମାତୃଭୂମି ତଥା ମହାପ୍ରଭୁ ଜଗନ୍ନାଥଙ୍କ ଦେଶ ପ୍ରତି ନିଛକ ଭଲପାଇବା ଓ କର୍ତ୍ତବ୍ୟ ନିଷ୍ଠା ନିମନ୍ତେ ଓଡିଶାର ଅମୁଲ୍ୟ ରତ୍ନଙ୍କୁ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକ ପାଳନ ଅବସରରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ମାର୍ଯ୍ୟାଦାଜନକ "କଳିଙ୍ଗ ରତ୍ନ" ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ରାଜନୀତିରେ ଓଡିଶାରୁ ବିଜୁ ବାବୁ ଙ୍କ ଠାରୁ ମଧ ବେଶ ଅଧିକ ପ୍ରଭାବ ବିସ୍ତାର , ଖାସକରି ସୂକ୍ଷ୍ମ ନିର୍ବାଚନ ପରିଚାଳନା ସବୁ ସମୟରେ ଜାତୀୟ ଗଣ ମାଧ୍ୟମରେ ଚର୍ଚ୍ଚିତ ଚେହେରା , ଯାହା ଓଡିଶାକୁ ବାରମ୍ବାର ଗୌରବାନ୍ୱିତ କରୁଛି।

# ରାହୁଲ ଜଣେ ଡରୁଆ ନେତା: ସକିଲ ଅହମ୍ମଦ



ନୂଆଦିଲ୍ଲୀ,୨୫।୧ ; ରାହୁଲ ଗାନ୍ଧୀ ଜଣେ ଡରୁଆ ନେତା ବୋଲି କହିଛନ୍ତି କଂଗ୍ରେସ ନେତା ସକିଲ ଅହମ୍ମଦ। ରାହୁଲଙ୍କ ବିରୋଧରେ ବିଷ ଓଗାଳିବା ସହ ରାହୁଲଙ୍କ ବିଷୟରେ ଅନେକ ଗୁପ୍ତ କଥା ସେ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶକିଲ ଅହମ୍ମଦ ହେଉଛନ୍ତି ଜଣେ ବରିଷ୍ଠ ନେତା ଏବଂ ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ନିକଟତର ସହଯୋଗୀ, କିନ୍ତୁ ବିହାର ବିଧାନସଭା ନିର୍ବାଚନ ପରେ ସେ କଂଗ୍ରେସର ହାତ ଛାଡ଼ି ରାହୁଲ ଗାନ୍ଧୀଙ୍କୁ ସିଧା ଟାର୍ଗେଟ କରିଛନ୍ତି। ସେ ତାଙ୍କୁ ଭାରତୀୟ ରାଜନୀତିର ସବୁଠାରୁ କାପୁରୁଷ ନେତା ବୋଲି କହିଛନ୍ତି। ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ଶକିଲ ଅହମ୍ମଦ କହିଛନ୍ତି, ରାହୁଲ ଗାନ୍ଧୀ କଂଗ୍ରେସର ପ୍ରତିଷ୍ଠିତ ନେତାମାନଙ୍କୁ ଭୟ କରନ୍ତି ଏବଂ ଦଳରେ ସାମିଲ ହେଉଥିବା ନୂଆ ନେତାମାନଙ୍କୁ ପସନ୍ଦ କରନ୍ତି। ସେ ଏହା ମଧ ଦାବି କରିଛନ୍ତି ଯେ, ମଲ୍ଲିକାର୍ଜୁନ ଖଡଗେ କେବଳ ନାମକୁ ମାତ୍ର ସଭାପତି ଏବଂ ପ୍ରକୃତ କ୍ଷମତା ରାହୁଲ ଗାନ୍ଧୀଙ୍କ ପାଖରେ ଅଛି। ଶକିଲ ଅହମ୍ମଦ ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ ଅଭିଯାନ ଏବଂ ମୁସଲିମ କାର୍ଡ ବ୍ୟବହାରକୁ ମଧ ସମାଲୋଚନା କରି ଏହାକୁ ବିଫଳତା ବୋଲି କହିଛନ୍ତି।

ଶକିଲ କହିଛନ୍ତି, ରାହୁଲ ଗାନ୍ଧୀ ଗଛ ଲଗାଇବା ଅପେକ୍ଷା ଗଛ ଓପାଡ଼ିବାରେ ଅଧିକ ଆଗ୍ରହୀ। ଶକିଲ କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ବସ୍ ହେବାର ଅନୁଭବ ଅଛି। ସେ ଏକ ଶକ୍ତିଶାଳୀ କଂଗ୍ରେସ ଦଳ ଚାହାଁନ୍ତି, କିନ୍ତୁ ସେ ଚାହାଁନ୍ତି ଯେ, କଂଗ୍ରେସ ନେତାମାନେ ଦୁର୍ବଳ ଏବଂ ତାଙ୍କ ଅଧୀନରେ ରୁହନ୍ତୁ। ସେମାନେ କେବଳ ତାଙ୍କ ପ୍ରତି ବିଶ୍ୱସ୍ତ ଏବଂ ତାଙ୍କ ନିୟନ୍ତ୍ରଣରେ ରୁହନ୍ତୁ। ରାହୁଲ ଗାନ୍ଧୀ ବୟସ୍କ ନେତାମାନଙ୍କ ସହିତ ବସିବାକୁ ପସନ୍ଦ କରନ୍ତିନାହିଁ। କାରଣ ତାଙ୍କୁ ସେମାନଙ୍କୁ ସମ୍ମାନ ସହିତ ସମ୍ବୋଧିତ କରିବାକୁ ପଡ଼େ। ସେ ଏପରି ପରିସ୍ଥିତିକୁ ଏଡାଇଯାଆନ୍ତି ଯେଉଁଠାରେ ତାଙ୍କର କୌଣସି ନିୟନ୍ତ୍ରଣ ନଥାଏ।

### ପଦ୍ମ ପୁରସ୍କାର ୨୦୨୬ ଲାଗି ନାମ ଘୋଷିତ

# ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମଭୂଷଣ

## ୧୧୩ ଜଣଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ

## ୧୯ ମହିଳା, ୬ ବିଦେଶୀ ଓ ୧୬ ଜଣଙ୍କୁ ମରଣୋତ୍ତର



ନୂଆଦିଲ୍ଲୀ,୨୫।୧: ୨୦୨୬ ମସିହା ପାଇଁ ପଦ୍ମ ପୁରସ୍କାର ଘୋଷଣା ହୋଇଛି। ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ପଦ୍ମ ପୁରସ୍କାର ବିଜେତାଙ୍କ ନାଁ ଘୋଷଣା କରାଯାଇଛି। ଚଳିତ ବର୍ଷ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ। ମୋଟ ୧୩୧ ବିଜେତାଙ୍କ ମଧ୍ୟରେ ୧୯ ଜଣ ମହିଳା, ୬ ବିଦେଶୀ ଓ ୧୬ ଜଣଙ୍କୁ ମରଣୋତ୍ତର ପଦ୍ମ ପୁରସ୍କାର ପ୍ରଦାନ କରାଯିବ। ପଦ୍ମ ବିଭୂଷଣ ସମ୍ମାନ ଲାଗି ଧର୍ମେନ୍ଦ୍ର ସିଂହ ଦେଓଲ, ମରଣୋତ୍ତର (କଳା, ମହାରାଷ୍ଟ୍ର), କେ.ଟି.ଥୋମାସ୍ (ଲୋକ କଲ୍ୟାଣ, କେରଳ), ଏମ୍.ରାଜମ (କଳା, ଉତ୍ତର ପ୍ରଦେଶ), ପି.ନାରାୟଣମ୍ (ସାହିତ୍ୟ ଓ ଶିକ୍ଷା, କେରଳ), ଭି.ଏସ୍. ଅଚ୍ୟୁତାନନ୍ଦନ, ମରଣୋତ୍ତର (ଲୋକ କଲ୍ୟାଣ, କେରଳ)ଙ୍କୁ ମନୋନୀତ କରାଯାଇଛି। ସୂଚୀରେ ସାହିତ୍ୟ, ଶିକ୍ଷା, ସମାଜସେବା, ଚିକିତ୍ସା, କଳା ଓ ଜନକଲ୍ୟାଣ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କ ନାଁ ସାମିଲ ରହିଛି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଯୋଗଦାନ ପାଇଁ ବ୍ୟକ୍ତି ବିଶେଷଙ୍କ ନାଁ ସାମିଲ ରହିଛି। ଏହି ପୁରସ୍କାର କଳା, ସମାଜସେବା, ଶିଳ୍ପ, ବିଜ୍ଞାନ, ଚିକିତ୍ସା, କ୍ରୀଡା ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଏ। ପ୍ରତିବର୍ଷ ଗଣତନ୍ତ୍ର ଦିବସରେ ଏହି ପୁରସ୍କାର ଘୋଷଣା କରାଯାଏ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଏ।

ସାଧାରଣ ଭାରତୀୟଙ୍କ ଅସାଧାରଣ ଅବଦାନକୁ ସମ୍ମାନିତ କରିବାର ପରମ୍ପରାକୁ ଜାରି ରଖି ଏହି ବର୍ଷର ପଦ୍ମ ପୁରସ୍କାର ସାରା ଦେଶର ଅଗଣିତ, ଲୁଚି ରହିଥିବା ଅଦୃଶ୍ୟ ନାୟକମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ବ୍ୟକ୍ତିଗତ ସଂଘର୍ଷ, କଷ୍ଟ ଏବଂ ଦୁଃଖଦ ପରିସ୍ଥିତି ସତ୍ତ୍ୱେ ଏହି ପ୍ରଖ୍ୟାତ ବ୍ୟକ୍ତିମାନେ କେବଳ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ହାସଲ କରିନଥିଲେ ବରଂ ସମାଜ ସେବାକୁ ନିଜ ଜୀବନର ଲକ୍ଷ୍ୟ କରିଥିଲେ। ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ପଛୁଆ ବର୍ଗ, ଦଳିତ ସମ୍ପ୍ରଦାୟ, ଆଦିମ ଜନଜାତି ଏବଂ ଦୁର୍ଗମ, ଅପହଞ୍ଚ ଅଞ୍ଚଳରେ ରହୁଥିବା ନାଗରିକମାନେ ରହିଛନ୍ତି। ଏମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିମଳ ଏବଂ ସ୍ଥାୟୀ ବିକାଶ ଭଳି କ୍ଷେତ୍ରରେ ଅକ୍ଳାନ୍ତ କାର୍ଯ୍ୟ କରି ଦିବ୍ୟାଙ୍ଗ, ମହିଳା, ଶିଶୁ, ଦଳିତ ଏବଂ ଆଦିବାସୀଙ୍କ ସେବା ପାଇଁ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଛନ୍ତି। ସେମାନେ ନୀରବରେ ଏବଂ ବିନା କୌଣସି ପ୍ରଚାରରେ ଭାରତ ମାତାର ସେବାରେ ନିଜର କର୍ତ୍ତବ୍ୟ ପାଳନ କରୁଛନ୍ତି।




# ତେଜସ୍ୱୀ ଆରଜେଡିର କାର୍ଯ୍ୟକାରୀ ଅଧ୍ୟକ୍ଷ

ପାଟନା,୨୫।୧: ବିହାର ରାଜନୈତିକ ପରିସ୍ଥିତିରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ତେଜସ୍ୱୀ ଯାଦବଙ୍କୁ ପାର୍ଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଛି। ଏହି ନିଷ୍ପତ୍ତି ଆରଜେଡିର ସଭାପତି ଲାଲୁପ୍ରସାଦ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ କାର୍ଯ୍ୟକାରଣୀ ବୈଠକରେ ସର୍ବସମ୍ମତିରେ ନିଆଯାଇଛି। ନିଜର ବୟସ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ଧ୍ୟାନରେ ରଖି ଲାଲୁ ଯାଦବ ପାର୍ଟିର ଦାୟିତ୍ୱ ତାଙ୍କ ପୁଅ ତେଜସ୍ୱୀଙ୍କ ଉପରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଜସ୍ୱୀଙ୍କ ନୂଆ ଭୂମିକା ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି, ହେଲେ ଏଥି ପାଇଁ ପରିବାର ଚିନ୍ତା ବ୍ୟକ୍ତ କରିଛି। ତେଜସ୍ୱୀଙ୍କ ଭଉଣୀ ରୋହିଣୀ ଆଚାର୍ଯ୍ୟ ଏ ନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ପାର୍ଟିର ନୂଆ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ଯାହା ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି। ତେବେ ବୈଠକରେ ଯୋଗ ଦେଇଥିବା ବିଧାୟକଙ୍କ କହିବା କଥା ହେଲା ବୈଠକ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆୟୋଜନ କରାଯାଇଥିଲା। ରାଜ୍ୟ ବିଧାନସଭା ନିର୍ବାଚନ ପରେ ଆରଜେଡିର ଏହା ପ୍ରଥମ ବଡ଼ ବୈଠକ। ଏଥିରେ ତେଜସ୍ୱୀ ଯାଦବ ନିର୍ବାଚନୀ ହାରକୁ ନେଇ ଆକ୍ରମକ ଆଭିମୁଖ୍ୟ ପୋଷଣ କରିଛନ୍ତି।

### ୨୦୨୬ର ପ୍ରଥମ 'ମନ କି ବାତ୍'କାର୍ଯ୍ୟକ୍ରମ

# ଭୋଟରମାନେ ଗଣତନ୍ତ୍ରର ଆତ୍ମା: ମୋଦି



ନୂଆଦିଲ୍ଲୀ,୨୫।୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୨୦୨୬ ବର୍ଷର ପ୍ରଥମ 'ମନ କି ବାତ' କାର୍ଯ୍ୟକ୍ରମରେ ଦେଶକୁ ଏକ ବାର୍ତ୍ତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହା ୨୦୨୬ ବର୍ଷର ପ୍ରଥମ 'ମନ କି ବାତ'। ସୋମବାର ଜାନୁଆରୀ ୨୬, ଆମେ ଗଣତନ୍ତ୍ର ଦିବସ ପାଳନ କରିବୁ। ଏହି ଦିନ, ଆମର ସମ୍ବିଧାନ କାର୍ଯ୍ୟକାରୀ ହୋଇଛି। ଏହି ଦିନ, ଜାନୁଆରୀ ୨୬, ଆମକୁ ଆମ ସମ୍ବିଧାନର ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ସୁଯୋଗ ଦିଏ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଆଜି ଜାତୀୟ ଭୋଟର ଦିବସ ହୋଇଥିବାରୁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ। ଭୋଟରମାନେ ଗଣତନ୍ତ୍ରର ଆତ୍ମା। ଯେତେବେଳେ ଜଣେ ଯୁବକ ପ୍ରଥମ ଥର ପାଇଁ ଭୋଟର ହୁଅନ୍ତି, ସେତେବେଳେ ସମଗ୍ର ପଡ଼ୋଶୀ, ଗାଁ କିମ୍ବା ସହର ଏକାଠି ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇବା ଏବଂ ମିଠା ବଣ୍ଟନ କରିବା ଉଚିତ। ଏହା ଭୋଟ ଦେବା ବିଷୟରେ ସଚେତନତା ବୃଦ୍ଧି କରିବ। ୧୮ ବର୍ଷ ବୟସ ହେବା ପରେ ନିଜକୁ ଭୋଟର ଭାବରେ ପଞ୍ଜୀକୃତ କରିବାକୁ ନିଶ୍ଚିତ କରନ୍ତୁ।

ନଦୀ ବିଷୟରେ କହିବାକୁ ଗଲେ, ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଉତ୍ତର ପ୍ରଦେଶର ଆଜମଗଡ଼ ଦେଇ ପ୍ରବାହିତ ତାମସା ନଦୀକୁ ଲୋକମାନେ ନୂତନ ଜୀବନ ଦେଇଛନ୍ତି। ଅଯୋଧାରୁ ଉତ୍ପତ୍ତି ହୋଇ ଗଙ୍ଗା ନଦୀରେ ମିଶିଥିବା ଏହି ନଦୀଟି ଏହି ଅଞ୍ଚଳର ଲୋକଙ୍କ ଜୀବନର କେନ୍ଦ୍ରବିନ୍ଦୁ ଥିଲା। କିନ୍ତୁ, ପ୍ରଦୂଷଣ ଏହାର ଅବିଚ୍ଛିନ୍ନ ପ୍ରବାହକୁ ବାଧା ଦେଇଥିଲା। ଏହା ପରେ, ସ୍ଥାନୀୟ ଲୋକମାନେ ଏହାକୁ ପୁନର୍ଜୀବିତ କରିବା ପାଇଁ ଏକ ଅଭିଯାନ ଆରମ୍ଭ କଲେ। ନଦୀକୁ ସଫା କରାଯାଇଥିଲା ଏବଂ ଏହାର କୂଳରେ ଛାୟା ଏବଂ ଫଳଦାୟକ ଗଛ ଲଗାଯାଇଥିଲା। ଆନ୍ଧ୍ର ପ୍ରଦେଶର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅନନ୍ତପୁର, ଯାହା ପ୍ରବଳ ମରୁଡ଼ି ସହିତ ଜଡ଼ିତ ଏବଂ ମାଟି ଲାଲ ଏବଂ ବାଲି, ଜଳ ଅଭାବ ସୃଷ୍ଟି କରିଛି। ଏହି ସମସ୍ୟାର ସମାଧାନ ପାଇଁ, ସ୍ଥାନୀୟ ଲୋକମାନେ ଜଳଭଣ୍ଡାରଗୁଡ଼ିକୁ ସଫା କରିବାକୁ ସଂକଳ୍ପ ନେଇଥିଲେ। ତା'ପରେ, ପ୍ରଶାସନର ସମର୍ଥନରେ, 'ଅନନ୍ତ ନୀରୁ ସଂରକ୍ଷଣମ ପ୍ରକଳ୍ପ' ଆରମ୍ଭ କରାଯାଇଥିଲା। ଏହି ପ୍ରୟାସର ଫଳସ୍ୱରୂପ, ୧୦ ରୁ ଅଧିକ ଜଳଭଣ୍ଡାର ପୁନର୍ଜୀବିତ ହୋଇଛି। ଜଳଭଣ୍ଡାରରେ ଏବେ ପାଣି ଭର୍ତ୍ତି ହେଉଛି ଏବଂ ୭,୦୦୦ ରୁ ଅଧିକ ଗଛ ଲଗାଯାଇଛି। ସେ କହିଛନ୍ତି ଯେ, ଆଜି ଭାରତରେ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ ଇକୋସିଷ୍ଟମ ଅଛି। ଷ୍ଟାର୍ଟଅପ ଇଣ୍ଡିଆର ଏହି ଆଶ୍ଚର୍ଯ୍ୟଜନକ ଯାତ୍ରାର ନାୟକ ହେଉଛନ୍ତି ଆମର ଯୁବ ବନ୍ଧୁ। ସେମାନଙ୍କର ଆରାମ କ୍ଷେତ୍ରରୁ ବାହାରକୁ ଆସି ସେମାନେ ଯେଉଁ ନବସୃଜନ କରିଛନ୍ତି ତାହା ଇତିହାସରେ ଲିପିବଦ୍ଧ ହୋଇଛି। ଏଆଇ, ମହାକାଶ, ପରମାଣୁ ଶକ୍ତି, ଅର୍ଦ୍ଧଚାଳକ, ଗତିଶୀଳତା, ସବୁଜ ହାଇଡ୍ରୋଜେନ, ବାୟୋଟେକ୍ନୋଲୋଜି, ଆପଣ ନାମ ଦିଅନ୍ତୁ, ଏବଂ ଆପଣ ସେହି କ୍ଷେତ୍ରରେ କାମ କରୁଥିବା ଏକ ଭାରତୀୟ ଷ୍ଟାର୍ଟଅପ ପାଇବେ।

# ବରିଷ୍ଠ ସାମ୍ବାଦିକ ସାର ମାର୍କ ଟଲିଙ୍କ ପରଲୋକ



## ଭୁଟ୍ଟୋଙ୍କ ମକଦ୍ଦମାରୁ ଆରମ୍ଭ କରି ଇନ୍ଦିରାଙ୍କ ହତ୍ୟାକାଣ୍ଡର ଦେଇଥିଲେ ଖବର

ନୂଆଦିଲ୍ଲୀ ୨୫।୧: ଭାରତରେ ବିବିସିର ପୂର୍ବତନ ସମ୍ବାଦଦାତା ତଥା ବରିଷ୍ଠ ସାମ୍ବାଦିକ ସାର ମାର୍କ ଟଲି ରବିବାର ନୂଆଦିଲ୍ଲୀରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବିବିସିରେ ତାଙ୍କର ପୂର୍ବତନ ସହଯୋଗୀ ସତୀଶ ଜ୍ୟାକବ ତାଙ୍କ ପରଲୋକ ଖବର ପୁଷ୍ଟି କରିଛନ୍ତି। ପରଲୋକ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ବିବିସିରୁ ଇସ୍ତଫା ଦେବା ପରେ ସେ ସ୍ୱତନ୍ତ୍ର ପତ୍ରକାର ରୂପେ ଭାରତରେ କାମ କରୁଥିଲେ।

ସାମ୍ବାଦିକତା କାଳରେ ଟଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଜୁଲଫିକର ଅଲି ଭୁଟ୍ଟୋଙ୍କ କୋର୍ଟ ଶୁଣାଣି ଓ ତାଙ୍କ ଫାଶୀଦଣ୍ଡ ଖବର ରିପୋର୍ଟ କରିଥିଲେ। ସେହିପରି ଭାରତରେ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ଖବର ମଧ ମାର୍କ ଟଲି କଭର କରିଥିଲେ।

ସାର ମାର୍କ ଟଲିଙ୍କ ଜନ୍ମ ପଶ୍ଚିମବଙ୍ଗ ରାଜଧାନୀ କୋଲକାତାର ଟଲିଗଞ୍ଜରେ ହୋଇଥିଲା। ତାଙ୍କର ବାଲ୍ୟକାଳ କୋଲକାତାରେ କଟିଥିଲା। ଭାରତରେ ସ୍କୁଲ ଶିକ୍ଷା ସମାପ୍ତ ହେବା ପରେ ପରିବାର ତାଙ୍କୁ ଇଂଲଣ୍ଡ ପଠାଇ ଦେଇଥିଲେ। ସେଠାରେ ସେ ପବ୍ଲିକ୍ ସ୍କୁଲରେ ପଢିବା ପରେ କେମ୍ବ୍ରିଜ ୟୁନିଭର୍ସିଟିରେ ଇତିହାସ ଓ ଥିୟୋଲୋଜି ପାଠ ପଢିଥିଲେ। ବ୍ରିଟେନରେ ପାଠପଢା ସରିବା ପରେ ବିବିସିର ସାମ୍ବାଦିକତା ବିଭାଗରେ ଚାକିରୀ ମିଳିନଥିଲା। ସେ ପର୍ସନେଲ ଡିପାର୍ଟମେଣ୍ଟରେ କାମ କରୁଥିବା ବେଳେ ତାଙ୍କର ଭାରତ ବଦଳି ହୋଇଥିଲା। ଭାରତରେ ହିଁ ତାଙ୍କୁ ସାମ୍ବାଦିକତା କରିବାର ସୁଯୋଗ ମିଳିଥିଲା। ସାମ୍ବାଦିକତା ପେଷା ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠା ପାଇଁ ତାଙ୍କୁ ଭାରତରେ ପଦ୍ମଶ୍ରୀ ଓ ପଦ୍ମ ଭୂଷଣ ସମ୍ମାନ ମଧ ମିଳିଛି।

# ଫର୍ଣ୍ଣିଚର ଦୋକାନରେ ଭୟଙ୍କର ଅଗ୍ନିକାଣ୍ଡ, ୫ ମୃତ



ହାଇଦ୍ରାବାଦ,୨୫।୧: ଗତ ରାତିରେ ହାଇଦ୍ରାବାଦର ନାମପାଲି ଅଞ୍ଚଳରେ ଥିବା ୪ ମହଲା ବିଶିଷ୍ଟ ଫର୍ଣ୍ଣିଚର ଦୋକାନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ୫ ଜଣ ଫସି ଯାଇଥିଲେ। ପରେ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶନିବାର ଦିନ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। କୋଠାରେ ବେସମେଣ୍ଟରେ ଫସି ରହିଥିବା ୫ ଜଣଙ୍କୁ ଉଦ୍ଧାର କରିବା ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। କୋଠାରୁ ଜଣେ ମହିଳାଙ୍କ ସମେତ ୫ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ସମସ୍ତ ମୃତଦେହକୁ ଓସମାନିଆ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅଗ୍ନିକାଣ୍ଡ ଘଟିବା ପରେ ପୁଲିସ, ଅଗ୍ନିଶମ ବିଭାଗ, ଏନଡିଆରଏଫ୍ ଏବଂ ହାଇଦ୍ରାବାଦ ବିପର୍ଯ୍ୟୟ ପ୍ରତିକ୍ରିୟା ଏବଂ ସମ୍ପତ୍ତି ସୁରକ୍ଷା ସଂସ୍ଥା ସମେତ ଅନେକ ସଂସ୍ଥା ମିଳିତ ଭାବରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅବହେଳା ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବାଂଲାଦେଶରେ ଥମୁନି ସଂଖ୍ୟାଲଘୁଙ୍କ ଉପରେ ହିଂସା

# ଆଉ ଜଣେ ହିନ୍ଦୁଙ୍କୁ ଜାଳି ମାରିଲେ



ନୂଆଦିଲ୍ଲୀ ୨୫।୧ ; ବାଂଲାଦେଶରେ ନିର୍ବାଚନୀ ପରିବେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ପୁଣି ହିଂସା ବୃଦ୍ଧିପାଇଛି। ସମ୍ପ୍ରତି ୨୩ ବର୍ଷୀୟ ହିନ୍ଦୁ ଯୁବକ ଚଞ୍ଚଲ ଭୌମିକଙ୍କୁ ତାଙ୍କ ନିଜ ଦୋକାନରେ ଜୀବନ୍ତ ଜାଳି ଦିଆଯାଇଛି। ଏହି ଘଟଣା ଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ଶୁକ୍ରବାର ରାତିରେ ନରସିଣ୍ଡିରେ ଏହି ଘଟଣା ଘଟିଥିଲା। ଚଞ୍ଚଲ ତାଙ୍କ ଦୋକାନରେ ଶୋଇଥିଲେ। ଅଭିଯୋଗ ହୋଇଛି ଯେ, ଆକ୍ରମଣକାରୀ ଦୋକାନର ସଟର ବନ୍ଦକରି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ ଚଞ୍ଚଲ। ତାଙ୍କ ବାପାଙ୍କ ମୃତ୍ୟୁ ହୋଇସାରିଥିଲା । ସେ ତାଙ୍କ ଅସୁସ୍ଥ ମାଆ, ଅକ୍ଷମ ବଡ଼ ଭାଇ ଓ ସାନ ଭାଇଙ୍କ ପେଟ ପୋଷୁଥିଲେ। ସ୍ଥାନୀୟ ଲୋକଙ୍କ ଅନୁଯାୟୀ ସେ ଅତ୍ୟନ୍ତ ପରିଶ୍ରମୀ ଓ ସରଳ ସ୍ୱଭାବର ଥିଲେ। କାହା ପ୍ରତି ତାଙ୍କର କୌଣସି ଶତ୍ରୁତା ନଥିଲା। ପରିବାର ପକ୍ଷରୁ କୁହାଯାଇଛି ହତ୍ୟାକାଣ୍ଡ ଯୋଜନାବଦ୍ଧ ଥିଲା ଓ ଧାର୍ମିକ ଘୃଣା ଯୋଗୁ ହୋଇଥାଇପାରେ। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହିଂସାର ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ଦୀପୁ ଚନ୍ଦ୍ର ଦାସ ଓ ଖୋକନ ଚନ୍ଦ୍ର ଦାସଙ୍କୁ ଜୀବନ୍ତ ଜାଳି ଦିଆଯାଇଥିଲା। ଗତ କିଛି ମାସ ମଧ୍ୟରେ ଅନେକ ହିନ୍ଦୁଙ୍କ ଉପରେ ଆକ୍ରମଣ ହୋଇଛି।

# ୨୭ରେ ଶେଷହେବ ଭାରତ-ଇୟୁ ସମ୍ମିଳନୀ

## ଦ୍ୱିପାକ୍ଷିକ ସଂପର୍କ ଓ ବାଣିଜ୍ୟ ଆଗକୁ ବଢ଼ିବ

## ଭାରତକୁ ମିଳିବ ଅଧିକ ଏଫ୍‌ଡିଆଇ

ନୂଆଦିଲ୍ଲୀ,୨୫।୧: ଭାରତ ଓ ଇୟୁରୋପୀ ସଂଘ (ଇୟୁ) ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ଚାଲିଥିବା ଦୀର୍ଘବର୍ଷର ଆଲୋଚନା ଆସନ୍ତା ୨୭ ତାରିଖରେ ଶେଷ ହେବ ବୋଲି ଆଶା କରାଯାଉଛି। ଭାରତରେ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ ଡେର ଲେୟେନ୍ ପହଞ୍ଚି ସାରିଛନ୍ତି। ରବିବାର ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ ଲୁଇ ସାଣ୍ଟୋସ୍ ପହଞ୍ଚିବେ। ଦୁଇଜଣ ଯାକ ନେତା ଚଳିତବର୍ଷ ପାଇଁ ଜନରାଜ୍ୟ ଦିବସ ଉତ୍ସବର ମୁଖ୍ୟ ଅତିଥି ହେବେ। ଏଥିସହିତ ୨୭ ତାରିଖରେ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଆଲୋଚନା ଆନୁଷ୍ଠାନିକ ଭାବେ ଶେଷ ହେବ ବୋଲି ଆଶା କରାଯାଉଛି। ସେହିଦିନ ଭାରତ-ଇୟୁର ୧୬ତମ ସମ୍ମିଳନୀ ମଧ ଅନୁଷ୍ଠିତ ହେବ। ତେଣୁ ଏହା ଦ୍ୱିପାକ୍ଷିକ ସଂପର୍କ ଓ ବାଣିଜ୍ୟକୁ ଆଗକୁ ନେବ ବୋଲି ଅନୁମାନ କରାଯାଉଛି। ଗତବର୍ଷ ଅଗଷ୍ଟ ମାସରୁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଛନ୍ତି। ଏଭଳି ସ୍ଥିତିରେ ଭାରତ ଏହାର ବାଣିଜ୍ୟିକ ସଂପର୍କକୁ ଅନ୍ୟାନ୍ୟ ଦେଶ ସହିତ ମଜଭୁତ କରିବାକୁ ଚାହୁଛି। ଭାରତର ମୋଟ ସାମଗ୍ରୀ ରପ୍ତାନିର ୧୭ ପ୍ରତିଶତ ୟୁରୋପୀୟ ସଂଘକୁ କରୁଛି। ଏଫ୍‌ଟିଏ ହେଲେ ଏହା ବୃଦ୍ଧି ପାଇବ। ୨୦୨୪-୨୫ରେ ଉଭୟ ପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରାୟ ୧୩୬ ବିଲିଅନ ଡଲାରରେ ରହିଛି। ୨୦୧୯ରୁ ୨୦୨୪ ମଧ୍ୟରେ ସେବା କ୍ଷେତ୍ରରେ ଭାରତ-ଇୟୁ ଦ୍ୱିପାକ୍ଷିକ ବାଣିଜ୍ୟରେ ଭଲ ବୃଦ୍ଧି ହୋଇଛି। ଇୟୁକୁ ଭାରତର ରପ୍ତାନି ଏହି ସମୟ ମଧ୍ୟରେ ୧୯ ବିଲିଅନ ୟୁରୋରୁ ୩୭ ବିଲିଅନ ୟୁରୋକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଭାରତକୁ ଇୟୁର ରପ୍ତାନି ୨୯ ବିଲିୟନ ୟୁରୋକୁ ବୃଦ୍ଧି ଘଟିଛି। ଭାରତ-ଇୟୁ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ହେଲେ ଭାରତରେ ୟୁରୋୟୀୟ କମ୍ପାନିଙ୍କ କାର୍ ଏବଂ ମଦ ଶସ୍ତା ହେବ। ସେହିଭଳି ଇୟୁକୁ ଭାରତର ପେଟ୍ରୋଲିୟମ ଉତ୍ପାଦ, ବୟନ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ କମ୍ପ୍ୟୁଟର ଉପକରଣର ରପ୍ତାନି ବୃଦ୍ଧି ପାଇବ। ଏଥିସହିତ ୟୁରୋପୀୟ ସଂଘରୁ ଭାରତକୁ ଅଧିକ ଏଫ୍‌ଡିଆଇ ଆସିବ।

### ଆମେରିକା ଆକ୍ରମଣ ପୂର୍ବରୁ ଛାନିଆ

# ପୁଅକୁ ଦାୟିତ୍ୱ ଦେଇ ବଙ୍କରରେ ଲୁଚିଲେ ଖେମିନି



**ତେହେରାନ/ୱାଶିଂଟନ,୨୫।୧:** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ସାମ୍ନାକୁ ଆସିଛି। ଆମେରିକାର ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍ ଭୟରେ ଖେମିନି ଏକ ବଙ୍କରରେ ଲୁଚି ରହିଛନ୍ତି। ଇରାନର ବରିଷ୍ଠ ସାମରିକ ଅଧିକାରୀମାନେ ତାଙ୍କୁ ସତର୍କ କରାଇ ଦେଇଥିଲେ ଯେ, ଆମେରିକା ଯେକୌଣସି ସମୟରେ ଏୟାର ଷ୍ଟ୍ରାଇକ୍ କରିପାରେ। ରିପୋର୍ଟ ଅନୁଯାୟୀ, ୮୬ ବର୍ଷୀୟ ଖେମିନି ତେହେରାନର ଏକ ବଙ୍କରରେ ଲୁଚି ରହିଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ଏହି ବଙ୍କରଟି ଅନେକ ଗୁପ୍ତ ଭୂତଳ ସୁଡ଼ଙ୍ଗ ସହିତ ସଂଯୁକ୍ତ ବୋଲି କୁହାଯାଉଛି। ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ କ୍ୟାରିଅର ଷ୍ଟ୍ରାଇକ୍ ଗ୍ରୁପ୍ ପାରସ୍ୟ ଉପସାଗର ଆଡକୁ ମୁହାଁଇଥିବାରୁ ପରିସ୍ଥିତି ଅଧିକ ସଙ୍କଟ ଜନକ ହେବାରେ ଲାଗିଛି।

ଦେଶର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ଖାମେନିଙ୍କ ସାନପୁଅ ମାସୁଦ ଖେମିନିଙ୍କୁ ହସ୍ତାନ୍ତର କରାଯାଇଛି। ୫୩ ବର୍ଷୀୟ ମାସୁଦଙ୍କୁ ଅସ୍ଥାୟୀ ଭାବରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକର ତଦାରଖ ଦାୟିତ୍ୱ ଦିଆଯାଇଛି। ସେ ସରକାରଙ୍କ କାର୍ଯ୍ୟନିର୍ବାହୀ ଶାଖା ଓ କ୍ଷମତାର ଅନ୍ୟାନ୍ୟ ଅଂଶ ମଧ୍ୟରେ ମୁଖ୍ୟ ଯୋଗାଯୋଗକାରୀ ଭାବରେ କାର୍ଯ୍ୟ କରୁଥାନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ଘୋଷଣା କରିଛନ୍ତି ଯେ, ଆମେରିକା ମଧ୍ୟପ୍ରାଚ୍ୟକୁ ଯୁଦ୍ଧଜାହାଜ ପଠାଉଛି। ଏହାକୁ ଇରାନ ପ୍ରତି ଏକ କଠୋର ଚେତାବନୀ ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ନୌସେନା ଏକ ବଡ଼ ନୌବାହିନୀ ମୁତୟନ କରିବା ସହିତ ତିନୋଟି ଯୁଦ୍ଧଜାହାଜକୁ ନେଇ ଗଠିତ ଆବ୍ରାହମ ଲିଙ୍କନ୍ ଷ୍ଟ୍ରାଇକ୍ ଗ୍ରୁପ୍ ଭାରତ ମହାସାଗରରୁ ପାରସ୍ୟ ଉପସାଗର ଆଡକୁ ମୁହାଁଇଛି। ଇରାନ ଆମେରିକା ଆଗରେ ମୁଣ୍ଡ ନୁଆଁଇବାର କୌଣସି ସଙ୍କେତ ସାର୍ବଜନୀନ ଭାବରେ ଦେଖାଇନାହିଁ। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ସ୍ପଷ୍ଟ ଭାବରେ କହିଛନ୍ତି, ଯଦି ଆମେରିକା କିମ୍ବା ଇସ୍ରାଏଲ ଇରାନର ସର୍ବୋଚ୍ଚ ନେତାଙ୍କ ଉପରେ ଆକ୍ରମଣ କରନ୍ତି। ତେବେ ଏହାକୁ ଇରାନ ବିରୋଧରେ ଯୁଦ୍ଧ ବୋଲି ବିବେଚନା କରାଯିବ। ଇରାନ ସଂସଦର ଜାତୀୟ ସୁରକ୍ଷା କମିଟି ଚେତାବନୀ ଦେଇଛି, ଯଦି ଖେମିନିଙ୍କ ଉପରେ ଆକ୍ରମଣ କରାଯାଏ ତେବେ ଜିହାଦ ଘୋଷଣା କରାଯିବ।

ଖେମିନି ସାଧାରଣତଃ ସୋସିଆଲ ମିଡିଆରେ ସକ୍ରିୟ ଥାଆନ୍ତି। କିନ୍ତୁ ସେ ଜାନୁଆରି ୧୭ ତାରିଖରୁ ଏକ୍ସରେ କୌଣସି ପୋଷ୍ଟ କରିନାହାନ୍ତି। ସେ କେତେ ସମୟ ଧରି ବଙ୍କରରେ ଅଛନ୍ତି ତାହାର ସ୍ପଷ୍ଟ ସୂଚନା ମିଳିନାହିଁ। ଜୁନ୍ ମାସରେ ଇସ୍ରାଏଲ ସହ ୧୨ ଦିନିଆ ଯୁଦ୍ଧ ସମୟରେ ସେ ବଙ୍କରକୁ ପଳାଇଥିଲେ। ସେହି ସମୟରେ, ସେ ତାଙ୍କ ମୃତ୍ୟୁ ଆଶଙ୍କା କରି ସମ୍ଭାବ୍ୟ ଉତ୍ତରାଧିକାରୀଙ୍କ ଏକ ତାଲିକା ମଧ ପ୍ରସ୍ତୁତ କରିଥିଲେ।



# ଫେବ୍ରୁଆରୀ ୩ରୁ ଖୋଲିବ ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ

## ମାଗଣାରେ ବୁଲିପାରିବେ ସାଧାରଣ ଲୋକେ

ନୂଆଦିଲ୍ଲୀ,୨୫।୧ : ଫେବ୍ରୁଆରୀ ୩ରୁ ସାଧାରଣ ଲୋକଙ୍କ ପାଇଁ ଖୋଲିବ ରାଷ୍ଟ୍ରପତି ଭବନର ପ୍ରସିଦ୍ଧ ଅମୃତ ଉଦ୍ୟାନ । ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖୋଲା ରହିବ। ଅମୃତ ଉଦ୍ୟାନକୁ ପୂର୍ବରୁ ମୋଗଲ ଗାର୍ଡେନ କୁହାଯାଉଥିଲା। ଯାହା ରାଷ୍ଟ୍ରପତି ଭବନ ପରିସରରେ ୧୫ ଏକରର ବିଶାଳ କ୍ଷେତ୍ରରେ ପରିବ୍ୟାପ୍ତ। ମୂଳତଃ ଏଥିରେ ଇଷ୍ଟ ଲନ୍, ସେଣ୍ଟ୍ରାଲ ଲନ, ଲଙ୍ଗ ଗାର୍ଡେନ ଏବଂ ସର୍କୁଲାର ଗାର୍ଡେନ ସାମିଲ ଥିଲା। ତେବେ ଲୋକଙ୍କ ପାଇଁ ଏହା ସପ୍ତାହର ୬ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଉଦ୍ୟାନ ସୋମବାର ବନ୍ଦ ରହିବ। ରାଷ୍ଟ୍ରପତି ସଚିବାଳୟ ପକ୍ଷରୁ ଜାରି ଏକ ଆନୁଷ୍ଠାନିକ ବିଜ୍ଞପ୍ତି ଅନୁସାରେ, ସବୁ ଦର୍ଶକଙ୍କ ପାଇଁ ଗାର୍ଡେନରେ ଏଣ୍ଟ୍ରି ଏବଂ ଏହାର ବୁକିଂ ସଂପୂର୍ଣ୍ଣ ଭାବରେ ମାଗଣା। ରାଷ୍ଟ୍ରପତି ଭବନର ଅଫିସିଆଲ ୱେବସାଇଟ ଦ୍ୱାରା ଦର୍ଶକ ରେଜିଷ୍ଟ୍ରେସନ କରିପାରିବେ।

# ରୋହିତ ଓ ହରମନପ୍ରୀତଙ୍କୁ ପଦ୍ମଶ୍ରୀ



**ନୂଆଦିଲ୍ଲୀ, ୨୫।୧:** ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟକ ହରମନପ୍ରୀତ କୌର ଏବଂ ଷ୍ଟାର ବ୍ୟାଟର ରୋହିତ ଶର୍ମାଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ଚୟନ କରାଯାଇଛି। ୨୦୨୬ ଗଣତନ୍ତ୍ର ଦିବସର ଗୋଟିଏ ଦିନ ପୂର୍ବରୁ ଭାରତ ସରକାର ପ୍ରତିବର୍ଷ ପରି ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି। ଏହି ସୂଚୀରେ ଅନେକ ଖେଳାଳିଙ୍କୁ ସ୍ଥାନିତ କରାଯାଇଛି। ଦେଶର ସବୁଠାରୁ ସଫଳ ଟେନିସ୍ ଖେଳାଳିଙ୍କ ମଧ୍ୟରୁ ବିଜୟ ଅମୃତରାଜଙ୍କୁ ମଧ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଛି। ଏହି ବର୍ଷ ସରକାର ମୋଟ ୧୩୧ ଜଣ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିରେ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଛି। କ୍ରୀଡ଼ା ଜଗତରୁ ଗୋଟିଏ ପଦ୍ମଭୂଷଣ ଏବଂ ଆଠ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଉଛି। ଏହି ଖେଳାଳିମାନେ ହେଲେ ବିଜୟ ଅମୃତରାଜ (ଟେନିସ୍), ରୋହିତ ଶର୍ମା (କ୍ରିକେଟ୍), ହରମନପ୍ରୀତ କୌର (କ୍ରିକେଟ୍), ପ୍ରବୀଣ କୁମାର (ପାରା-ଆଥଲେଟିକ୍ସ), ବାଲଦେବ ସିଂ (ହକି), ଭଗବାନଦାସ ରାଇକୱାର (ପାରମ୍ପରିକ ସାମରିକ କଳା), କେ ପଜନିଭେଲ (ସିଲମ୍ବମ୍), ସବିତା ପୁନିଆ (ହକି), ଭ୍ଲାଦିମିର ମେଷ୍ଟଭିରିଶଭିଲି (ମରଣୋତ୍ତର), କୁସ୍ତି ପ୍ରଶିକ୍ଷକ।

### ୧୦ ଓଭରରେ ଖେଳ ଖତମ

# ସିରିଜ ଜିତିଲା ଟିମ୍ ଇଣ୍ଡିଆ

**ଗୁଆହାଟୀ, ୨୫।୧:** ଗୁଆହାଟୀ ଟ୍ୱେଣ୍ଟି-୨୦କୁ ୧୦ ଓଭର ପୂର୍ବରୁ ୮ ୱିକେଟ୍‌ରେ ଜିତି ନେଇଛି ଭାରତୀୟ କ୍ରିକେଟ୍ ଦଳ। ତା' ସହିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୩-୦ର ଅପରାଜେୟ ଅଗ୍ରଣୀ ଲାଭ କରି ଆଗୁଆ କବ୍‌ଜା କରି ନେଇଛି। ସେହିଭଳି ଘରୋଇ ପରିବେଶରେ ଖେଳାଯିବାକୁ ଥିବା ବିଶ୍ୱକପ୍ ପୂର୍ବରୁ ନିଜ ମନୋବଳକୁ ଆହୁରି ଉଚ୍ଚ କରି ନେଇଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଲଗାତାର ଅର୍ଦ୍ଧଶତକ ମାରିବା ଏବଂ ଯୁବ ଓପନର୍ ଅଭିଷେକ ଶର୍ମା ଭାରତ ପକ୍ଷରୁ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଅର୍ଜନ କରିବା ରବିବାର ଭାରତୀୟ ପ୍ରଶଂସକଙ୍କ ପାଇଁ ଅତିରିକ୍ତ ଖୁସି ଆଣିଛି। ଶୃଙ୍ଖଳାର ଚତୁର୍ଥ ମ୍ୟାଚ୍ ୨୮ ତାରିଖରେ ବିଶାଖାପାଟଣାରେ ଖେଳାଯିବ। ରବିବାର ନ୍ୟୁଜିଲାଣ୍ଡ ମାତ୍ର ୧୫୪ ରନ୍‌ର ଲକ୍ଷ୍ୟ ଦେଇଥିଲା।

ଖାସ୍ ବିଶ୍ୱକପ୍ ଲକ୍ଷ୍ୟ ନେଇ ପାଳି ଆରମ୍ଭ କରିବାର ପ୍ରତୀକ୍ଷିତ ସୁଯୋଗ ପାଇଥିବା ସଞ୍ଜୁ ସାମସନ୍ କିନ୍ତୁ ପୁଣି ଥରେ ନିରାଶ କରିଥିଲେ। ଭାରତ ପଶ୍ଚାଦ୍‌ଧାବନର ପ୍ରଥମ ବଲ୍‌ରେ ହିଁ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ସେ। ତଥାପି ଦୁଇ ଯୁବ



ବୀର ଅଭିଷେକ ଓ ଈଶାନ କିଶନ ନିର୍ଭୀକ କ୍ରିକେଟ୍ ଖେଳି ଚୌକା ଛକା ବର୍ଷା କରିଥିଲେ। ଈଶାନ ୨୮ ରନ୍‌ରେ ଆଉଟ୍ ହେବା ପରେ କିନ୍ତୁ ଭାରତ ଆଉ ୱିକେଟ୍ ହରାଇ ନଥିଲା। ସୂର୍ଯ୍ୟକୁମାର ଓ ଅଭିଷେକ ଅବିଭାଜିତ ତୃତୀୟ ୱିକେଟ୍‌ରେ ୧୦୨ ରନ୍‌ର ଭାଗୀଦାର ଗଢ଼ି ଭାରତକୁ ଦଶମ ଓଭର ଶେଷ ବଲ୍‌ରେ ହିଁ ବିଜୟୀ କରାଇଥିଲେ। ଏହି ଦୁଇ ଜଣଙ୍କ ବିସ୍ଫୋରକ ରୂପ ଲାଗି ଭାରତ ପାୱାର ପ୍ଲେ'ରେ ନିଜ ଟ୍ୱେଣ୍ଟି-୨୦ ଇତିହାସର ଦ୍ୱିତୀୟ ସର୍ବାଧିକ ସ୍କୋର୍ (୯୪) ହାସଲ କରି ନେଇଥିଲା। ଅଭିଷେକଙ୍କ ୧୪ ବଲ୍ ଅର୍ଦ୍ଧଶତକ ବି ଭାରତର ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଅଭିଷେକ ଏବେ ନିଜ ମାର୍ଗଦର୍ଶକ ତଥା ଗୁରୁ ଯୁବରାଜ ସିଂହଙ୍କ ୧୨ ବଲ୍ ଅର୍ଦ୍ଧଶତକ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ସୂର୍ଯ୍ୟକୁମାର ମଧ ୨୫ ବଲ୍‌ରୁ ଅର୍ଦ୍ଧଶତକ କରି ନିଜ ଚମତ୍କାର ଦକ୍ଷତାର ପୁନର୍ବାର ପ୍ରମାଣ ଦେଇଥିଲେ।

ପୂର୍ବରୁ ସୂର୍ଯ୍ୟକୁମାର ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ କରିବା ପରେ ଭାରତୀୟ ବୋଲର୍ ଏହି ଧାରାକୁ ବଦଳାଇ ଦେଇଥିଲେ। ରବିବାର ନିଜ ଶୃଙ୍ଖଳିତ ଓ ଶାଣିତ ବୋଲିଂରେ ନ୍ୟୁଜିଲାଣ୍ଡକୁ ୧୫୩/୯ରେ ଅଟକାଇ ଦେଇଥିଲେ। ହର୍ଷିତ ରାଣା, ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦିକ ପାଣ୍ଡ୍ୟା ତିନିଟି ସଅଳ ୱିକେଟ୍ ନେଇ କିୱି ଦଳକୁ ୩୪/୩ରେ ସଂଘର୍ଷ କରିବାକୁ ବାଧ କରିଥିଲେ। ତେବେ ବୁମ୍‌ରା କାଇଲ୍ ଜନସନଙ୍କୁ ଆଉଟ୍ କରି ଭାରତର ସଫଳତମ ବୋଲର (୩/୧୭) ହୋଇଥିଲେ। ହାର୍ଦିକ ଓ ବିଷ୍ଣୋଇ ଦୁଇଟି ଲେଖାଏଁ ଏବଂ

● ଟ୍ରମ୍ପଙ୍କୁ ମେଲୋନୀଙ୍କ କଡ଼ା ଜବାବ

## ଆଫଗାନୀସ୍ତାନ ଯୁଦ୍ଧ ବେଳେ କରିଥିଲୁ ସହଯୋଗ



**ରୋମ୍, ୨୫।୧:** ଆଫଗାନିସ୍ତାନ ଯୁଦ୍ଧରେ ନାଟୋ ମେଣ୍ଟ ଓ ଏହାର ସହଯୋଗକୁ ନେଇ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିୟା ମେଲୋନି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ସାର୍ବଜନୀନ ବିତର୍କ ଆରମ୍ଭ ହୋଇଛି। ଆଫଗାନିସ୍ତାନରେ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ନାଟୋ ସହଯୋଗୀମାନେ ଆମେରିକାକୁ ପୂର୍ଣ୍ଣ ସମର୍ଥନ କରି ନଥିବା ଟ୍ରମ୍ପଙ୍କ ବିବୃତି ଉପରେ ମେଲୋନି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୧ ଆକ୍ରମଣ ପରେ ନାଟୋ ଦେଖାଇଥିବା ଏକତା ପ୍ରତି ଏହା ଅପମାନ ବୋଲି ମେଲୋନି କହିଛନ୍ତି। ଜାନୁଆରି ୨୨ ତାରିଖରେ, ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ ସମୟରେ, ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ, ଆମେରିକା କେବେ ବି ନିଜ ସହଯୋଗୀଙ୍କଠାରୁ କିଛି ଆବଶ୍ୟକ କରିନାହିଁ କିମ୍ବା ମାଗିନାହିଁ। ଟ୍ରମ୍ପ ଦାବି କରିଥିଲେ ଯେ, ନାଟୋ ଦେଶମାନେ ଆଫଗାନିସ୍ତାନକୁ କିଛି ସୈନ୍ୟ ପଠାଇଥିଲେ। କିନ୍ତୁ ସେମାନେ ସର୍ବଦା ଆଗ ଧାଡ଼ିଠାରୁ ଦୂରରେ ପଛରେ ସୁରକ୍ଷିତ ଭାବରେ ରହିଥିଲେ। ଆବଶ୍ୟକ ହେଲେ ଭବିଷ୍ୟତରେ ନାଟୋ ଦେଶମାନେ ଆମେରିକାକୁ ସମର୍ଥନ କରିବେ କି ନାହିଁ ସେ ବିଷୟରେ ଟ୍ରମ୍ପ ସନ୍ଦେହ ପ୍ରକାଶ କରିଥିଲେ। ଜର୍ଜିଆ ମେଲୋନି ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରି ମନେ ପକାଇ ଦେଇଛନ୍ତି ଯେ, ୧୧ ସେପ୍ଟେମ୍ବର ୨୦୦୧ ଆକ୍ରମଣ ପରେ ନାଟୋ ଇତିହାସରେ ପ୍ରଥମ ଥର ପାଇଁ ଧାରା ୫ ସକ୍ରିୟ କରିଥିଲା। ସେ ଏହାକୁ ଆମେରିକା ସହିତ ଏକତା ପାଇଁ ଏକ ଅସାଧାରଣ କାର୍ଯ୍ୟ ବୋଲି କହିଥିଲେ। ମେଲୋନିଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ବିବୃତି ସେହି ସମୟରେ ଦେଖାଯାଇଥିବା ଏକଜୁଟ ଭାବନାକୁ ଅଣଦେଖା କରିଛି। ମେଲୋନି ଇଟାଲୀର ନିରନ୍ତର ସାମରିକ ପ୍ରତିଶ୍ରୁତିବଦ୍ଧତା ବିଷୟରେ କହିଛନ୍ତି ଯେ, ଆମେ ଆଫଗାନିସ୍ତାନରେ ହଜାର ହଜାର ସୈନ୍ୟଙ୍କୁ ମୁତୟନ କରିଥିଲୁ। ଇଟାଲୀ ମିଶନର ସବୁଠାରୁ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମଧ୍ୟରୁ ଆଞ୍ଚଳିକ କମାଣ୍ଡ ପଶ୍ଚିମର ନେତୃତ୍ୱ ଗ୍ରହଣ କରିଥିଲା। ଆଫଗାନିସ୍ତାନରେ ୫୩ ଜଣ ଇଟାଲୀୟ ସୈନିକ ନିଜ ଜୀବନ ଦେଇଛନ୍ତି। ସେହିପରି ୭୦୦ରୁ ଅଧିକ ଆହତ ହୋଇଛନ୍ତି। ମେଲୋନି କହିଛନ୍ତି ଯେ, ଆଫଗାନ ସେନାର ତାଲିମ ଓ ସୁରକ୍ଷା ମିଶନରେ ଇଟାଲୀର ଅବଦାନ ଏକ ସତ୍ୟ ଯାହାକୁ କେବେ ଅଣଦେଖା କରାଯାଇପାରିବ ନାହିଁ।

## ଶ୍ୱାସରୁଦ୍ଧ ହୋଇ ସିଭିକ ଭଲେଣ୍ଟିୟର ମୃତ

**କୋଲକାତା, ୨୫।୧ (ସଂଚାର ବ୍ୟୁରୋ):** ଏକ କପଡ଼ା ଦୋକାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ କାମ କରୁଥିବା ସମୟରେ ଜଣେ ସିଭିକ ଭଲେଣ୍ଟିୟରଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂତ୍ର ଅନୁଯାୟୀ, ମୃତ ପୁଲିସ ଭଲେଣ୍ଟିୟରଙ୍କ ନାମ ମନରୁଲ ହକ୍ (୪୨)। ସେ ମୁର୍ଶିଦାବାଦର ଶାମଶେରଗଞ୍ଜ ଥାନାର ସାହେବନଗରର ବାସିନ୍ଦା। ସେ ଶାମଶେରଗଞ୍ଜ ଥାନାରେ କର୍ତ୍ତବ୍ୟରତ ଥିଲେ। ନିଆଁ ଲାଗିବା ଦ୍ୱାରା ବହୁ ପରିମାଣର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲିଭାଇବାକୁ ଯାଇ ଧୂଆଁରେ ଶ୍ୱାସରୁଦ୍ଧ ହେବାରୁ ଅସୁସ୍ଥ ହୋଇ ଜଣେ ସିଭିକ ଭଲେଣ୍ଟିୟରଙ୍କ ମୃତ୍ୟୁ। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଧୂଳିଆନ୍ ପୌରସଭାର ୫ ନମ୍ବର ୱାର୍ଡର ଲକ୍ଷ୍ମୀବିଦି ରୋଡରେ ଥିବା ଏକ କପଡ଼ା ଦୋକାନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ଧୂଳିଆନ୍ ଦମକଳ ବିଭାଗର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଦୀର୍ଘ ପ୍ରୟାସରେ ନିଆଁକୁ ନିୟନ୍ତ୍ରଣ କରିଥିଲେ।

# ଆମେରିକୀୟ ପ୍ରତିନିଧିଙ୍କୁ ଭେଟିଲେ ଜୟଶଙ୍କର

### ବାଣିଜ୍ୟ ଏବଂ ସୁରକ୍ଷା ବିଷୟରେ ହେଲା ଆଲୋଚନା

**ନୂଆଦିଲ୍ଲୀ, ୨୫।୧:** ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆମେରିକା କଂଗ୍ରେସର ଏକ ତିନି ଜଣିଆ ପ୍ରତିନିଧିମଣ୍ଡଳୀଙ୍କୁ ଭେଟିଥିଲେ। ଏହି ବୈଠକରେ ଭାରତ-ଆମେରିକା ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ବାଣିଜ୍ୟ, ସୁରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ଆଲୋଚନା କରିଥିଲେ।ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପରିସ୍ଥିତି ଏବଂ ୟୁକ୍ରେନ ଯୁଦ୍ଧ ଭଳି ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ ଆଲୋଚନା କରାଯାଇଥିଲା। ରବିବାର ଏଠାରେ ଅନୁଷ୍ଠିତ ଏହି ବୈଠକରେ ଆମେରିକୀୟ ସାଂସଦ ମାଇକ ରୋଜସ୍, ଆଡ଼ାମ ସ୍ମିଥ୍ ଏବଂ ଜିମି ପାଟ୍ରୋନିସ ଉପସ୍ଥିତ ଥିଲେ ଏବଂ ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୌର ମଧ ଉପସ୍ଥିତ ଥିଲେ। ବୈଦେଶିକ



ମନ୍ତ୍ରୀ ଏସ. ଜୟଶଙ୍କର ବୈଠକ ପରେ ଏକ୍ସ ରେ କହିଥିଲେ ଯେ, ଆମେରିକା କଂଗ୍ରେସ ସହିତ ଆଲୋଚନା ସର୍ବଦା ଭାରତ-ଆମେରିକା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଆସିଛି। ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କ, ଭାରତ-ପ୍ରଶାନ୍ତ ମହାସାଗର ଏବଂ ୟୁକ୍ରେନ ବିବାଦ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲେ। ବୈଠକ ପରେ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋରୁ ଏକ୍ସ ରେ କହିଥିଲେ ଯେ, ବୈଠକ ବହୁତ ଉପଯୋଗୀ ଥିଲା ଏବଂ ସୁରକ୍ଷା, ବାଣିଜ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟାରେ ସହଯୋଗ ବୃଦ୍ଧି କରିବାର ଉପାୟଗୁଡ଼ିକ ଉପରେ ବିଚାର କରାଯାଇଥିଲା।

### କୋରାପୁଟରେ ହାଇକୋର୍ଟର ମୁଖ୍ୟ ବିଚାରପତି

# ଓକିଲାତି ପେସା ନୁହଁ, ବ୍ରତୀ ହେବା ଆବଶ୍ୟକ

**କୋରାପୁଟ, ୨୫।୧ (ସଂଚାର ବ୍ୟୁରୋ):** ତିନିଦିନିଆ ଗସ୍ତରେ କୋରାପୁଟ ଆସିଥିବା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ତଣ୍ଡନ ରବିବାର କୋରାପୁଟର ସମସ୍ତ କୋର୍ଟ ବୁଲି ଦେଖିବା ସହ ବାର ଆସୋସିଆନର ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। କୋରାପୁଟ ବାରରେ ପହଞ୍ଚିଲା ପରେ କୋରାପୁଟର ଡେମସା ନୃତ୍ୟ ଦ୍ୱାରା ମୁଖ୍ୟ ବିଚାରପତି ହରିଶ ତଣ୍ଡନ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ କୋରାପୁଟ ବାର ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

ଏହି ଅବସରରେ କୋର୍ଟ ସମ୍ମୁଖରେ ଆୟୋଜିତ ସଭାରେ ମୁଖ୍ୟ ବିଚାରପତି ଏବଂ ଜଷ୍ଟିସ କୋରାପୁଟ ବାର ଆସୋସିଆନକୁ ଦିଗ ଦର୍ଶନ ଦେବା ସହ ଯୁବ ଓକିଲଙ୍କୁ କିଛି ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହଁ ଆସୋସିଆନର ସମସ୍ତ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ମଧ ଦେଇଥିଲେ। ଓକିଲାତି ଏକ ପେସା ନୁହଁ ବ୍ରତୀ ହେବା ଆବଶ୍ୟକ ବୋଲି ନିଜ ଅଭିଭାଷଣରେ ଜଷ୍ଟିସ ତଣ୍ଡନ କହିଥିଲେ। ରବିବାର ଆୟୋଜିତ ଏହି ସମ୍ବୋଧନ ସଭାରେ ବାର ଆସୋସିଆନର ସମସ୍ତ ସଦସ୍ୟ ସଦସ୍ୟା ସମସ୍ତ କୋର୍ଟର ବିଚାରପତି ନବ ନିଯୁକ୍ତ ସରକାରୀ ଓକିଲ ଉପସ୍ଥିତ ଥିଲେ। ଏହି କର୍ଯ୍ୟକ୍ରମରେ କୋରାପୁଟ ବାର ସଂଘ ସଭାପତି ପ୍ରଭାତ କୁମାର ମହାପାତ୍ର, ଉପସଭାପତି, ସମ୍ପାଦକ ସୁନୀଲ ଜେନା, କୋଷାଧକ୍ଷ କାମାକ୍ଷା ପ୍ରସାଦ ମାଝୀଙ୍କ ସମେତ ବହୁ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜନଗର ପୁଲିସ୍ ହସ୍ତାନ୍ତର କଲା ୩୩ ମୋବାଇଲ

**ଭଞ୍ଜନଗର, ୨୫।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୁଲିସ ହଜିଯାଇଥିବା ୩୩ଟି ମୋବାଇଲ ଫୋନ ଉଦ୍ଧାର କରି ଆଜି ସେସବୁକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ନିଜ ନିଜ ହଜିଲା ମୋବାଇଲ୍ ଫେରିପାଇଥିବାରୁ ଏନେଇ ଭଞ୍ଜନଗର ପୁଲିସକୁ ଧନ୍ୟବାଦ ଦେଇଛନ୍ତି। ଏନେଇ ଆଜି ଭଞ୍ଜନଗର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପି ଓ ଡ. ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ସମୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଜି ପାଖାପାଖି ୨୫ଟି ଫୋନ୍‌କୁ ହସ୍ତାନ୍ତର କରାଯାଇଛି।

## ବିଜେପିରେ ଯୋଗଦେଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

**କେନ୍ଦୁଝର, ୨୫।୧ (ସଂଚାର ବ୍ୟୁରୋ):** ତେଲକୋଇ ବିମଳା ଠାରେ ଏକ ମିଶ୍ରଣ ପର୍ବ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ମଣ୍ଡଳ ସଭାପତି, ଉପସଭାପତି ଓ କାର୍ଯ୍ୟକର୍ତ୍ତାଙ୍କ ସହ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ଡଃ. ଫକୀର ଚରଣ ନାୟକ ଯୋଗଦେଇଥିଲେ । ଏହି ସଭାରେ ବହୁସଂଖ୍ୟାରେ ଆସି ଯୋଗଦେଇଥିବା ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତାମାନେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କର ଉନ୍ନତମାନର କାର୍ଯ୍ୟ ଓ ଲୋକାଭିମୁଖୀ ପଦକ୍ଷେପକୁ ସେମାନେ ପ୍ରଶଂସା କରିଥିଲେ। ଭାରତୀୟ ଜନତା ପାର୍ଟିର ନୂତନ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଧାୟକ ଡଃ. ଫକିର ଚରଣ ନାୟକ।



## କର୍ଣ୍ଣେଲ ସୋଫିଆଙ୍କୁ ମିଳିବ ବିଶିଷ୍ଟ ସେବା ପଦକ

**ନୂଆଦିଲ୍ଲୀ, ୨୫।୧:** ଭାରତୀୟ ସେନାର ଅଧିକାରୀ କର୍ଣ୍ଣେଲ ସୋଫିଆ କୁରେଶୀଙ୍କୁ ଚଳିତ ବର୍ଷ ଗଣତନ୍ତ୍ର ଦିବସରେ ସମ୍ମାନିତ କରାଯିବ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ, ସରକାର ଘୋଷଣା କରିଛନ୍ତି ଯେ, କର୍ଣ୍ଣେଲ ସୋଫିଆ କୁରେଶୀଙ୍କୁ ବିଶିଷ୍ଟ ସେବା ପଦକ (ଭିଏସଏମ) ପ୍ରଦାନ କରାଯିବ । ଅପରେସନ ସିନ୍ଦୂରକୁ ସାରା ବିଶ୍ୱରେ ପହଞ୍ଚାଇବାରେ ଭାରତୀୟ ସେନାର ଚେହେରା ପାଲଟିଥିଲେ କର୍ଣ୍ଣେଲ ସୋଫିଆ କୁରେଶୀ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନରେ ଆତଙ୍କବାଦୀ ଶିବିର ଧ୍ୱଂସ କରିବା ପାଇଁ ଭାରତର ଅପରେସନ୍ ସିନ୍ଦୂର କରିଥିଲା। ଏହି ସମୟରେ ଅନେକ ବିଷୟରେ ଗୁଜବ ପ୍ରଚାରିତ ହେଉଥିଲା। ସେତେବେଳେ ସେନାର କର୍ଣ୍ଣେଲ ସୋଫିଆ କୁରେଶୀ ଏବଂ ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହଙ୍କୁ କମାଣ୍ଡ ଦିଆଯାଇଥିଲା। ସେମାନେ ପଡ଼ୋଶୀ ଦେଶର ମିଛକୁ ପର୍ଦ୍ଦାଫାସ କରିଥିଲେ ଏବଂ ଅପରେସନର ଉଦ୍ଦେଶ୍ୟକୁ ବିଶ୍ୱ ସମ୍ମୁଖରେ ରଖିଥିଲେ।

# ପ୍ରଥମ ପୃଷ୍ଠାର

### ଆମ ସମ୍ବିଧାନ...

ତାରିଖରୁ ଆମର ଜାତୀୟ ଗୀତ 'ବନ୍ଦେ ମାତରମ' ରଚନାର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେଉଛି। ଭାରତ ମାତାଙ୍କ ସ୍ୱରୂପର ଏହି ବନ୍ଦନା ଗୀତ ଜନମନରେ ଦେଶ ପ୍ରେମ ସଞ୍ଚାର କରିଥାଏ। ଦେଶର ମହାକବି ସୁବ୍ରମଣ୍ୟମ ଭାରତୀ ତାମିଲ ଭାଷାରେ ବନ୍ଦେ ମାତରମର ଭାବାର୍ଥ ଆଧାରିତ ରଚନା କରି ଏହି ଭାବନାକୁ ଆହୁରି ବ୍ୟାପକ ସ୍ୱରୂପ ପ୍ରଦାନ କରିଛନ୍ତି। ଏହିପରି ବନ୍ଦେ ମା' ତରମର ଭାବନାକୁ ଜନମାନସରେ ଆହୁରି ଗଭୀର ଭାବେ ଯୋଡାଗଲା। ଅନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇ ଏହି ଗୀତ ଆହୁରି ଲୋକପ୍ରିୟ ହୋଇଛି।

ମୂଳ ରୂପେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ବନ୍ଦେ ମା' ତରମ ଆମ ରାଷ୍ଟ୍ର ବନ୍ଦନାର ପ୍ରତୀକ। ଏହି ରାଷ୍ଟ୍ର ବନ୍ଦନାର ସୌର୍ଯ୍ୟ ଓ ଗୌରବର ଦିନ ପୂର୍ବରୁ ୨୩ ଜାନୁୟାରୀରେ ଦେଶବାସୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସାଦର ଶ୍ରଦ୍ଧାଞ୍ଜଳି ଅର୍ପିତ କରି ସ୍ମରଣ କରିଛନ୍ତି। ୨୦୨୧ ମସିହାରୁ ଦେଶରେ ନେତାଜୀ ଜୟନ୍ତୀକୁ 'ପରାକ୍ରମ ଦିବସ' ରୂପେ ପାଳନ କରାଯାଇ ଆସୁଛି। ଯାହାଦ୍ୱାରା ଦେଶବାସୀ ବିଶେଷ କରି ଯୁବବର୍ଗ ତାଙ୍କର ଅଦମ୍ୟ ଦେଶ ଭକ୍ତିରୁ ପ୍ରେରଣା ପାଇ ପାରିବେ। ନେତାଜୀ ସୁଭାଷଚନ୍ଦ୍ର ବୋଷ ଦେଇଥିବା 'ଜୟ ହିନ୍ଦ' ଉଦଘୋଷ ଆମ ରାଷ୍ଟ୍ରର ଗୌରବ ଉଦଘୋଷ ଅଟେ।

### ୪ ଓଡ଼ିଆ...

ଓ ସୌନ୍ଦର୍ଯ୍ୟକୁ ନିଜର ଲେଖନୀ ମାଧମରେ ଉପସ୍ଥାପନ କରିଆସିଛନ୍ତି। ତାଙ୍କର ଏହି ନିରବଚ୍ଛିନ୍ନ ପ୍ରଚେଷ୍ଟା ଯୋଗୁଁ ଆଜି ସାନ୍ତାଳୀ କଳା ଓ ସଂସ୍କୃତି ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି।

ସେହିପରି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବୋମକେଇ ଗାଁର ସୀମାଞ୍ଚଳ ପାତ୍ର ୯୮ ବର୍ଷ ବୟସରେ ବି ପ୍ରହଲ୍ଲାଦ ନାଟକ ଜରିଆରେ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ସହ ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାର ଅନେକ ସ୍ଥାନରେ ଆଖଡ଼ା ପ୍ରସ୍ତୁତ କରି ଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ସହ ସେ ଅନେକ କଳାକାର ସୃଷ୍ଟି କରିପାରିଛନ୍ତି। ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରହଲ୍ଲାଦ ନାଟକର ବିଭିନ୍ନ କ୍ଷେତ୍ରରେ ଶ୍ରୀ ପାତ୍ରଙ୍କ ଅବଦାନ ଅତୁଳନୀୟ। ଏହାଛଡ଼ା କଟକ ଜିଲ୍ଲା ନୂଆପାଟଣା ଗାଁର ଶରତ ପାତ୍ର ଓଡ଼ିଶାର ପାରମ୍ପରିକ ବାନ୍ଧକଳାର ଜଣେ ମହାନ କାରିଗର। ପ୍ରାକୃତିକ ରଙ୍ଗ ବ୍ୟବହାର କରି ସେ ବାନ୍ଧକଳାରେ ନିପୁଣତା ହାସଲ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଗୀତଗୋବିନ୍ଦ ଶ୍ଳୋକ, ଦଶାବତାର ଏବଂ ବୁଦ୍ଧଙ୍କ ଜୀବନୀକୁ ଲୁଗାରେ ବାନ୍ଧକଳା ମାଧମରେ ଅତି ନିଖୁଣ ଭାବେ ଫୁଟାଇପାରିଛନ୍ତି। ଆହୁରି ମହେନ୍ଦ୍ର ମିଶ୍ର ଓଡ଼ିଶାର ଜଣେ ବିଶିଷ୍ଟ ଭାଷାବିତ୍ ଓ ଲୋକ ଗବେଷକ। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ମୌଖିକ ପରମ୍ପରା, ପୁରାଣ, ଲୋକଗୀତ ଓ ପ୍ରବାଦଗୁଡ଼ିକୁ ସଂଗ୍ରହ ତଥା ସଂରକ୍ଷଣ କରିବା ପାଇଁ ସେ ନିଜ ଜୀବନ ଉତ୍ସର୍ଗ କରିଛନ୍ତି। ଓଡ଼ିଆ ଓ ଆଦିବାସୀ ଲୋକସଂସ୍କୃତି ଉପରେ ସେ ୨୫ରୁ ଅଧିକ ପୁସ୍ତକ ବି ରଚନା କରିଛନ୍ତି।

### ଖୁବ୍‌ଶୀଘ୍ର...

ବିକାଶରେ ସହାୟକ ହେବ ବୋଲି ସେ ଆଶା କରି କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷା ନୀତି ଅଧୀନରେ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନର ପରିକଳ୍ପନା କରାଯାଇଛି, ଯେଉଁଥିରେ ଯୋଗ୍ୟତା ଆଧାରରେ କେନ୍ଦ୍ର ସରକାର ଗବେଷଣା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁଦାନ ଦେଉଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନଆଇଟି ରାଉରକେଲା ସହ ଅନୁବନ୍ଧିତ ହୋଇ ପ୍ରଥମ ଥର ପାଇଁ ୧୩ କୋଟିର ରିସର୍ଚ୍ଚ ଫଣ୍ଡ ପାଇଛି। ଏଥିସହ ୧୪ଟି ନୂଆ ପେଟେଣ୍ଟ ମଧ ଆରମ୍ଭ ହେବା ଗୌରବର ବିଷୟ। ଏଆଇ ଓ କ୍ୱାଣ୍ଟମ କମ୍ପ୍ୟୁଟିଂ ଆଜିର ଅତ୍ୟାଧୁନିକ ଜ୍ଞାନର ଆଧାର ହୋଇଛି। ସବୁ ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ।

### ନବସୃଜନ...

ଉପଦେଶ ଦେଇଥିଲେ। ଆଜିର 'ମନ କୀ ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଥିବା ତାଙ୍କର ପ୍ରତ୍ୟେକ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ସବିସ୍ତୃତ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ ଯେ ଆଜି ଥିଲା ଜାତୀୟ ମତଦାତା ଦିବସ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବ ଭୋଟରମାନଙ୍କୁ ଭୋଟର ଲିଷ୍ଟରେ ନାମ ପଞ୍ଜୀକୃତ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଇଣ୍ଡଷ୍ଟ୍ରି ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ମାନକୁ ସର୍ବାଗ୍ରେ ରଖିବା, ସ୍ୱଚ୍ଛତା ଓ ପରିବେଶ ପ୍ରଦୂଷଣ ପ୍ରତି ସଚେତନତା ବୃଦ୍ଧି ଭଳି ଅନେକ ପ୍ରେରଣାଦାୟୀ ବାର୍ତ୍ତା ମଧ ପ୍ରଧାନମନ୍ତ୍ରୀ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କର ଏହି 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱ ଦେଇ ଦେଶବାସୀଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇଆସୁଛନ୍ତି। ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତୃବୃନ୍ଦ ଓ ସ୍ଥାନୀୟ ବାସିନ୍ଦା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

### ୨୦୦୨ର...

ଯେଉଁଥିରେ ଏୟୁ ସିଂହଦେଓ ବିଜେଡି-ବିଜେପି ମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇଥିଲେ। ତାଙ୍କ ସପକ୍ଷରେ ପ୍ରଥମ ପସନ୍ଦର ଆବଶ୍ୟକ ଭୋଟ ଥିଲେ ମଧ ଦ୍ୱିତୀୟ ପସନ୍ଦ ଭୋଟରେ ସେ ହାରିଯାଇଥିଲେ। ୨୦୦୨ରେ ମଧ ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ଉଭୟ ବିଜେପି ଓ ବିଜେଡି ବିଧାୟକଙ୍କ କ୍ରସ ଭୋଟିଂରେ ଜିତିଥିଲେ। ୨୦୨୬ରେ ମଧ ଦିଲ୍ଲୀପ ରାୟ ସେଇ ସେଇ ଫଣ୍ଡା ଆପଣାଇବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି।

### ଆରପାରିରେ...

ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ବର୍ଷ ଶେଷ ଭାଗରେ ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗ ଓଲିଉଡ୍‌ରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା ବେଳେ ଏବେ ଅଭିଜିତ୍ ଦା'ଙ୍କ ପରଲୋକରେ ବର୍ଷ ଆରମ୍ଭରୁ ଓଡ଼ିଆ ସିନେମା ଓ ଆଲବମ୍ ଜଗତ ପାଇଁ ମସ୍ତବଡ଼ ଝଟ୍‌କା ହୋଇଛି। ଗତ ବର୍ଷ ସେପ୍ଟେମ୍ବର ମଧଭାଗରେ ଅଭିଜିତ୍ ଲିଭର୍‌ଜନିତ ସମସ୍ୟା ନେଇ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। କିଛିଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିବାରୁ ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆଜି ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତରମାନେ ଚିକିତ୍ସା କରିଥିଲେ ହେଁ ହୃଦ୍‌ଘାତରେ ଅଭିଜିତ୍ ପରଲୋକ ଗମନ କରିଥିବା ଡାକ୍ତରମାନେ ସୂଚନା ଦେଇଥିଲେ। ଫଳରେ ରାଜ୍ୟର କଳାକାର ଓ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା।

'କାଶିଆ କପିଳା' ସିନେମାରୁ ସଙ୍ଗୀତ ଯାତ୍ରା ଆରମ୍ଭ କରିଥିବା ଅଭିଜିତ୍ ଅଦ୍ୟାବଧି ପ୍ରାୟ ୬୦ରୁ ଅଧିକ ସିନେମାରେ ସଙ୍ଗୀତ ଦେଇଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଆଲବମ୍ ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କର ଲୋକପ୍ରିୟ ଗୀତ ମଧ୍ୟରେ 'ମାଧବ ହେ ମାଧବ', 'ଟ୍ୱିଙ୍କଲ୍ ଟ୍ୱିଙ୍କଲ ଲିଟିଲ୍ ଷ୍ଟାର୍', 'ନାଚିବ ଗବର ସିଂହ', 'ବାଲୁଙ୍ଗା ଟୋକା', 'ସଜନୀ ସଜନୀ', 'ଆମେ ତ ଟୋକା ଷଣ୍ଡ ମାର୍କା', 'କଞ୍ଚା ହଳଦୀ ଦେହଟା', 'ରାତି ସାରା ବାର୍ ଲାଇଟ୍ ଦୁକୁ ଦୁକୁ', 'ଏ ଗୌରା...ଆଜିକାଲି କଣ ଖାଉଛୁ..' 'ଏ ସାଲୁ...', 'ରିବନ ଫିତା...' ଆଦି ଗୀତ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ୨୦୧୦ରେ 'ତୁ ଥା ମୁଁ ଯାଉଛି ରୁଷି' ସିନେମା ପାଇଁ ଓ ୨୦୨୨ରେ 'ତୃଷ୍ଣା' ସିନେମା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୧୯୭୧ ସେପ୍ଟେମ୍ବର ୧୧ରେ ଜନ୍ମିତ ଅଭିଜିତ ୧୯୯୧ରେ ସଙ୍ଗୀତ ଜଗତରେ କ୍ୟାରିଅର ଆରମ୍ଭ କରିଥିଲେ। 'ଦକ୍ଷିଗଲା' ଅଭିଜିତ୍‌ଙ୍କ ପ୍ରଥମ ସମ୍ବଲପୁରୀ ଆଲବମ୍ ହୋଇଥିବା ବେଳେ ଏଥିରେ ସେ ଗୀତ ଗାଇବା ସହ ଅଭିନୟ ବି କରିଥିଲେ। ୨୦୦୦ରେ ଓଡ଼ିଆ କଥାଚିତ୍ର ଜଗତରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ସେ ଓଡ଼ିଆ କଥାଚିତ୍ର ସମେତ ଓଡ଼ିଆ ଆଧୁନିକ ଆଲବମ୍, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିରେ ସୁପରହିଟ୍ ସଙ୍ଗୀତ ସବୁ ଭେଟି ଦେଇଥିଲେ। ଅଭିଜିତ୍‌ଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ଦେଇଥିବା ଶୋକବାର୍ତ୍ତାରେ କହିଛନ୍ତି ଯେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାରଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ନିଜର ନିଆରା ସଙ୍ଗୀତ ଶୈଳୀ ଓ ସୃଜନଶୀଳତା ମାଧମରେ ସେ ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା କହିଛନ୍ତି। ଏଥିସହ ଶ୍ରୀ ମାଝୀ ଓ ଶ୍ରୀ ପ୍ରଧାନ ଅଭିଜିତ୍‌ଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ତାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

- ଦୁର୍ଘଟଣାରେ ଗତକାଲି ଗୁରୁତର ହୋଇଥିଲେ
- ପରିବାରକୁ କ୍ଷତିପୂରଣ ଯୋଗାଇବାକୁ ଦାବି



**ଥୁ.ରାମପୁର, ୨୫।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଧୂଳିଗୁଡ଼ା ଛକ ନିକଟରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ପୂର୍ବତନ ସରପଞ୍ଚ ଶାଗୁ ମାଝୀଙ୍କର ଆଜି ମୃତ୍ୟୁ ଘଟିଛି। ଗତକାଲି ଅପରାହ୍ନରେ ଏକ କାର୍ ସହ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଗତକାଲି ଥୁଆମୂଳ ଗ୍ରାମର ମହେନ୍ଦ୍ର ପ୍ରଧାନୀ ଓ ଶାଗୁ କାଣିଗୁମା ହାଟରୁ ବଜାର ସାରି ବାଇକ୍ (ନଂ.ଓଡି୦୮ଏଲ୍୦୪୨୦) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ନଂ.ଓଡି୦୨ଏଜି୮୮୪୪) ସହ ସେମାନଙ୍କର ଧକ୍କା ହୋଇଥିଲା। ଶାଗୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାୟପୁରର ଏକ ଘରୋଇ ମେଡିକାଲରେ ଆଇସିୟୁରେ ରଖାଯାଇଥିଲା। ସେଠାରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଥୁଆମୂଳ ରାମପୁର ଥାନାରେ କେସ୍ ନଂ ୧୧/୨୫ରେ ଏକ ମାମଲା ରୁଜୁ କରାଯାଇଛି।

ଏହି ଦୁର୍ଘଟଣା ପାଇଁ ଗୁଣୁପୁର-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଓ ଅବହେଳାକୁ ଦାୟୀ କରାଯାଇଛି। ରାସ୍ତାରେ ଧୂଳି ଓ ଚିପ୍ସ ବିଛାଡ଼ି ହୋଇ ପଡ଼ିଥିଲେ ହେଁ ନିୟମିତ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଦୃଶ୍ୟମାନ ଦୂରତା କମି ଯାଉଛି। ଏନେଇ ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନି କହିଛନ୍ତି ଯେ ରାସ୍ତା ନିର୍ମାଣାଧୀନ ଥିବା ବେଳେ ସୁରକ୍ଷା ନିୟମକୁ ଗୁରୁତ୍ୱ ଦିଆଯାଉନାହିଁ। ଶାଗୁଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ପ୍ରତି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ସମାଜସେବୀ ଗଣେଶ ଚନ୍ଦ୍ର ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**କୋଲକାତା, ୨୫।୧ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ହାଓଡା ଜିଲ୍ଲାର ଫୋରମ ରଙ୍ଗୋଲି ବିକା ହଲରେ ପାଳିତ ହେଲା ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ଗଣେଶ ଚନ୍ଦ୍ର ଦାସଙ୍କ ଏକାଦଶ ଉତ୍ସବ। ପରିବାର ପକ୍ଷରୁ ବଡ଼ପୁଅ ହାଇକୋର୍ଟର ସରକାରୀ ଆଇନଜୀବୀ ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଉତ୍ସବରେ ବିଚାରପତି ପାର୍ଥସାରଥୀ ସେନ, ବିଚାରପତି ଅପୂର୍ବ ସିହ୍ନା ରାୟ, ବରିଷ୍ଠ ଆଇନଜୀବୀ ଶ୍ୟାମଳ ମୁଖାର୍ଜୀ, ନବୀନ ଝା, ବେଲୁଡ ଥାନା ଅଧିକାରୀ ଅଂଶୁମାନ ଚକ୍ରବର୍ତ୍ତୀ, ଓସିପିସି ଜଗନାରାୟଣ ସିଂ, ଜୁଡିସିଆଲ ବିଜୟ କୁମାର ଦାସ, ଗବେଷକ ଡଃ କୃଷ୍ଣଚନ୍ଦ୍ର ଭୂୟାଁ, ଉତ୍କଳୀୟ ମିଳିତ ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ସାଧାରଣ ସଂପାଦକ ବିଜୟ କୁମାର ବାରିକ, ଶିକ୍ଷାସେଲର ଅଧକ୍ଷ କ୍ଷୀରୋଦ କୁମାର ଧଳ, ଶିକ୍ଷାସେଲ ସଂପାଦକ ପ୍ରଶାନ୍ତ କୁମାର ଦାସ, ଭଗବାନ ବିଶ୍ୱାଳ, ଜିତେନ୍ଦ୍ର କୁମାର ଦାସ, ଭରତ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦାସ, ପ୍ରଶାନ୍ତ କୁମାର ରାଉଳ, ମୃତ୍ୟୁଞ୍ଜୟ ନାୟକ, ନୀଳଚକ୍ର ପଶ୍ଚିମବଙ୍ଗ ଶାଖାର ସାଧାରଣ ସଂପାଦକ ଶେଷଦେବ ସାମଲ, ହିମାଂଶୁ ଶେଖର ଦାସ, ବିମ୍ବାଧର ପଲାଇ, ବାଲି ଜଗନ୍ନାଥ ମନ୍ଦିର କମିଟି ବିଶ୍ୱମ୍ବର ପରିଡ଼ା, ଉତ୍କଳ ଯୁବକ ସଂଘ ସଭାପତି ପାରେଶ୍ୱର ନାୟକ, ଉପସଭାପତି ସୁଦାମ ଚରଣ ଲେଙ୍କା, ସଂପାଦକ କାବୁଲି ପାଇକରାୟ, ଗଣେଶ କୁମାର ସାହୁ, ପୂର୍ବତନ ସଂପାଦକ ଦିଲୀପ କୁମାର ବାରିକ, କୀର୍ତ୍ତନ ବାରିକ, ହାଓଡା ଜଜ୍‌କୋର୍ଟ, କୋଲକାତା ହାଇକୋର୍ଟ, ବହୁ ରାଜନୈତିକ ନେତା ସ୍ମୃତିଚାରଣ କରି ଶ୍ରଦ୍ଧା ଜଣାଇଥିଲେ।

# ଅଯଥା ପାଣିରେ ପଡୁଛି କୋଟି କୋଟି ଟଙ୍କା

## ଯୋଜନାରେ ସାମିଲ ଯନ୍ତ୍ରୀ



**କେନ୍ଦ୍ରାପଡ଼ା,୨୫।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ତରଡିପାଳ ପଞ୍ଚାୟତ ଅନ୍ତର୍ଗତ ଘାଗରାଡିଆ ବ୍ରାହ୍ମଣୀ ନଦୀ ବାମ ପାର୍ଶ୍ୱରେ ନଦୀ ବନ୍ଧ ସୁରକ୍ଷା ନାଁରେ ପଥର ପ୍ୟାକିଂ ଓ ଲଞ୍ଚିଂ ଚାଲିଛି । ଏହି ଭଳି ଅନେକ ସ୍ଥାନରେ ନଦୀ ତଟବନ୍ଧ ବିଭାଜନ ଦ୍ୱାରା ପଥର ପ୍ୟାକିଂ, ପଥର ସ୍ପର ନିର୍ମାଣ କାର୍ଯ୍ୟ ହେଉଛି। ବ୍ରାହ୍ମଣୀ ନଦୀର ବାମ ପାର୍ଶ୍ୱ ଘାଗରାଡିଆ ଠାରେ ଅଯଥା ନଦୀ ବନ୍ଧ ତାଡି ପଥର ପ୍ୟାକିଂ କରାଯାଉଅଛି ଯାହାର କୌଣସି ଆବଶ୍ୟକତା ସେଠାରେ ନଥିବା ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

ଏହି ନଦୀ ବନ୍ଧ ସୁରକ୍ଷା ପାଇଁ ହେଉଥିବା ପଥର ସ୍ପର ଓ ନଦୀ ବନ୍ଧ ପଥର ପ୍ୟାକିଂ ମାଧ୍ୟମରେ ଅର୍ଥ ବାଟମାରଣା ହେଉଥିବାର ବିଶେଷ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରତିବର୍ଷ ଏହି ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱରେ ନଦୀସୁଅ ରେ ବାଲିଆମାଟି କ୍ଷୟ ହୋଇ ବନ୍ଧ ଦୁର୍ବଳ ହେବାକୁ ଦୃଷ୍ଟିରେ ରଖି ନଦୀ ବନ୍ଧ ସୁରକ୍ଷା ପାଇଁ ପଥର ସ୍ପର ଓ ପଥର ପ୍ୟାକିଂ କରାଯାଉଅଛି । ଅଧିକାଂଶ ସ୍ଥାନରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଅନୁପସ୍ଥିତି ଓ ଅବହେଳା ପାଇଁ ପଥର ସ୍ପର ଗୁଡିକରେ ଛୋଟ ଛୋଟ ପଥର ପୂରାଇ ପଥର ସ୍ପର ତିଆରି କରାଯାଉଛି। କାର୍ଯ୍ୟ ସ୍ଥଳକୁ ବିଭାଗୀୟ ଯନ୍ତ୍ରୀ, ଏସ.ଡି.ଓ ଏବଂ ଅଧିକ୍ଷଣ ଯନ୍ତ୍ରୀ ନିଜେ ଆସି ନୀରିକ୍ଷଣ କରି ଗଲାପରେ ମଧ ନିମ୍ନମାନର ପଥର ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଅଛି। ଥରେ ନଈ ବଢ଼ି ବା ବନ୍ୟା ଜଳ ପ୍ରବେଶ ହେଲେ ପଥର ସ୍ପରର ୨୦ ପ୍ରତିଶତ ଅଂଶ ନଷ୍ଟ ହୋଇଯିବ । ଏହି ଭଳି ଭାବେ ପ୍ରତିବର୍ଷ ନଦୀ ବନ୍ଧ ସୁରକ୍ଷା ନାଁ ରେ ଯୋଜନା ଦେଇ କୋଟି କୋଟି ଟଙ୍କା ଚଳୁ କରୁଥିବା ଦେଖା ଯାଉଛି।

ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ ସ୍ଥଳର ମାତ୍ର କିଛି ଦୂରରେ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ସ୍ଥଳକୁ ବିଭିନ୍ନ ସମୟରେ ନ ଆସିବା ଠିକାଦାରକୁ ମନମୁଖୀ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଯୋଗାଇଛି। ପୋଦନାରେ ହେଇଥିବା ପଥର ସ୍ପରରେ ଛୋଟ ଛୋଟ ପଥର ଲଗାଯାଇଥିବା ବେଳେ ମାଣ୍ଡିଆରେ ହେଉଥିବା ପଥର ପ୍ୟାକିଂ ଓ ଲଞ୍ଚିଂ ଯରେ ମାଟିବନ୍ଧକୁ ତଡାଯାଇ ପଥର ଫିଲିଙ୍ଗ କରାଯାଉଛି । ଯେଉଁଠି ନଦୀ କୂଳ ଖାଉଛି ସେଠୀ ପଥର ଖଣ୍ଡେ ପକାଇ ପାରୁନଥିବା ନଦୀ ତଟବନ୍ଧ ବିଭାଜନ ଅଯଥା ଯୋଜନା କରି ସରକାରୀ ଅର୍ଥ କୁ ପାଣିରେ ପକାଉଛି। ଚଳିତ ବର୍ଷ ଏଭଳି ଅନେକ କାର୍ଯ୍ୟର ଅଭିଯୋଗ ସାମ୍ନାକୁ ଆସିବା ପରେ ବି ଆଳୀ ନଦୀ ତଟବନ୍ଧ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ ନିଦ ଭାଙ୍ଗୁନି।

## ଚନ୍ଦ୍ରଭାଗାରେ ମାଘ ସପ୍ତମୀ ବୁଡ଼

● ତିନି ଠାକୁରଙ୍କ ମହାସ୍ନାନ, ବୁଡ଼ ପକାଇଲେ ସାଧୁସନ୍ଥ



**କାକଟପୁର/ଅସ୍ତରଙ୍ଗ,୨୫।୧ (ସଂଚାର ବ୍ୟୁରୋ):** ପବିତ୍ର ମାଘ ସପ୍ତମୀରେ ଚନ୍ଦ୍ରଭାଗା ବୁଡ଼ । ଅର୍କକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ତିନି ଠାକୁରଙ୍କ ମହାସ୍ନାନ ହୋଇଛି । ମନ୍ଦିରରୁ ପାଟପଟୁଆରରେ ଆସିଥିଲେ ତିନି ଠାକୁରଙ୍କ ଚଳନ୍ତି ପ୍ରତିମା । ଚନ୍ଦ୍ରଭାଗା ମହୋଦଧିରେ ଆଳତି ପରେ ତୀର୍ଥ ପୁଷ୍କରିଣୀରେ ମହାସ୍ନାନ ହୋଇଥିଲା । ଏହା ପରେ ଅପେକ୍ଷାରତ ସାଧୁସନ୍ଥ ଏବଂ ଶ୍ରଦ୍ଧାଳୁମାନେ ତୀର୍ଥ ଜଳରେ ବୁଡ଼ ପକାଇଛନ୍ତି। ଚନ୍ଦ୍ରଭାଗାରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତ୍ୟୁଷରୁ ଅର୍କକ୍ଷେତ୍ରରେ ପହଞ୍ଚି ତିନି ଠାକୁରଙ୍କୁ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ଇଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କ ମହାସ୍ନାନ ହୋଇଛି । ଏହା ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ତୀର୍ଥ ଜଳରେ ବୁଡ଼ ପକାଇଥିଲେ। ବୁଡ଼ ସାରି ବେଳାଭୂମିରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟଦର୍ଶନ କରିଥିଲେ। ଗ୍ରହ ଶାନ୍ତି ନିମନ୍ତେ ଚନ୍ଦ୍ରଭାଗାରୁ ୩ କିମି ପାଦରେ ଚାଲି ଚାଲି ଆସି ନବଗ୍ରହଙ୍କ ନିକଟରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥିଲେ।

## ପାଣିରେ ପଡ଼ି ଦେଢ଼ବର୍ଷର ଶିଶୁ କନ୍ୟା ମୃତ

**ରାଜନଗର,୨୫।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଗୁପ୍ତି ପଂଚାୟତ କାନଫୁଲିଆ ଗ୍ରାମର ହଳଧର ଦାସଙ୍କ ଝିଅ ତଅପୋଇଦାସ ଘରପାଖ ପୋଖରୀରେ ଖସିପଡି ମୃତ୍ୟୁ ବରଣ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରବିବାର ୩ଟା ୩୦ ମିନିଟ ସମୟରେ ଘର ଆଗରେ ତଅପୋଇ ଖେଳୁଥିଲା। ସମସ୍ତଙ୍କ ଅଲକ୍ଷରେ ସେ ଘର ନିକଟ ପୋଖରୀରେ ଖସିପଡ଼ିଥିଲା। ତଅପୋଇକୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପୋଖରୀରେ ଖୋଜା ଖୋଜି କରି ତଅପୋଇକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ତାର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ।

## ଗହୀରମଥାରୁ ଟ୍ରଲର ଜବତ, ୧୬ ଜଣ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨୫।୧ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ଜଗତ ଜନନୀ ନାମକ ଟ୍ରଲରକୁ ଜବତ କରିବା ସହ ୧୬ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ମାନେ ଟ୍ରଲରଟିକୁ ଜବତ କରିଥିଲେ । ସେଥିରୁ ୨ ଟି ଜିପିଏସ, ୩ଟି ଭିଏଚଏଫ,ଗୋଟିଏ ଫିସଫାଇଣ୍ଡର, କୋଡ଼ ନେଟ ୧ ଟି,ଇଲିସି ନେଟ ୧ ଟି,ଟୋନ ନେଟ ୧ ଟି ଓ ୫୦ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି । ଗିରଫ ମତ୍ସ୍ୟଜିବୀମାନେ ହେଲେ ବଳରାମ ଦାସ, ଲକ୍ଷଣ ମଲ୍ଲିକ, କୃଷ୍ଣା ମଲ୍ଲିକ, ବିଜୟ ମଲ୍ଲିକ, ସଂଜୟ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ଜର୍ମାନ ସିଂ, ମୋହନ ସିଂ, କାଳି ଚରଣ ପଧୁରିଆ,ମହେଶ ସିଂ, ଦୀପକ ବେହେରା, ହେମନ୍ତ ମହନ୍ତ, ଧନୁ ଟୁଡୁ,କୁନା ସାହୁ, ଅନିରୁଦ୍ଧ ସିଂ, କର୍ମାନ ସିଂ ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛନ୍ତି । ଗିରଫ ମତ୍ସ୍ୟଜିବୀମାନେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଅଟନ୍ତି ।



● ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମହାନ ପ୍ରୟାସ

## ନିରାଶ୍ରୟଙ୍କ ପାଇଁ ବାସଗୃହ ତୋଳିଦେଲେ



**କେନ୍ଦ୍ରାପଡ଼ା,୨୫।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଏକା ନିରାଶ୍ରୟା ମହିଳାଙ୍କ ପାଇଁ ବାସଗୃହ ତୋଳି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସହରରେ ଥିବା କାକଟ ଲକ୍‌ର ଦୁଇଶହ ମିଟର ଦୂରତାରେ ଏକ ଝାଟିମାଟି ମୁକୁଳା କୁଡ଼ିଆରେ ରହି ଆସୁଥିଲେ ଅସହାୟ ବେଙ୍ଗୁଲି ଜେନା। ଏମିତି ପରିସ୍ଥିତିରେ ଖାଦ୍ୟ ଠାରୁ ଶୋଇବା ଯାଏଁ ସମସ୍ତ କାମ ସେଇଠି କରନ୍ତି ସେ । ସ୍ୱାମୀ ଓ ସନ୍ତାନ ସନ୍ତତି ନଥିବା ବେଙ୍ଗୁଲି ଅନ୍ୟ ଘରେ ବାସନ ମାଜି ନିଜ ପାଇଁ ମୁଠାଏ ଖାଦ୍ୟ ଯୋଗାଡ଼ କରିଦିଅନ୍ତି। ବାସନ ମାଜି ସିନା ସେ ପେଟକୁ ଦି ମୁଠା ଦାନା ଯୋଗାଡ଼ କରିଦିଅନ୍ତି ହେଲେ ବାସଗୃହ ସଜାଡ଼ିବାକୁ ତା ପାଇଁ ସାତ ସପନ ପାଲଟିଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସହିତ ଯୋଗାଯୋଗ କରିବା ପରେ ଟ୍ରଷ୍ଟ କର୍ମକର୍ତ୍ତା ଏହି ଘଟଣାର ତଦନ୍ତ କରି ଘଟଣାର ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ଟ୍ରଷ୍ଟର ନିଷ୍ପତ୍ତି ଅନୁଯାୟୀ ଆଜି ପବିତ୍ର ମାଘ ସପ୍ତମୀରେ ବେଙ୍ଗୁଲି ପାଇଁ ଏକ ଘର ନିର୍ମାଣ କରିଦେଇଛନ୍ତି ଟ୍ରଷ୍ଟର କର୍ମକର୍ତ୍ତା। ଆଜି ବେଙ୍ଗୁଲିଙ୍କୁ ଟ୍ରଷ୍ଟ ପକ୍ଷରୁ ଏକ ଆଜବେଷ୍ଟ ଘର ନିର୍ମାଣ ସହିତ ନୂତନ ଶାଢ଼ି ପିନ୍ଧାଇ ଗୃହ ପ୍ରବେଶ କରାଇଛନ୍ତି।

## କେନ୍ଦ୍ରାପଡ଼ାଠାରେ ଜାତୀୟ ମତଦାତା ଦିବସ ପାଳିତ

**କେନ୍ଦ୍ରାପଡ଼ା,୨୫।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଆଜିର ଯୁବପିଢ଼ି କିଭଳି ସୁଦୃଢ଼ ଗଣତନ୍ତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ସେ ଦିଗରେ ଦିଗଦର୍ଶନ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା ଭୋଟର ତାଲିକାରେ ନାମ ପଞ୍ଜିକରଣ, ନାମ ବାଦ, ଯୋଗ କରିବା ଉପରେ ବିଭିନ୍ନ ମାର୍ଗଦର୍ଶିକା ଉପସ୍ଥାପନ କରିଥିଲେ । ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ଆଜି ସକାଳ ୮.୩୦ ମିନିଟ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା ।

## ଜିଲ୍ଲାସ୍ତରରେ ଜାତୀୟ ମତଦାତା ଦିବସ ପାଳନ



**ଯାଜପୁର,୨୫।୧ (ସଂଚାର ବ୍ୟୁରୋ):** ଗଣତନ୍ତ୍ରର ମୂଳ ଆଧାର ମତଦାନକୁ ନେଇ ଯାଜପୁର ଜିଲ୍ଲାରେ ଆଜି ଉତ୍ସାହ ଓ ସଚେତନତାର ସହିତ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଦ୍ୱାରା ଏକ ମତଦାତା ସଚେତନତା ଶୋଭାଯାତ୍ରା ଉଦଘାଟିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଶୋଭାଯାତ୍ରାଟି ସଂସ୍କୃତି ଭବନ ପରିସରରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହିତ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ଯୁଧିଷ୍ଠିର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ମତଦାନରୁ ବଞ୍ଚିତ ହେଲେ ଶାସନକୁ ପ୍ରଶ୍ନ କରିବାର ନୈତିକ ଅଧିକାର ମଧ ହାରାଇବାକୁ ପଡ଼େ। ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତାପସ ରଞ୍ଜନ ଦେହୁରୀ ନିଜ ବକ୍ତବ୍ୟରେ ଗଣତନ୍ତ୍ର ସୁଦୃଢ଼ିକରଣରେ ନିର୍ବାଚନର ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ନୂତନ ମତଦାତାମାନଙ୍କୁ ଭୋଟର ପରିଚୟ ପତ୍ର (ଇପିଆଇସି) ବଣ୍ଟନ କରାଯାଇଥିଲା ଏବଂ ମତଦାତା ତାଲିକା ପ୍ରସ୍ତୁତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ସ୍ତରୀୟ ନିର୍ବାଚନ ସମ୍ବନ୍ଧୀୟ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନେ ମଧ ସମ୍ମାନିତ ହୋଇଥିଲେ।

## ୪ଟି ସ୍ୱର୍ଣ୍ଣ ପଦକ ଜିତି ସୁନାମ ଅର୍ଜନ କଲେ କେନ୍ଦ୍ରାପଡ଼ା ଝିଅ



**ପଟ୍ଟାମୁଣ୍ଡାଇ,୨୫।୧ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଉଷୁ କ୍ରୀଡା ପ୍ରତିଯୋଗିତାରେ ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡା ସ୍କୁଲର ଛାତ୍ରୀମାନେ ପୁଣି ଥରେ ଶ୍ରେଷ୍ଠତା ପ୍ରତିପାଦିତ କରି କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଗତ ୨୩ ତାରିଖ ଶୁକ୍ରବାର ଭୁବନେଶ୍ୱର ରୟାଲ ବିଜ୍ଞାନ କଲେଜରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅନୁଷ୍କା ପ୍ରଧାନ, ପ୍ରାର୍ଥନା ପ୍ରଧାନ,ଅନନ୍ୟା ଗେରୁ ଓ ଶୁଭସ୍ମିତା ପ୍ରଧାନ ପ୍ରତ୍ୟେକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ବାଳିକାମାନେ ନିଜର ସଫଳତାକୁ ପୁଣିଥରେ ଦୋହରାଇ ଥିବାରୁ ପ୍ରଶିକ୍ଷକ ସୁଶୀଲ ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ଉଷୁ ସଙ୍ଘ ସଭାପତି ସମାଜସେବି ସଂଗ୍ରାମ ସାମଲ,ଉପସଭାପତି ଅବିନାଶ ପ୍ରଧାନ, ସମ୍ପାଦକ ପଲ୍ଲବୀ ସାମଲ ଓ ମ୍ୟାନେଜର ସୁପ୍ରିୟା ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ୨୮ରୁ ଅସୁରାଳିରେ ଶୀତ ମହୋତ୍ସବ: ଲୋଗୋ ଉନ୍ମୋଚିତ



**ଧାମନଗର,୨୫।୧ (ସଂଚାର ବ୍ୟୁରୋ):** ଜାନୁଆରୀ ୨୮ ତାରିଖରୁ ଅସୁରାଳି ଠାରେ ଦ୍ୱିତୀୟ ଧାମନଗର ଶୀତ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ରବିବାର ସ୍ଥାନୀୟ ଶହୀଦ ସ୍ମୃତି ଷ୍ଟାଡିୟମରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଶୀତ ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ମହୋତ୍ସବ ପାଞ୍ଚ ଦିନ ଧରି ଚାଲିବ। ଏଥିରେ ମନ୍ତ୍ରୀ, ସାଂସଦ, ବିଧାୟକ, ବିଶିଷ୍ଟ ପ୍ରତିଭାଙ୍କ ସମେତ ଚଳଚ୍ଚିତ୍ର କଳାକାର, କଣ୍ଠଶିଳ୍ପୀ ଯୋଗ ଦେବେ। ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସମେତ ପଶ୍ଚିମବଙ୍ଗ, ରାଜସ୍ଥାନ, ଆସାମ, ମହାରାଷ୍ଟ୍ର ଆଦିରୁ ଦଳ ଅଂଶଗ୍ରହଣ କରିବେ। ପ୍ରତିଦିନ ମଞ୍ଚ ପୂଜ୍ୟପୂଜାକୁ ସମ୍ମାନ ଜଣାଇ ବରପୁତ୍ରଙ୍କ ନାମରେ ନାମିତ ହେବ ଏବଂ ଧାମନଗର ଅଞ୍ଚଳର ପ୍ରତିଭାଙ୍କୁ ସମ୍ମାନୀତ କରାଯିବାକୁ ମହୋତ୍ସବ କମିଟିର ସଭାପତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଗ୍ରହ ପ୍ରକାଶ କରିଥିବା କୁହାଯାଇଛି। ସମ୍ମିଳନୀରେ ମହୋତ୍ସବର ଲୋଗୋ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ନେତା ନାରାୟଣ ସାହୁ, ମନୋରଞ୍ଜନ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, ରଘୁନାଥ ଲେଙ୍କା, ରାମଚନ୍ଦ୍ର ମିଶ୍ର, ଆଇନଜୀବୀ ଦୀପ୍ତିରଞ୍ଜନ ଜେନା, ଶ୍ରୀକାନ୍ତ ନାୟକ, ଅଜୟ ବଳ, ମିଡିଆ ସଂଯୋଜକ ବୈକୁଣ୍ଠ ସାହୁ, ସରପଞ୍ଚ ରଞ୍ଜନ ପଣ୍ଡା, ସରୋଜ ସ୍ୱାଇଁ, ସୂରଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟଦେବ ପୀଠ ଯଜ୍ଞମଣ୍ଡପର ଶୁଭ ଅନୁକୂଳ

**ବାଲିଅନ୍ତା,୨୫।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପୀଠ ପରିସରରେ ଥିବା ଯଜ୍ଞ ମଣ୍ଡପ ନିର୍ମାଣ ନେଇ ଆଜି ଶୁଭ ଅନୁକୂଳ ବିଧି ଅନୁଷ୍ଠିତ ହୋଇଯାଇଛି। ଶାରଳାଶ୍ରୀକ୍ଷେତ୍ରର ବାବା ଅଶୋକ, ଅଜୁ ବାବା, କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଆନନ୍ଦ ମହାରାଜାଙ୍କ ସମେତ ଅନେକ ମହାନ ସାଧୁସନ୍ଥ ଯୋଗ ଦେଇ ମନ୍ତ୍ର ଉଚ୍ଚାରଣ ସହ ମଣ୍ଡପର ଶୁଭ ଅନୁକୂଳ କରିଥିଲେ। ଏନେଇ ଆୟୋଜିତ ଧର୍ମୀୟ ସମାବେଶରେ ଭାବଗ୍ରାହୀ ଗୋଷ୍ଠାୟତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋଜ ପଟ୍ଟନାୟକଙ୍କ ସମେତ ଶରତ ନାୟକ ଏବଂ ଗ୍ରାମ ମୁରବି ଉପସ୍ଥିତ ଥିଲେ।



## ନାନ୍ଦୋଳରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମ



**ସାଲେପୁର,୨୫।୧ (ସଂଚାର ବ୍ୟୁରୋ):** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୦ତମ ମନ କି ବାତ କାର୍ଯ୍ୟକ୍ରମ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ନାନ୍ଦୋଳ ପଞ୍ଚାୟତ ୧୪୯ନଂ ବୁଥ୍‌ଠାରେ କଟକ ଜିଲ୍ଲା ଗ୍ରାମୀଣ ସଭାପତି ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ମଣ୍ଡଳ ଉପସଭାପତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମହିଳା ଓ ପୁରୁଷମାନେ ପ୍ରଧାନମନ୍ତ୍ରୀଙ୍କ ମନ୍‌କି ବାତ୍ କାର୍ଯ୍ୟକ୍ରମକୁ ଶୁଣିଥିଲେ। ଏହି କାର୍ଯ୍ୟମକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଣୁବାଳା ରାଉତ, ମନୋଜ ବିଶ୍ୱାଳ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ଅନ୍ତର୍ଯ୍ୟାମୀ ସାହୁ, ବାବୁନା ଲେଙ୍କା, ଶଶିକାନ୍ତ ମହାନ୍ତି, ସଞ୍ଜୟ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା



**ଖୋର୍ଦ୍ଧା,୨୫।୧ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆନୁକୂଲ୍ୟରେ ଏବଂ ଜିଲ୍ଲାଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ମଣ୍ଡଳ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର କୁଇଜ ପ୍ରତିଯୋଗିତା ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି।

ଏହି ପ୍ରତିଯୋଗିତାର ବୈଠକରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ପୌରପରିଷଦ ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି ନିଜର ବକ୍ତବ୍ୟରେ କହିଥିଲେ ଯେ ପରିଶ୍ରମ, ଧର୍ଯ୍ୟ ଏବଂ ନିଷ୍ଠା ରହିଲେ ନିଶ୍ଚିତ ଭାବେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ସମାଜକୁ କିଛି ନୂତନ ବାର୍ତ୍ତା ଦେଇପାରିବା।ମୁଖ୍ୟ ବକ୍ତା ଭାବରେ ଖୋର୍ଦ୍ଧା ବ୍ଲକର ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଯୋଗଦେଇ ପ୍ରତିଯୋଗୀ ମାନଙ୍କ ଉଦ୍ଦେଶ୍ୟରେ ଓଜସ୍ୱିନୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ବାଳିକାମାନେ ଦୁର୍ବଳା ନୁହଁନ୍ତି। ନିଜ ଝିଅଙ୍କର ଉଦାହରଣକୁ ସ୍ଥାନ ଦେଇ ଆଜିର ଯୁଗରେ ନାରୀମାନେ ସର୍ବୋଚ୍ଚ ସ୍ଥାନ ଅଧିକାର କଲେଣି ବୋଲି ପ୍ରତିପାଦିତ କରିଥିଲେ।

ପ୍ରତିଯୋଗିତାଟି ପ୍ରାଥମିକ ସ୍ତର ଏବଂ ମାଧ୍ୟମିକ ସ୍ତର ଶିକ୍ଷାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ବ୍ଲକର ସମସ୍ତ ବିଦ୍ୟାଳୟରୁ ଜଣେ ଲେଖାଏଁ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମାଧ୍ୟମିକ ସ୍ତରରୁ ସିଦ୍ଧି ଶେଖର ଛୋଟରାୟ, ବି.ଜେ.ବି ହାଇସ୍କୁଲ ଖୋର୍ଦ୍ଧା,ଉଚ୍ଚ ପ୍ରାଥମିକ ସ୍ତରରୁ ପୁଷ୍ପାଞ୍ଜଳି ସାହୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାକୁରପଡ଼ା ଏବଂ ନିମ୍ନ ପ୍ରାଥମିକ ସ୍ତରରୁ ଆଦ୍ୟାଶା କର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାଲିଆବାଡି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଛନ୍ତି।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମିନି ମାରାଥନ୍



**ଫୁଲବାଣୀ,୨୫।୧ (ସଂଚାର ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରେ ଉପଖଣ୍ଡ ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ମିନି ମାରାଥନ୍ ଦୌଡ଼ ପ୍ରତିଯୋଗିତା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ତଥା ଉତ୍ସବ ପାଳନ କମିଟି ର ସମ୍ପାଦକ ଶିବ ଶଙ୍କର ସମରଥ, ଯୁଗ୍ମ ସମ୍ପାଦକ ତୀର୍ଥବାସୀ ଘଡାଇଙ୍କ ତତ୍‌ବାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ନିକଟରେ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଣିତା ଦାସ, ଏସଡିପିଓ ଶୁଭମ ଭୋଶଲେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ । ଏହି ଗଣ ଦୌଡ଼ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ମହାଲକ୍ଷ୍ମୀ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିଲା ଏବଂ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରେ ସମାପ୍ତ ହୋଇଥିଲା । ଏଥିରେ ବାଲିଗୁଡା ଅଞ୍ଚଳର ୪୦୦ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ସାମିଲ୍ ହୋଇଥିବା ବେଳେ କୃତି ଯୁବକ ଯୁବତୀଙ୍କୁ ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ପ୍ୟାରେଡ ଉତ୍ସବରେ ପୁରସ୍କୃତ କରାଯିବ।

## ରଜତ ଜୟନ୍ତୀ ଓଡ଼ିଆ ନାଟକ ଉତ୍ସବ ତଥା ଓଡ଼ିଆ ନାଟ୍ୟକାର ସମ୍ମିଳନୀ



**ପାରାଦୀପ, ୨୫।୧ (ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପର ଅଗ୍ରଣୀ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ କାନମାସ ଦ୍ୱାରା ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ପାରାଦୀପ ବନ୍ଦର ଓ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀର ସହଯୋଗରେ ଜାନୁଆରୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରଜତ ଜୟନ୍ତୀ ଓଡ଼ିଆ ନାଟ୍ୟ ଉତ୍ସବ ଆୟୋଜିତ ହୋଇଯାଇଛି । ୨୩ ତାରିଖ ଦିନ କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁଙ୍କ ପୌରହତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସନ୍ଧ୍ୟାରେ ବନ୍ଦର ଅଧକ୍ଷ ପି.ଏଲ ହରନାଧ ଉତ୍ସବକୁ ଉଦଘାଟନ କରି କହିଥିଲେ କି ନାଟକକୁ କେବଳ ପାରାଦୀପରେ ସୀମିତ ନ ରଖି ତାକୁ ଅଧିକ ଲୋକାଭିମୁଖୀ କରିବାରେ ତଥା ଭାରତର ସାଂସ୍କୃତିକ ମାନଚିତ୍ରରେ ପାରାଦୀପ ବନ୍ଦରକୁ ଏକ ଅନନ୍ୟ ସ୍ଥାନ ଦେବାରେ କାନମାସର ପ୍ରଚେଷ୍ଟା ପ୍ରଶଂସନୀୟ । ବନ୍ଦର ସିଏମ୍‌ଇ ସୁଶିଲ ନାହାକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାନମାସର ସମ୍ପାଦକ ଶ୍ରୀମନ ମିଶ୍ର ବିବରଣୀ ରଖିଥିଲେ । କାନମାସର ଉପ ସଭାପତି ସନ୍ତୋଷ ସାମଲ ସମ୍ମାନିତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହରନାଧ ସାଗରିକା କଳା ନିକେତନର ଗୁରୁ ପ୍ରଫୁଲ୍ଲ ବଳ, ବ୍ରଜ ମଲ୍ଲିକ, କେଦାର ପରିଡ଼ା, ଶୁଭଶ୍ରୀ ବେଉରା, ସ୍ମୃତି କାନ୍ତ ଶର୍ମାଙ୍କୁ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ।

## ଲୋକନାଥ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ

**ଗରଦପୁର, ୨୫।୧ (ସଂଚାର ବ୍ୟୁରୋ):** ଲୋକନାଥ ମହାବିଦ୍ୟାଳୟରେ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଅଛି। ଏହି ଅବଶେଷରେ ଶିକ୍ଷା ବିଭାଗର ଅଧ୍ୟାପକ ଡ଼ ରମେଶ କୁମାର ମହାନ୍ତି ଯୋଗଦେଇ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ ସୁଶାନ୍ତ କୁମାର ପରିଡ଼ା ଏହି ଦିବସ ପାଳନର ଲକ୍ଷ୍ୟ ଓ ଗୁରୁତ୍ୱସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ବେଉରା, ଗାୟତ୍ରୀ ମଲିକ୍ ଓ ଲିଯାରାଣି ଦାସ ପ୍ରମୁଖ ଏହି ଦିବସ ଉପରେ ନିଜର ମତ ରଖିଥିଲେ। ଏଥିରେ ରାଜନୀତି ବିଜ୍ଞାନର ଛାତ୍ରୀ ପୂଜାରାଣି ପାତ୍ର, ପୂର୍ଣ୍ଣିମା ଦାଶ, ପ୍ରିୟଙ୍କା ମଲିକ୍, ଅହଲ୍ୟା ପାତ୍ର, ଲକ୍ଷ୍ମୀପ୍ରିୟା ବେଉରା, ଗାୟତ୍ରୀ ମଲିକ୍, ଲିଜାରାଣି ଦାସ, ରେଖାରାଣୀ ନାଥ, ସିପ୍ରାମୁଦ୍ରା ନାଥ, ସାଇସ୍ୱରୂପା ସାହୁ, ଅଙ୍କିତା ନାୟକ, ସୁଚିତ୍ରା ଭୋଇ ଓ ଦେବଜାନୀ ସେଠୀ ପ୍ରମୁଖ ଯୋଗଦେଇଥିଲେ।

○ ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ



**କେନ୍ଦ୍ରାପଡା,୨୫।୧(ବ୍ୟୁରୋ):** ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ଓ ଅତିରିକ୍ତ ଆଇଆଇସି ନିଲମ ସୋରେନ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜି ଅନୁଷ୍ଠିତ ଏ-ଗ୍ରୁପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବ ୧-୦ ଗୋଲରେ ରାଉରକେଲା ରେଡ ୟୁନିଟକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଚାନ୍ଦ କ୍ଲବର ରୋହିତ ସିଂକୁ ମ୍ୟାନ ଅଫ୍ ଦି ମ୍ୟାଚ୍ କପ ପ୍ରଦାନ କରାଯାଇଛି । ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ସୁକାନ୍ତ ସିଂ, ମହମ୍ମଦ ସାକଲିନ ଅସରଫି, ସେକ ମୁକିମ ଓ ସଞ୍ଜୟ ମାଝୀ ପ୍ରମୁଖ ପରିଚାଳନା କରିଥିଲେ। ସୋମବାର ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ-ବି ର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋଟିଂ କ୍ଲବ ଏସ. ଏସ. ଫୁଟବଲ କ୍ଲବ କୋଲକାତାକୁ ଭେଟିବ ।

**ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ଜଟଣୀକୁ ହରାଇ ପୁରୀ ପାୟୋନିୟର୍ସ ଚମ୍ପିୟାନ



**ସତ୍ୟବାଦୀ,୨୫।୧ (ସଂଚାର ବ୍ୟୁରୋ):** ପଞ୍ଚସଖା ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଉଦଯାପନୀ ଦିବସରେ ଜଟଣୀ କ୍ରିକେଟ ଆସୋସିଏସନ୍ ଓ ପୁରୀ ପାୟୋନିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପୁରୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨୬୧ରନ ସଂଗ୍ରହ କରିଥିଲେ। ଜବାବରେ ଜଟଣୀ ଦଳ ୨୩୦ ରନ କରିଥିଲେ। ପୁରୀ ପାୟୋନିୟର୍ସ ଦଳ ୩୧ରନରେ ବିଜୟ ହାସଲ କରି ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ମେମୋରିଆଲ କପ୍ ହାସଲ କରିଥିଲେ। ଖେଳ ଶେଷରେ ପୁରୀ ଏକାଦଶର ମହେଶ ପ୍ରଧାନଙ୍କୁ ତାଙ୍କର ଆକର୍ଷଣୀୟ ବୋଲିଂ (୫-୩୨-୪) ପ୍ରଦର୍ଶନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ଓ ପୁରୀ ପାୟୋନିୟର୍ସ କ୍ଲବର ବ୍ୟାଟ୍ସମ୍ୟାନ୍ ମୟଙ୍କ ପଟ୍ଟନାୟକ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପାଇଥିଲେ।

ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଅତିଥି ରୂପେ ଯୋଗଦେଇ ଫାଇନାଲ ମ୍ୟାଚ ଉଦଘାଟନ କରିଥିଲେ। ଶେଷରେ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ପୁରୀ ଦଳକୁ ଟ୍ରଫି ସହ ନଗଦ ୨୫୦୦୦ ଟଙ୍କା ଓ ରନରଅପ ଜଟଣୀ ଦଳକୁ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଟ୍ରଫି ସହ ୧୫୦୦୦ ଟଙ୍କା ପ୍ରଦାନ କରିଥିଲେ।

‘ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ୍-୨୦୨୬’ର ଲୋଗୋ ଓ ଜର୍ସି ଉନ୍ମୋଚିତ

# ହୀରାକୁଦକୁ ଅନ୍ତରାଷ୍ଟ୍ରୀୟ ମାନଚିତ୍ରରେ ନୂଆରୂପ ମିଳିବ

- ଫେବୃୟାରୀ ୧୫ରେ ସମ୍ବଲପୁରରେ ହେବ ଭବ୍ୟ ମାରାଥନ
- ଏମସିଏଲ ଓ ସହଯୋଗୀ ସରକାରଙ୍କୁ ଧନ୍ୟବାଦ ଜଣାଇଲେ
- ସବୁ ବର୍ଗର ନାଗରିକଙ୍କୁ ପଞ୍ଜିକରଣ କରିବାକୁ ପରାମର୍ଶ



**ସମ୍ବଲପୁର, ୨୫।୧(ସଂଚାର ବ୍ୟୁରୋ):** ସମ୍ବଲପୁରର ବିଶ୍ୱପ୍ରସିଦ୍ଧ ହୀରାକୁଦକୁ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ପରିଚୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆସନ୍ତା ଫେବୃୟାରୀ ୧୫ରେ ‘ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ୍’ ଆୟୋଜିତ ହେବାକୁ ଯାଉଛି। ଏହି କ୍ରମରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମାରାଥନର ଆନୁଷ୍ଠାନିକ ଲୋଗୋ ଏବଂ ଜର୍ସି ଉନ୍ମୋଚନ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଏହି ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ହୀରାକୁଦକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏକ ମାଧ୍ୟମ। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଦ୍ୱାରା ଏହି ମାରାଥନ ଆୟୋଜିତ ହେଉଥିବା ବେଳେ ଓଡ଼ିଶା ସରକାର ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ସମ୍ବଲପୁରର ପର୍ଯ୍ୟଟନ କ୍ଷେତ୍ରକୁ ଗତିଶୀଳ କରିବା ସହ ‘ସୁସ୍ଥ ସମ୍ବଲପୁର ଓ ସୁସ୍ଥ ଓଡ଼ିଶା’ ଗଠନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଗଣଦୌଡ଼ର ଲକ୍ଷ୍ୟ ରହିଛି। କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ସବୁ ବର୍ଗର ନାଗରିକଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜିକରଣ କରିବାକୁ ଆହ୍ୱାନ ଦେଇଛନ୍ତି। ହୀରାକୁଦର ପର୍ଯ୍ୟଟନ ବଢ଼ାଇବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣ୍ଡଗିରି ଯାତ୍ରା ପାଇଁ ପୁଲିସର ୧୪ ନିୟମ

- ନଗ୍ନ ନୃତ୍ୟ କିମ୍ବା ଉତ୍ତେଜକ ଦୃଶ୍ୟ ପରିବେଷଣ ନିଷିଦ୍ଧ
- ନିର୍ଦ୍ଧାରିତ ଚୌକି ଠାରୁ ଅଧିକ ପଡ଼ିପାରିବନି
- ଅଗ୍ନି ନିର୍ବାପକ ସରଞ୍ଜାମ ସହ ପାର୍କିଂ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ
- ଯାତ୍ରା ପଡ଼ିଆରେ ମାଦକ ଦ୍ରବ୍ୟ କିମ୍ବା ଜୁଆ ଖେଳ ମନା

**ଭୁବନେଶ୍ୱର, ୨୫।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଖଣ୍ଡଗିରି ଯାତ୍ରା ପାଇଁ ପୁଲିସର ୧୪ ନିୟମ। ଯାତ୍ରା କମିଟିମାନଙ୍କୁ ନୋଟିସ୍ ଜାରି କଲା କମିଶନରେଟ ପୁଲିସ୍। ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ୧୪ଟି ନିୟମ ଜାରି କଲା ଖଣ୍ଡଗିରି ପୁଲିସ। ଯାତ୍ରାରେ କୌଣସି ପ୍ରକାର ନଗ୍ନ ନୃତ୍ୟ କିମ୍ବା ଉତ୍ତେଜକ ଦୃଶ୍ୟ ପରିବେଷଣ ନିଷିଦ୍ଧ କରାଯାଇଛି। ସେହିପରି ଯାତ୍ରା ପେଣ୍ଡାଲ ନିକଟରେ ୬ଟି ଏମର୍ଜେନ୍ସି ପ୍ରବେଶ ଓ ପ୍ରସ୍ଥାନ ପଥ ରଖିବେ ଯାତ୍ରା ଆୟୋଜକ। ପ୍ରାପ୍ତ ଲାଇସେନ୍ସରେ ନିର୍ଦ୍ଧାରିତ ଚୌକି ଠାରୁ ଅଧିକ



ପକାଇ ପାରିବେନି। ଅଗ୍ନି ନିର୍ବାପକ ସରଞ୍ଜାମ ରଖିବା ସହ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି। ନିର୍ଦ୍ଧାରିତ ଶବ୍ଦର ତୀବ୍ରତାଠାରୁ ଅଧିକ ଶବ୍ଦ ଯେପରି ନ ହେବ ସେଥିପ୍ରତି ଧ୍ୟାନ ଦେବେ। କୌଣସି ଧର୍ମ, ସମ୍ପ୍ରଦାୟ କିମ୍ବା ଜାତିକୁ ଆକ୍ଷେପ ଭଳି ଦୃଶ୍ୟ ପ୍ରଦର୍ଶନ ମନା ରହିଛି। କୌଣସି ଜୀବଜନ୍ତୁଙ୍କୁ କ୍ଷତି ପହଞ୍ଚିବା ଭଳି ଦୃଶ୍ୟ ପ୍ରଦର୍ଶନ କରିବେ ନାହିଁ। ଦର୍ଶକଙ୍କ ସୁବିଧା ଲାଗି ପର୍ଯ୍ୟାପ୍ତ ସ୍ୱେଚ୍ଛାସେବୀ ରଖିବେ। ଯାତ୍ରା ପଡ଼ିଆ ପରିସରରେ ବୁଲା ବିକାଳିଙ୍କୁ ଦୋକାନ ଲାଗି ଅନୁମତି ଦେବେନି ଯାତ୍ରା କମିଟି। ଯାତ୍ରା ପଡ଼ିଆ ପରିସର ମଧ୍ୟରେ ମାଦକ ଦ୍ରବ୍ୟ କିମ୍ବା ଜୁଆ ଖେଳକୁ ପ୍ରଶ୍ରୟ ଦିଆଯିବ ନାହିଁ।

## ସମ୍ବଲପୁରରେ ଆମ ବସ୍ ନେଲା ଯୁବକଙ୍କ ଜୀବନ

**ସମ୍ବଲପୁର,୨୫।୧ (ସଂଚାର ବ୍ୟୁରୋ):** ଆମ ବସ ଆଜି ସମ୍ବଲପୁରରେ ଜଣଙ୍କ ଜୀବନ ନେଇଛି। ରବିବାର ଅଇଁଠାପାଲି ତଳି ଛକରେ ଆମ ବସ୍ ଧକ୍କାରେ ସମ୍ବଲପୁର ପ୍ରେସ କ୍ଲବ କର୍ମଚାରୀ ନିରଞ୍ଜନ ସାହୁ (୪୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ନିରଞ୍ଜନଙ୍କ ପରିବାରରେ ସ୍ତ୍ରୀ ଏବଂ ୭, ୫ ବର୍ଷିୟ ଦୁଇ ଜଣ ଝିଅ ଏବଂ ଜଣେ ପୁଅ ଅଛନ୍ତି। ସେ ତାଙ୍କ ପରିବାରର ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି ଅଟନ୍ତି। ତେଣୁ ତାଙ୍କ ପରିବାରକୁ ଆମ ବସ ପକ୍ଷରୁ ଅନ୍ୟୁନ ୨୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରେସ କ୍ଲବ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଆମ ବସ ଚାଳକଙ୍କୁ ପୁଲିସ ଅଟକ ରଖିଛି।



ସୂଚନା ଅନୁଯାୟୀ, ରବିବାର ସଂଧ୍ୟାରେ ପ୍ରେସ କ୍ଲବରୁ ବିର୍ସାମୁଣ୍ଡା ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାକୁ ଚାଲିକି ଯାଉଥିଲେ ନିରଞ୍ଜନ। ଏହି ସମୟରେ ଅଇଁଠାପାଲି ତଳିଛକରେ ତୀବ୍ର ଗତିରେ ଆସୁଥିବା ଆମବସ୍ ତାଙ୍କୁ ପଛପଟରୁ ଧକ୍କା ଦେଇଥିଲା। ଫଳରେ ନିରଞ୍ଜନ ରାସ୍ତା ପାର୍ଶ୍ୱକୁ ଛିଟକି ପଡ଼ିଥିଲେ। ସେଠାରୁ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନିଆଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ଆସନ୍ତାକାଲି ପରିବାରକୁ ମୃତ ଶରୀର ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ଅଇଁଠାପାଲି ଥାନା ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁ। ଏହି ଦୁର୍ଘଟଣାକୁ ନେଇ ପ୍ରେସ କ୍ଲବସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି।

ଶ୍ରୀମନ୍ଦିରରେ ଭକ୍ତ ହାତାହାତି

## ଭାଙ୍ଗିଲା ମା’ ହାତ ଓ ପୁଅ ଆଙ୍ଗୁଠି

**ପୁରୀ ୨୫।୧(ସଂଚାର ବ୍ୟୁରୋ):** ପୁଣି ଶ୍ରୀମନ୍ଦିର ଭିତରେ ଘଟିଛି ଅଭାବନୀୟ ଘଟଣା। ଦୁଇ ଭକ୍ତ ଗୋଷ୍ଠୀ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗୋଟିଏ ଗୋଷ୍ଠୀର ମା’ ଓ ପୁଅ ଆହତ ହୋଇଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିବା ବେଳେ ଶ୍ରୀମନ୍ଦିର ଭିତରେ ଏଭଳି ଘଟଣା ଘଟିଛି। ଆହତ ମା’-ପୁଅ ହେଉଛନ୍ତି ବ୍ରହ୍ମପୁର ଅଞ୍ଚଳର ସୁନୀତା ନାୟକ ଏବଂ ଦୀପକ ନାୟକ। ତେବେ ସୁନୀତାଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଦୀପକଙ୍କର ଆଙ୍ଗୁଠି ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ସାତପାହାଚ ନିକଟ ବ୍ୟାରିକେଡ୍ ଭିତରେ ଘଟିଛି ଏଭଳି ଅଘଟଣ।

ସୁନୀତା ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲାଇନରେ ଠିଆ ହୋଇଥିବା ବେଳେ ଅନ୍ୟ କିଛି ପୁରୁଷ ଭକ୍ତ ଲାଇନ ଭାଙ୍ଗି ତାଙ୍କ ଆଗକୁ ଆସିଯାଇଥିଲେ। ଫଳରେ ସୁନୀତା ଏହାକୁ ବିରୋଧ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପୁରୁଷ ଭକ୍ତମାନେ ସୁନୀତା ଏବଂ ତାଙ୍କ ପୁଅଙ୍କ ସହ ପାଟିତୁଣ୍ଡ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉଭୟ ଗୋଷ୍ଠୀଙ୍କୁ ପୁଲିସ ସିଂହଦ୍ୱାର ଥାନାକୁ ନେଇ ତଦନ୍ତ ଚଳାଇଛି।

● ନାବାଳିକାଙ୍କୁ ଅପହରଣ ଅଭିଯୋଗ

## ବନ୍ଧାହେଲେ ବାପା-ପୁଅ

**ବ୍ରହ୍ମଗିରି, ୨୫।୧(ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ଅପହରଣ କରି ବନ୍ଧାହୋଇଛନ୍ତି ବାପା-ପୁଅ। ନାବାଳିକାଙ୍କୁ ପୁଅ ସହିତ ବାହା ଦେବା ଅଭିଯୋଗରେ ଉଭୟ ବାପା-ପୁଅଙ୍କୁ ପୁଲିସ ଗିରଫ କରିଛି। ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରିଦାସ ଗ୍ରାମର ବାପା ଏବଂ ପୁଅକୁ ବାନ୍ଧିଲା ବ୍ରହ୍ମଗିରି ପୁଲିସ। ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହା ସହିତ ଅଭିଯୁକ୍ତ ବାପା-ପୁଅକୁ ଗିରଫ କରିଛି। ନାବାଳିକାଙ୍କ ବୟାନ ରେକର୍ଡ କରି ତାଙ୍କୁ ନିଜ ବାପାଙ୍କ ସହିତ ଛାଡିବା ପରେ ଅଭିଯୁକ୍ତ ବାପା-ପୁଅଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ବେଲଘର ହାତୀ ମୃତ୍ୟୁ ମାମଲାରେ ଜଣେ ଗିରଫ

**ଫୁଲବାଣୀ, ୨୫।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବେଲଘରରେ ହାତୀ ମୃତ ମାମଲାରେ ଜଣେ ଗିରଫ ହୋଇଛନ୍ତି। ପିକଅପ୍ ଭ୍ୟାନ୍ ଡ୍ରାଇଭର ହୃଷୀକେଶ ପଣ୍ଡା ଓରଫ ରିଙ୍କୁଙ୍କୁ ଗିରଫ କରିଛି ପୁଲିସ। ମାମଲାରେ ୧୦ ଜଣଙ୍କୁ ପଚରାଉଚରା କରୁଛି ପୁଲିସ। ବେଲଘରରେ ହାତୀ ମୃତ୍ୟୁ ଏବଂ ମୃତଦେହକୁ ଲୁଚାଇ ରଖାଯିବା ଘଟଣା ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଦୁଇଟି ଟିମ୍ ଗଠନ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଝିରିପାଣି ମୁଣ୍ଡୁଟି ନିକଟସ୍ଥ ଚଉଳଧୂଆ ନଦୀ କୂଳରୁ ହାତୀର ଖଣ୍ଡ ବିଖଣ୍ଡିତ ଶରୀର କାଡ଼ାପନ୍ନା ନର୍ସରୀକୁ ଅଣାଯାଇଥିଲା। ଏ ମାମଲାରେ ବ୍ୟବହୃତ ଗାଡ଼ି ଜବତ ହୋଇଛି।

ଅଭିନବ ଉପାୟରେ ତେଲ ଟ୍ୟାଙ୍କରରେ ଗୋଚାଲାଣ

## ୩୦ରୁ ଅଧିକ ଗୋରୁ ଉଦ୍ଧାର, ୨ ମୃତ

**ଧାମନଗର, ୨୫।୧(ସଂଚାର ବ୍ୟୁରୋ):** ସରକାର ଗୋଚାଲଣକୁ ନେଇ ଦୃଢ ପଦକ୍ଷେପ ନେଉଥିବା ବେଳେ ଆଜି ୧୬ନଂ. ଜାତୀୟ ରାଜପଥ ବାରିକପୁର ଠାରେ ଏକ ତେଲ ଟ୍ୟାଙ୍କରରୁ ୩୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରିଛନ୍ତି ଭଦ୍ରକ ଜିଲ୍ଲାର ଗୋସେବକ। ଆଜି ସକାଳ ୧୦ଟା ସମୟରେ ଏକ ତେଲ ଟ୍ୟାଙ୍କରରେ ଗୋଚାଲାଣ ହୋଇ କଟକରୁ ଭଦ୍ରକ ଅଭିମୁଖେ ଆସୁଥିବାର ଖବର ପାଇ ଗୋସେବକମାନେ ବାରିକପୁର ଓଭରବ୍ରିଜ ନିକଟରେ ପୂର୍ବ ପ୍ରସ୍ତୁତ ରହି ଗାଡିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ଗାଡିର ଚାଳକ ନ ଅଟକାଇ ପଳାଇବାକୁ ଚେଷ୍ଟା କରୁଥିଲା। କିନ୍ତୁ ଗୋସେବକମାନେ ନିଜ ଜୀବନକୁ ବାଜି ଲଗାଇ ଗାଡିଟିକୁ ଅଟକାଇଥିଲେ। ଫଳରେ ଗାଡିର ଚାଳକ ଚତୁରତାର ସହିତ ସେଠାରୁ ଖସି ପଳାଇଯାଇଥିଲା। ଏହି ଗୋରୁ ବୁଝେଇ ଗାଡିଟିରେ କାଗଜପତ୍ର ଠିକ ନଥିବା ବେଳେ




ଗୋଚାଲାଣ ହେଉଥିବାରୁ ଧାମନଗର ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗୋସେବକ ଭାଇମାନଙ୍କ ଦ୍ୱାରା ଗୋରୁମାନଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ମଇଦାପୁର ଗୋଶାଳାକୁ ପଠାଯିବ। ପୁଲିସ ଉକ୍ତ ଗୋରୁ ବୁଝେଇ ଟ୍ୟାଙ୍କରଟିକୁ ସିଜ୍ କରି ଥାନାକୁ ନେବା ସହିତ ତଦନ୍ତ ଜାରି ରଖିଛି।

## ମଦ ପିଇବାକୁ ଡାକିନେଇ ଛୁରୀ ଭୁସିଦେଲେ

**ପୁରୀ ୨୫।୧(ସଂଚାର ବ୍ୟୁରୋ):** ପୁରୀ ଏସ୍‌ସିଏସ୍ କଲେଜ ନିକଟରେ ଜଣେ ହୋଟେଲ କର୍ମଚାରୀଙ୍କୁ ଛୁରୀ ଭୁସି ହତ୍ୟା କରିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ କୋର୍ଟ ଚାଲାଣ ପୂର୍ବରୁ ଘଟଣାସ୍ଥଳକୁ ଅଭିଯୁକ୍ତ ଗୁନା ଓରଫ ଅଜିତ ମହାପାତ୍ରକୁ ଟାଉନ ଥାନା ପୁଲିସ ନେଇ ସିନ୍ ରିକ୍ରିଏସନ କରିଛି। ହତ୍ୟାକାଣ୍ଡ ସମୟର ସିସିଟିଭି ଫୁଟେଜ ସହିତ ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ ମଧ ରେକର୍ଡ କରିଛି ପୁଲିସ। ପୁରୀ ଏସ୍‌ପି ପ୍ରତୀକ୍ ସିଂ ଏନେଇ ସୂଚନା ଦେଇଛନ୍ତି। ତେବେ ମୃତ ଟୁକୁ ଓରଫ ସ୍ମାରକ ସିଂ କଲେଜ ଛକ ନିକଟରେ ଗାୟତ୍ରୀ ନାମକ ଏକ ହୋଟେଲରେ କାର୍ଯ୍ୟ କରୁଥିଲା। ଏହା ପୂର୍ବରୁ ଅଭିଯୁକ୍ତ ଗୁନା ମଧ ସେହି ହୋଟେଲରେ କାମ କରୁଥିଲା। ହୋଟେଲ ମାଲିକ ସହିତ ଝଗଡ଼ା ହେବାରୁ ଗୁନାକୁ ହୋଟେଲରୁ ବାହାର କରିଦେଲା ମାଲିକ। ଏହାକୁ ନେଇ ଶୁକ୍ରବାର ରାତିରେ ହୋଟେଲରେ କାମ ସାରିବା ପରେ ହୋଟେଲରେ ଟୁକୁ ଶୋଇଥିଲା। ଅଭିଯୁକ୍ତ ଗୁନା ହୋଟେଲକୁ ଯାଇ ଟୁକୁକୁ ମଦ ପିଇବା ପାଇଁ ଡାକିଧାରୁଆ ଛୁରୀରେ ତାକୁ ଆକ୍ରମଣ କରିଥିଲା।

## ବିମଳ ରାଉଳ ଖୋର୍ଦ୍ଧା ଜିଲ୍ଲା ବିଜେପି ମିଡିଆ ଶେଲ ପ୍ରମୁଖ

**ଭୁବନେଶ୍ୱର, ୨୫।୧ (ସଂଚାର ବ୍ୟୁରୋ):** ବିମଳ କୁମାର ରାଉଳଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜେପି ମିଡ଼ିଆ ଶେଲର ପ୍ରମୁଖ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସଭାପତି ମନମୋହନ



ସାମଲ, ରାଜ୍ୟ ସଂଗଠନ ସଂପାଦକ ମାନସ କୁମାର ମହାନ୍ତି ଓ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାଶଙ୍କ ଅନୁମୋଦନ କ୍ରମେ ଶ୍ରୀ ରାଉଳଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେ ଜଣେ ଦୃଢ଼ ସଂଗଠକ ଭାବେ ପରିଚିତ। ତାଙ୍କ ପ୍ରତିଷ୍ଠାରେ ଖୋର୍ଦ୍ଧା ଜିଲ୍ଲା ମିଡ଼ିଆ ଶେଲ ଆଗକୁ ବଢ଼ିବା ସହିତ ଜିଲ୍ଲାବାସୀଙ୍କ ସହିତ ସମନ୍ୱୟ ରାକ୍ଷାକରି ଉଚିତ ସେବା ଯୋଗେଇବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ତାଙ୍କ ଉପରେ ଶୀର୍ଷ ନେତୃତ୍ୱ ଭରସା ରଖି ଗୁରୁଦାୟିତ୍ୱ ଦେଇଥିବାରୁ ସେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ଅନ୍ତରରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସଂଗଠନକୁ ଆହୁରି ମଜଭୂତ କରିବା ସହ ଦଳର ନୀତି ଆଦର୍ଶକୁ ଅନୁସରଣ କରି ରାଷ୍ଟ୍ରବାଦୀ ଚିନ୍ତା ଧାରା ନେଇ ଆଗାମୀ ଦିନରେ କାର୍ଯ୍ୟକ୍ରମ କରିବା ପାଇଁ ସେ ଶପଥ ନେଇଛନ୍ତି।

## ଭାଙ୍ଗିଲା ପୁରୁଣା ହାତୀନାଳ ବ୍ରିଜ୍

ମଝିରେ ଫସି ରହିଲା ମାଟି ବୋଝେଇ ହାଇୱା

**ଖୋର୍ଦ୍ଧା ୨୫।୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ତୋରସିଂ-ରୁଅପଡା ମଝିରେ ଭୁଶୁଡ଼ିଲା ବହୁ ପୁରୁଣା ଓ ଦୁର୍ବଳ ପୋଲ। ଏଥିରେ ଫସିରହିଛି ମାଟି ବୋଝେଇ ହାଇୱା। ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ନିକଟ ତୋରସିଙ୍ଗ ରୋପଡା ନିକଟରେ ରହିଛି ଦୀର୍ଘ ୪୦ ବର୍ଷର ପରିତ୍ୟକ୍ତ ହାତୀନାଳ ବ୍ରିଜ୍ । ଏହି ବ୍ରିଜ୍ ଦେଇ ପ୍ରାୟ ୨୦ ଖଣ୍ଡ ଗ୍ରାମର ଲୋକମାନେ ଯାତାୟାତ କରୁଥିଲେ। ରବିବାର ସକାଳ ପ୍ରାୟ ୯ଟା ସମୟରେ ଏକ ମାଟି ବୋଝେଇ ହାଇୱା ଗାଡ଼ି ଯାଉଥିବା ବେଳେ ହଠାତ ବ୍ରିଜର ମଝି ଖୁଣ୍ଟଟି ଭୁଶୁଡ଼ି



ପଡ଼ିଥିଲା । ଯାହା ଫଳରେ ମାଟି ବୋଝେଇ ହାଇୱା ଗାଡିଟି ବ୍ରିଜ୍ ମଝିରେ ଫସି ଯାଇଥିଲା। ଘଟଣାସ୍ଥଳରେ କାହାରି କିଛି କ୍ଷୟକ୍ଷତି ହୋଇନଥିବା ବେଳେ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଫେରାର ହୋଇଯାଇଛନ୍ତି । ଖବର ପାଇ ବାଣପୁର ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧାନ କରୁଛନ୍ତି । ଅନ୍ୟପକ୍ଷରେ ଉକ୍ତ ବ୍ରିଜଟି ଅତି ଦୁର୍ବଳ ହୋଇଯାଇଥିବାରୁ ତାହାର ଅତି ନିକଟରେ ଆଉ ଏକ ନୂତନ ବ୍ରିଜ୍ ଓ ରାସ୍ତା ନିର୍ମାଣ ପାଇଁ ପୂର୍ବ ବିଜେଡି ସରକାର ଅର୍ଥ ମଞ୍ଜୁର କରିଥିଲେ। ନୂତନ ବ୍ରିଜଟିର ନିର୍ମାଣ ପାଇଁ କେବଳ ଫାଉଣ୍ଡେସନ ପକାଇ କୌଣସି କାରଣ ଯୋଗୁ କାମକୁ ବନ୍ଦ ରଖିଥିବା ଜଣାଯାଇଛି।

## ଗଣତନ୍ତ୍ର ଦିବସରେ ବିକ୍ରି ହେବ ଆମିଷ

● କଟକଣା ପ୍ରତ୍ୟାହାର କଲେ ଜିଲ୍ଲାପାଳ

**ଜୟପୁର, ୨୫।୧:** ଚାପରେ ଚେପା କୋରାପୁଟ ଜିଲ୍ଲାପାଳ। ବିବାଦ ପରେ ଗଣତନ୍ତ୍ର ଦିବସରେ ଆମିଷ ବିକ୍ରି ଉପରେ ଜାରି ହୋଇଥିବା କଟକଣା ପ୍ରତ୍ୟାହାର କଲେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଥିଲା। ଏହାକୁ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି ଅନେକ କହିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମରେ କୋରାପୁଟ ଜିଲ୍ଲାପାଳଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଏକ ପୋଷ୍ଟରେ ଲେଖାଯାଇଛି, ୭୭ତମ ଗଣତନ୍ତ୍ର ଦିବସ–୨୦୨୬ ଉତ୍ସବ ଅବସରରେ କୋରାପୁଟ ଜିଲ୍ଲାରେ ମାଂସ, ଚିକେନ, ମାଛ, ଅଣ୍ଡା ଓ ଅନ୍ୟାନ୍ୟ ଆମିଷ ଖାଦ୍ୟ ସାମଗ୍ରୀ ବିକ୍ରୟ ଉପରେ ନିଷେଧ ସମ୍ପର୍କିତ ଜିଲ୍ଲାପାଳ କାର୍ଯ୍ୟାଳୟ ପତ୍ର ନଂ–୯୩, ତା.୨୩.୦୧.୨୦୨୬ର ସନ୍ଦର୍ଭରେ ଏହା ଜଣାଯାଉଛି ଯେ, ଉକ୍ତ ନିର୍ଦ୍ଦେଶ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପ୍ରସ୍ତୁତି କମିଟିର ସୁପାରିଶ ଆଧାରରେ ଜାରି କରାଯାଇଥିଲା। ବର୍ତ୍ତମାନ ସମଗ୍ର ପରିସ୍ଥିତିକୁ ସୁଚିନ୍ତିତ ଭାବେ ବିଚାର କରି, ପୂର୍ବୋକ୍ତ କଲେକ୍ଟରେଟ ପତ୍ର ନଂ–୯୩, ତା. ୨୩.୦୧.୨୦୨୬କୁ ତତକ୍ଷଣାତ୍ ପ୍ରଭାବରେ ରଦ୍ଦ କରାଯାଉଛି।


















ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar | ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash | ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ୧୦ ଗୁଣ ବଢ଼ିବ ଆଣବିକ ଶକ୍ତି ଉତ୍ପାଦନ

ନୂଆଦିଲ୍ଲୀ, ୨୫।୧: ୨୦୦୫ରେ ଜାରି ହୋଇଥିବା ବିଦ୍ୟୁତ୍ ନୀତିକୁ ବଦଳାଇ ଦୁଇ ଦଶନ୍ଧି ପରେ ଏବେ ଭାରତ ସରକାର ନୂତନ ବିଦ୍ୟୁତ୍ ନୀତି-୨୦୨୬ ଆଣିବାକୁ ଯାଉଛନ୍ତି। ଏଥିପାଇଁ ଚିଠାପ୍ରସ୍ତାବ ପ୍ରସ୍ତୁତ ହୋଇ ସାରିଛି। ଉନ୍ନତ ଆଣବିକ ପ୍ରଯୁକ୍ତିବିଦ୍ୟା, କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର ଓ ଅନ୍ୟାନ୍ୟ କ୍ଷୁଦ୍ର କ୍ଷମତା ସମ୍ପନ୍ନ ରିଆକ୍ଟର ବ୍ୟବହାର କରାଯିବା ସହ

### ଆସିବ ନୂଆ ବିଦ୍ୟୁତ ନୀତି- ୨୦୨୬

ଆଣବିକ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ପ୍ରବେଶ ପାଇଁ ଏହି ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି।

ଭାରତକୁ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ସମର୍ଥ ରାଷ୍ଟ୍ର ଭାବେ ପରିଗଣିତ କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଧୀରେ ଧୀରେ ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବା ସହ କୋଇଲା ଭିତ୍ତିକ ତାପଜ ଶକ୍ତି ଉତ୍ପାଦନ ହ୍ରାସ କରାଯିବା ପାଇଁ ଯୋଜନା କରାଯାଉଛି। ସଂପ୍ରତି ଭାରତରେ



ଉତ୍ପାଦିତ ବିଦ୍ୟୁତ୍‌ର ସର୍ବାଧିକ ଭାଗ ହେଉଛି କୋଇଲା ଭିତ୍ତିକ ତାପଜ ଶକ୍ତି ପ୍ରକଳ୍ପରୁ ଉତ୍ପାଦିତ ହେଉଥିବା ବିଦ୍ୟୁତ୍ ଶକ୍ତି। ତେବେ କୋଇଲା ଏକ ନବୀକରଣକ୍ଷମ ବିଦ୍ୟୁତ୍ ଉତ୍ସ ହୋଇ ନଥିବା ବେଳେ ଏହାର ମାତ୍ରାଧିକ ବ୍ୟବହାର ପରିବେଶ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଉଛି। ତେଣୁ ନୂଆ ବିଦ୍ୟୁତ୍ ନୀତିରେ ଆଣବିକ ପ୍ରକଳ୍ପ ଉପରେ ଅଧିକ ମନୋନିବେଶ କରିବ ଭାରତ।

ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି ଯେ ୨୦୪୭ ସୁଦ୍ଧା ଭାରତର ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବାର୍ଷିକ ୧୦ ଗୁଣର ଅଧିକ ବୃଦ୍ଧି ପାଇ ୧୦୦ ଜିଗାୱାଟ୍ ହେବ। ସଂପ୍ରତି ଏହା ମାତ୍ର ୮.୮ ଜିଗାୱାଟ୍ ରହିଛି। ଶକ୍ତି କ୍ଷେତ୍ରରେ ଆର୍ଥିକ ସଂସ୍କାର ପାଇଁ ପଥ ଉନ୍ମୁକ୍ତ କରାଯିବା ସହ ଘରୋଇ କ୍ଷେତ୍ରର ସହଭାଗିତା ଉପରେ ଗୁରୁତ୍ୱ ଆରୋପ କରାଯିବ। ଭାରତରେ ବିଦ୍ୟୁତ୍ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ୨୦୪୭ ସୁଦ୍ଧା ମୁଣ୍ଡପିଛା ବିଦ୍ୟୁତ୍ ଉତ୍ପାଦନ ଦୁଇ ଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟାରେ ପ୍ରଦୂଷଣ ହ୍ରାସକୁ ଗୁରୁତ୍ୱ ଦେଇଛି ଏହି ଚିଠା ପ୍ରସ୍ତାବ। ୨୦୩୦ ସୁଦ୍ଧା ପ୍ରଦୂଷଣ ୪୫ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍ ଶୁଳ୍କ ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଆଣିବାକୁ ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି।

# ରପ୍ତାନି କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ନେବେ ଭାରତ ସରକାର

ନୂଆଦିଲ୍ଲୀ, ୨୫।୧: ଉତ୍ପାଦନ ଶିଳ୍ପରେ ଆଗକୁ ହେବାକୁ ଥିବା ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ ଯୋଗୁ ଭାରତରୁ ରପ୍ତାନି ୨୦୩୫ ସୁଦ୍ଧା ତିନି ଗୁଣ ହେବା ଆଶା କରାଯାଉଛି। ୨୦୧୪ ପରଠାରୁ ରପ୍ତାନି ବୃଦ୍ଧି ପାଇଁ ଭାରତ ସରକାର ତୃତୀୟ ପର୍ଯ୍ୟାୟରେ କିଛି ସଂସ୍କାରମୂଳକ ପଦକ୍ଷେପ ନେବାକୁ ଯାଉଛନ୍ତି, ଯାହା ରପ୍ତାନିକୁ ତ୍ୱରାନିତ କରିବ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ରପ୍ତାନି ବୃଦ୍ଧି ପାଇଁ ଭାରତ ସରକାର ଏବେ ସ୍ୱତନ୍ତ୍ର ଯୋଜନା କରୁଛନ୍ତି ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ଦେଶର ରପ୍ତାନି



ଭିତ୍ତିଭୂମିକୁଦୃ ସୁଦୃଢ଼ କରିବାକୁ ଉଦ୍ୟମ ଜାରି ରହିଛି। ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଭାରତ ସେମିକଣ୍ଡକ୍ଟର୍, ଧାତୁ, ଶକ୍ତି ସଂରକ୍ଷଣ ଏବଂ ଚମଡା ଭଳି ଶ୍ରମ-ସମ୍ବଳ ଶିଳ୍ପ ସମେତ ୧୫ଟି କ୍ଷେତ୍ରରେ ଉତ୍ପାଦନକୁ ପ୍ରାଥମିକତା ଦେବ। ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ଦଶନ୍ଧି ମଧ୍ୟରେ ବାର୍ଷିକ ସାମଗ୍ରୀ ରପ୍ତାନିକୁ ପ୍ରାୟ ୧.୩ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୪ରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଓ ୨୦୨୦ରେ ରପ୍ତାନି ପ୍ରୋତ୍ସାହନ ଯୋଜନାରେ ରପ୍ତାନି ବୃଦ୍ଧି ପାଇଁ ଭାରତ ସରକାର ବଳିଷ୍ଠ ପଦକ୍ଷେପ ନେଇଥିଲେ।

# ଘରୁ କାମ କରୁଥିବା କର୍ମଚାରୀଙ୍କ ବିଦ୍ୟୁତ୍ ବିଲ୍ ତଥ୍ୟ ମାଗିଲା ଇନ୍‌ଫୋସିସ୍

ବେଙ୍ଗାଲୁରୁ, ୨୫।୧: ଘରୁ କାମ କରୁଥିବା କର୍ମଚାରୀମାନଙ୍କୁ ବିଦ୍ୟୁତ୍ ବ୍ୟବହାର ବିଲ୍‌ର ତଥ୍ୟ ମାଗିଛି ଆଇଟି କମ୍ପାନି ଇନ୍‌ଫୋସିସ୍। ଇନ୍‌ଫୋସିସ୍‌ର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍‌ଓ) ଜୟେଶ ସଂଗ୍ରହଜକା ଏହି ମର୍ମରେ ହାଇବ୍ରିଡ୍




ମଡେଲ୍‌ରେ କାମ କରୁଥିବା କର୍ମଚାରୀମାନଙ୍କୁ ଇମେଲ୍ ଦେଇଛନ୍ତି। ଏହାକୁ ବିଦ୍ୟୁତ ବ୍ୟବହାର ସର୍ଭେ ଆଖ୍ୟା ଦିଆଯାଇଛି। ସିଏଫ୍‌ଓ ଦର୍ଶାଇଛନ୍ତି ଯେ କେବଳ ହାଇବ୍ରିଡ୍ ମଡେଲ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଘରୁ କାମ କରୁଥିବା କର୍ମଚାରୀମାନେ ଯେଉଁ ଡିଭାଇସ୍ ବ୍ୟବହାର କରୁଛନ୍ତି ତାହାର ପରିବେଶ ପ୍ରଭାବ କେତେ ରହିବ ତାହା ଏହି ସର୍ଭେର ଉଦ୍ଦେଶ୍ୟ। ହାଇବ୍ରିଡ୍ ମଡେଲ କମ୍ପାନି କାର୍ଯ୍ୟର ବିଶେଷ ଅଂଶ ପାଲଟି ଯାଇଛି। ତେଣୁ ଅଫିସ୍ ପାଇଁ କରାଯାଉଥିବା କାର୍ଯ୍ୟର ପରିବେଶ ପ୍ରଭାବ କାର୍ଯ୍ୟାଳୟ ବାହାରେ ଘରେ ମଧ୍ୟ ପଡୁଛି। ଘରେ ଅଫିସ୍ କାମ କରିବା ସମୟରେ ଯେଉଁ ବିଦ୍ୟୁତ୍ ବ୍ୟବହାର ହେଉଛି ତାହା ଅଫିସ୍‌ର ସବୁଜ ଗୃହ ଗ୍ୟାସ୍ ନିର୍ଗମନରେ ବିଚାରକୁ ନିଆଯିବ। ତେଣୁ କମ୍ପାନିର ରିପୋର୍ଟିଂ ପଦ୍ଧତିରେ ଉନ୍ନତି ଆଣିବା ଲାଗି କମ୍ପାନି ଏହି ନିଷ୍ପତ୍ତି ନେଇଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଇନ୍‌ଫୋସିସ୍‌ର ପ୍ରାୟ ୩ ଲକ୍ଷ କର୍ମଚାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ହାଇବ୍ରିଡ୍ ମୋଡ୍‌ରେ କାର୍ଯ୍ୟ କରୁଛନ୍ତି। ଏଥିରେ କର୍ମଚାରୀମାନଙ୍କୁ କାର୍ଯ୍ୟାଳୟରୁ ମାସିକ ଅତିକମ୍‌ରେ ୧୦ ଦିନ କାର୍ଯ୍ୟ କରିବାକୁ ପଡୁଛି। ଘରୁ କାମ କରିବା ସମୟରେ କର୍ମଚାରୀମାନେ କେଉଁସବୁ ବୈଦ୍ୟୁତିକ ସାମଗ୍ରୀ ଯଥା କମ୍ପ୍ୟୁଟର, ଆଲୋକ, ଏୟାର କଣ୍ଡିସନର ଆଦି ବ୍ୟବହାର କରୁଛନ୍ତି ତାହାର ତଥ୍ୟ ଦେବାଲାଗି ମଧ୍ୟ କୁହାଯାଇଛି। ସେହିଭଳି ଘରେ ସୌର ଶକ୍ତି ଅଛି କି ନାହିଁ ତାହା ମଧ୍ୟ ଜଣାଇବାକୁ କୁହାଯାଇଛି।

### ମେଟା ବିରୋଧରେ ଅଭିଯୋଗ

# ହ୍ୱାଟସ୍‌ଆପ୍ ମେସେଜ୍ ଗୋପନୀୟ ଦାବି ମିଛ

ନୂଆଦିଲ୍ଲୀ, ୨୫।୧: ହ୍ୱାଟସ୍‌ଆପ୍ ମେସେଜ୍ ସଂପୂର୍ଣ୍ଣ ସୁରକ୍ଷିତ। ଏହାକୁ କେବଳ ପଠାଉଥିବା ବ୍ୟକ୍ତି ଏବଂ ପାଉଥିବା ବ୍ୟକ୍ତି ପଢ଼ିପାରିବେ ବା ବ୍ୟବହାର କରିପାରିବେ। ୨୦୧୪ ମସିହାରେ ହ୍ୱାଟସ୍‌ଆପ୍‌କୁ କିଣିଥିବା ମେଟା କମ୍ପାନି ଏଭଳି ଦାବି ବା ପ୍ରଚାର କରି ଆସୁଛି। କିନ୍ତୁ ଏହି ଦାବି ମିଛ ବୋଲି କେତେକ ଅଭିଯୋଗକାରୀ ଯୁକ୍ତି ବାଢ଼ିଛନ୍ତି। ସେମାନେ ମେଟାକୁ ଏଥିପାଇଁ କାଠଗଡ଼ାରେ ଛିଡ଼ା କରାଇଛନ୍ତି। ସାନ୍ ଫ୍ରାନ୍‌ସିସ୍‌କୋର ଜିଲ୍ଲା କୋର୍ଟରେ ଏ ନେଇ ଅଭିଯୋଗ କରାଯାଇଛି। ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ ମେଟାର ଗୋପନୀୟତା ଦାବି ମିଛ। ସେମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ମେଟା ଏବଂ ହ୍ୱାଟସ୍‌ଆପ୍ ମେସେଜ୍‌କୁ ରଖି ପାରୁଛନ୍ତି, ବିଶ୍ଳେଷଣ କରି ପାରୁଛନ୍ତି ଏବଂ ବସ୍ତୁତଃ ସବୁ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ଆକ୍ସେସ୍ କରି ପାରୁଛନ୍ତି। ବିଶ୍ୱର କୋଟିକୋଟି ହ୍ୱାଟସ୍‌ଆପ୍ ବ୍ୟବହାରକାରୀଙ୍କୁ କମ୍ପାନି ଏବଂ ଏହାର ଅଧିକାରୀମାନେ ଠକୁଛନ୍ତି ବୋଲି କୁହାଯାଇଛି। ତେବେ ମେଟାର ଜଣେ ପ୍ରବକ୍ତା ଏପରି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଆବେଦନକାରୀଙ୍କ ବିରୋଧରେ ମେଟା କାର୍ଯ୍ୟାନୁଷ୍ଠାନ ଦାବି କରିବ ବୋଲି ସେ କହିଛନ୍ତି। ହ୍ୱାଟସ୍‌ଆପ୍ ମେସେଜ୍ ଏନକ୍ରିପ୍ଟେଡ ନୁହେଁ ବୋଲି କରାଯାଉଥିବା ଦାବି ସଂପୂର୍ଣ୍ଣ ଭାବେ ମିଛ ବୋଲି ପ୍ରବକ୍ତା ଆଣ୍ଡି ଷ୍ଟୋନ୍ ଏକ ଇ-ମେଲ୍ ଜରିଆରେ କହିଛନ୍ତି।

# ଲଞ୍ଚ ହେଲା ଟାଟା ଏକ୍ସପ୍ରେସ

ନୂଆଦିଲ୍ଲୀ, ୨୫।୧: ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମପିଭି) ଭାରତରେ ଏହାର ନୂଆ ଫ୍ଲିଟ୍ ସେଡାନ୍, ଟାଟା ଏକ୍ସପ୍ରେସ, ପେଟ୍ରୋଲ ଏବଂ ସିଏନଜି ଭାରିଆଣ୍ଟରେ ଲଞ୍ଚ କରିଛି। ଏହି କାରର ମୂଲ୍ୟ ପେଟ୍ରୋଲ ଭାରିଆଣ୍ଟ ପାଇଁ ୫.୫୯ ଲକ୍ଷ (ଏକ୍ସ-ସୋରୁମ୍) ଏବଂ ସିଏନଜି ଭାରିଆଣ୍ଟ ପାଇଁ ୬.୫୯ ଲକ୍ଷ (ଏକ୍ସ-ସୋରୁମ୍) ରଖାଯାଇଛି। ଏକ୍ସପ୍ରେସକୁ ଖାସ୍ ଭାବରେ ପ୍ରଫେସ୍ନାଲ ଫ୍ଲିଟ୍ ଅପରେଟରମାନଙ୍କ ପାଇଁ ଡିଜାଇନ୍ କରାଯାଇଛି, ଯାହା ଟ୍ୟାକ୍ସି ଏବଂ କମରସିଆଲ୍ ୟୁଜ୍ ପାଇଁ ଭଲ ରେଭେନ୍ୟୁ ଏବଂ କମ ଖର୍ଚ୍ଚକୁ ସକ୍ଷମ କରିଥାଏ। ଏହାର ବୁକିଂ ବର୍ତ୍ତମାନ ସମସ୍ତ ଅଧରାଇଜଡ୍ ଫ୍ଲିଟ୍ ଡିଲରସିପ୍‌ରେ ଆରମ୍ଭ ହୋଇଛି। ଟାଟା ଏକ୍ସପ୍ରେସରେ କମ୍ପାନୀ ୧.୨-ଲିଟର ରେଭୋଟ୍ରନ୍ ପେଟ୍ରୋଲ୍ ଇଞ୍ଜିନ୍ ଦେଇଛି, ଯାହା ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ଆସିଥାଏ। ପେଟ୍ରୋଲ୍ ଏବଂ ସିଏନଜି ଉଭୟ ଭାରିଆଣ୍ଟର ଲଙ୍ଗ ଟାଇମ୍ ପର୍ଯ୍ୟନ୍ତ ବ୍ୟବହାର ପାଇଁ ଇଞ୍ଜିନିୟର୍ଡ କରାଯାଇଛି। ଟାଟାର ଫୋକସ ଏହି କାରର ଭଲ ମାଇଲେଜ୍, ପାୱାର ଲବଂ କମ୍ ମେଣ୍ଟେନାନ୍ସ ଉପରେ ରଖାଯାଇଛି। ଏକ୍ସପ୍ରେସ ସିଏନଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫିଚର୍ସ ହେଉଛି ଏହାର ୭୦-ଲିଟର (ୱାଟର କରପରସିଟି) ଟ୍ୱିନ୍-ସିଲିଣ୍ଡର ସିଏନଜି ଟ୍ୟାଙ୍କ। ଏହା ଏହାର ସେଗମେଣ୍ଟରେ ସବୁଠାରୁ ବଡ଼ କାପାସିଟି ବିଶିଷ୍ଟ ସିଏନଜି ସେଟଅପ୍। ବଡ଼




ସିଏନଜି ଟ୍ୟାଙ୍କ ବାରମ୍ବାର ଫ୍ୟୁଏଲ୍ ଭର୍ତ୍ତି କରିବାର ଆବଶ୍ୟକତାକୁ ହ୍ରାସ କରେ, ଦୀର୍ଘ ଦୂରତା ଯାତ୍ରାକୁ ସହଜ କରିଥାଏ। ଡୁଆଲ୍ ସିଏନଜି ସିଲିଣ୍ଡର ଥିବା ସତ୍ତ୍ୱେ, ଟାଟା ଏକ୍ସପ୍ରେସ ଅସମ୍ପୂର୍ଣ୍ଣ ବୁଟ୍ ସ୍ପେସ୍ ପ୍ରଦାନ କରେ। ଟ୍ୱିନ୍-ସିଲିଣ୍ଡର ପ୍ୟାକେଜିଂ ସେଗମେଣ୍ଟର ସର୍ବୋତ୍ତମ ବ୍ୟବହାରଯୋଗ୍ୟ ବୁଟ୍ ସ୍ପେସ୍ ପ୍ରଦାନ କରେ। ଏହା କନଫର୍ମ କରେ ଯେ ଫ୍ଲିଟ୍ ଅପରେଟରମାନେ ଲଗେଜ୍ ଯୋଗୁଁ ବୁକିଂ ହରାଇବାର ବିପଦର ସମ୍ମୁଖୀନ ହୁଅନ୍ତି ନାହିଁ। ଏହି ସମୟରେ, ପେଟ୍ରୋଲ୍ ଭାରିଆଣ୍ଟରେ ୪୧୯ ଲିଟର ବୁଟ୍ ସ୍ପେସ୍ ରହିଛି, ଯାହାକୁ ପେଟ୍ରୋଲ୍ ଫ୍ଲିଟ୍ ସେଡାନ୍ ସେଗମେଣ୍ଟରେ ବଡ଼ ବୋଲି ବିବେଚନା କରାଯାଏ। ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡର ଚିଫ କର୍ମସିଆଲ୍ ଅଫିସରଙ୍କ ଅନୁଯାୟୀ, ଏକ୍ସପ୍ରେସକୁ ଫ୍ଲିଟ୍ ଗ୍ରାହକଙ୍କ ଦୈନନ୍ଦିନ ଆବଶ୍ୟକତା ଏବଂ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି। ଡୁଆଲ୍ ସିଏନଜି ସିଲିଣ୍ଡର ଏବଂ ବଡ଼ ବୁଟ୍ ସ୍ପେସ୍ ଏହାକୁ କର୍ମସିଆଲ୍ ବ୍ୟବହାର ପାଇଁ ଭଲ ଅପ୍ସନ କରିଥାଏ।

# ନିଜ ନିର୍ବାଚନ ମଣ୍ଡଳୀ ଡେରାବିଶରେ ଅରବିନ୍ଦଙ୍କ ପାୱାର ସୋ



**ଡେରାବିଶ,୨୫।୧(ସଂଚାର ବ୍ୟୁରୋ):** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ ପରେ କର୍ମୀମହଲରେ ତାତି କମିବାର ନାଁ ଧରୁନି। କାଲି ରାଜଧାନୀ । ଆଜି ପାଟକୁରା। ବିଜେଡିରୁ ନିଲମ୍ବନ ପରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ପାୱାର ସୋ। ଗତକାଲି ଭୁବନେଶ୍ୱରରେ ୫୧ ପଂଚାୟତର କର୍ମୀ ନବୀନ ନିବାସ ଆସି ଜବାବ ମାଗିଥିଲେ। ଦଳୀୟ କାର୍ଯ୍ୟାଳୟ ଶଙ୍ଖଭବନ ଘେରାଉ କରିଥିଲେ। କିନ୍ତୁ ଉତ୍ତର ନମିଳିବାରୁ ଆଜି ପାଟକୁରା ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକର ସଲାର ମଠରେ ନିଜ ସମର୍ଥକଙ୍କ ସହିତ ଶକ୍ତି ପ୍ରଦର୍ଶନ କରିଛନ୍ତି ଅରବିନ୍ଦ ରୋଡ୍ ସୋ କରି ନବୀନଙ୍କ ଉପରେ ବର୍ଷିଛନ୍ତି ଅରବିନ୍ଦ ଓ ସମର୍ଥକ।

ଅରବିନ୍ଦ କହିଛନ୍ତି ନବୀନ ବାବୁ ମିଛ କହିଛନ୍ତି। ତାଙ୍କ ସହ ଅନ୍ୟ ନେତା ବି ମୋ ଚିତ୍ର ଖରାପ କରିବାକୁ ଚେଷ୍ଟା କରିଛନ୍ତି। ଗତ ୧୫ରୁ ୨୧ ତାରିଖ ଭିତରେ ୮ଟି ଅଭିଯୋଗ ଦଳ ଆଣିଛିପରେ ଶନିବାର ଏକ ସାମାଜିକ କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ଅଞ୍ଚଳକୁ ଯୋଗଦେବାକୁ ଆସିଥିବା ବିଧାୟକ ଅରବିନ୍ଦଙ୍କୁ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ସ୍ୱାଗତ କରିଥିଲେ। ବ୍ଲକ ଅଧୀନସ୍ଥ ଖମୋଲ ପଞ୍ଚାୟତ ସଲାର ଛକଠାରୁ ପ୍ରାୟ ୩ କି.ମି.ଏକ ବିଶାଳ ବାଇକ୍ ରାଲିରେ ଚାନ୍ଦୋଳ ପଞ୍ଚାୟତ ଅଧୀ ନ ଗଣେଶପୁର ଯାଏ ପାଛୋଟିଦଳୀୟ କର୍ମୀମାନେ ନିଆଯାଇଥିଲା। ନିଲମ୍ବନ ପରେ ଏହା ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳକୁ ବିଧାୟକଙ୍କ ପ୍ରଥମ ଗସ୍ତ ହୋଇଥିବାରୁ କର୍ମୀ ମହଲରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

ଏହି କାର୍ଯ୍ୟକ୍ରମକୁ ଦଳର ବରିଷ୍ଠ ନେତା ମହେନ୍ଦ୍ର କୁମାର ସିଂହ, ସରୋଜକାନ୍ତ ନାୟକ, ସୁଧୀର କୁମାର ଖଟୁଆ, ତ୍ରିଲୋଚନ ରାଉତ, ଯୋଗାନନ୍ଦ ମହାନ୍ତି, ସରପଞ୍ଚ ସୁରେନ୍ଦ୍ର ମଲିକ, ଶିଶିର ସାମଲ, ଶକର୍ଷଣ ପରିଡା, ପ୍ରବୀର କୁମାର ସିଂହ, କାଶୀନାଥ କାଣ୍ଡି,ମାନସୀ ସାମଲ, ମଧୁହିତା ଦାସ, ସମିତିସଭ୍ୟ ସଂଯୁକ୍ତା ମିଶ୍ର, ନିରଞ୍ଜନ କର, କୃଷ୍ଣଚନ୍ଦ୍ର ସାହୁ, ମନିନ୍ଦ୍ର ବେହେରା, ନିତ୍ୟାନନ୍ଦ ଭଦ୍ର, ଯୁବ ନେତା ଶୈଳେନ୍ଦ୍ର କୁମାର ଜେନା, ରାଜକିଶୋର ମଲ୍ଲ, ବିଲିପ ଦାସ, ସତ୍ୟରଞ୍ଜନ ସାମଲ ଓ ପ୍ରଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ବହୁ କର୍ମୀ ପରିଚାଳନା କରିଥିବା ବ୍ଲକ ଅଧିନ ୨୬ ପଞ୍ଚାୟତର ଶତାଧିକ ସଂଖ୍ୟାରେ ବିଜେଡି କର୍ମୀମାନେ ଅରବିନ୍ଦଙ୍କ ସମର୍ଥନରେ ସାମିଲହୋଇଥିଲେ।

## ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୪ କୋର୍ଟ ଚାଲାଣ

● ୧୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ସମେତ ୩ ଗାଡ଼ି ଜବତ



**କଳାହାଣ୍ଡି,୨୫।୧ (ସଂଚାର ବ୍ୟୁରୋ):** ମ,ରାମପୁର ଅଞ୍ଚଳରେ ଦିନକୁ ଦିନ ଗଞ୍ଜେଇ ଚୋରାଚାଲାଣ ବଢ଼ିବାରେ ଲାଗିଛି।ଏହି କ୍ରମରେ ମ,ରାମପୁର ପୋଲିସ ଚୋରା ଚାଲାଣ କରୁଥିବା ଏକ ବଡ଼ ଧରଣର ରେକେଟକୁ ଧରିବାରେ ସଫଳ ହୋଇଥିବାବେଳେ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।ପୋଲିସର ସୂଚନା ଅନୁସାରେ ଗତକାଲି ମ,ରାମପୁର ପୋଲିସ ଆଇଆଇସି ଚିତ୍ତ ରଞ୍ଜନ ପ୍ରଧାନୀଙ୍କ ନେତୃତ୍ୱରେ ମ ରାମପୁର ବ୍ଲକର ଉର୍ଲାଦାନୀ ଅଞ୍ଚଳ ଦେଇ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରୁ ସୁଦୂର ମହାରାଷ୍ଟ୍ର କୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ସଦଳବଳେ ଚଢ଼ାଉ କରି ଏକ ୪ ଜଣିଆ ଗ୍ୟାଙ୍ଗ କୁ ଧରିବାରେ ସଫଳ ହୋଇଥିଲେ। ସେମାନଙ୍କ ଠାରୁ ୧୨୦ କେଜି ୫୦୦ ଗ୍ରାମ ଚୋରା ଗଞ୍ଜେଇ ଜବତ ହୋଇଥିଲା। ଏଥିରେ ସଂପୃକ୍ତ ଥିବା ଉର୍ଲାଦାନିର ସୁନିଲ ନରିଆ (୨୫) ,କୁରୁ ପଦର ଗ୍ରାମର ସୁଶାନ୍ତ ପାତ୍ର (୨୮)ବିଡ଼ାବାରୁ ଗ୍ରାମର ଇସାକ ନାଏକ (୩୯)ଓ ପୁଷ୍ପେନ୍ଦ୍ର ନାଏକ (୪୦)କୁ କେସ ନଂ ୧୮/୨୦୨୬ ୟୁ/ଏସ ୨୦ (ବି)(ii)(ସି)୨୯ ଏନ ଡି ପି ଏସ ଅଧିନିୟମରେ ଗିରଫ କରି ଆଜି ତାଙ୍କୁ ମ,ରାମପୁର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ବୋଲେରୋ ପିକ ଅପ ନଂ ଓ ଡି ୦୫ ବି ୱାଇ ୬୨୩୧,ଗୋଟିଏ କାର୍ ନଂ ଏମ ଏଚ୍ ୦୪ ଏଫ୍ ଜେଡ୍ ୧୮୮୧ ଓ ଗୋଟିଏ ବାଇକ୍ ନଂ ଓ ଡି ୦୮ ଭି ୮୦୯୮ କୁ ମଧ ଜବତ କରାଯାଇଛି। ଚଢ଼ାଉ ସମୟରେ ମ ରାମପୁର ଅତିରିକ୍ତ ତହସିଲଦାର ଶମ୍ଭୁ ପ୍ରକାଶ ନାଏକ ଉପସ୍ଥିତିରେ ଏସ ଆଇ ଥବିର ବରିହା ସମେତ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।ଏହି ରେକେଟ୍ କୁ ଧରିବା ପରେ ପୋଲିସ ଆହୁରି ତଦନ୍ତ ଚାଲୁ ରଖିଛି।ଏହାର ଚେର ଆହୁରି କେତେଦୂର ଲମ୍ବା ତାହାକୁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳର ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରନ୍ତି।

## ମର୍ମନ୍ତୁଦ କାର ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର



**ବୈଶିଙ୍ଗା,୨୫।୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ଗଡଦେଉଳିଆ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରବିବାର ଦିନ ୨ଟା୩୦ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଯାଇଥିବା ଜଣାପଡିଛି ।

ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ସ୍ଥିତ ଗାୟତ୍ରୀ ଗୁରୁକୁଳ ଆଶ୍ରମର ପରିଚାଳକ ହେମନ୍ତ କୁମାର ପଣ୍ଡା କାର୍ ଚଳାଉଥିବା ବେଳେ ଗଞ୍ଜାମ ଜିଲ୍ଲା ଓଡ଼ପୁର ଗ୍ରାମର ଏମ୍ ଭାଗିରଥି ଦୋରା ତାଙ୍କ ବାମ ପାର୍ଶ୍ୱରେ ବସି ବୈଶିଙ୍ଗା ଅଭିମୁଖେ ଯାତ୍ରା କରୁଥିଲେ। ତେବେ ସମ୍ମୁଖରୁ ଏକ ମାଲବାହୀ ଟ୍ରକ ରଙ୍ଗ୍ ରୁଟରେ ଆସି କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଏମ୍ ଭାଗିରଥି ଦୋରାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଚାଳକ ହେମନ୍ତ ପଣ୍ଡା ଗୁରୁତର ଆହତ ହୋଇଥିଲେ । ତାଙ୍କୁ ବୈଶିଙ୍ଗା ପୋଲିସ ସହାୟତାରେ ବାଲେଶ୍ୱରର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଯାଇଥିଲା ଏବଂ ଲୋକମାନେ ରାସ୍ତା ଅବରୋଧ କରିଥିଲେ । ବୈଶିଙ୍ଗା ପୋଲିସ ପହଞ୍ଚି ଏକ ଘଣ୍ଟା ପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ କରାଇଥିଲେ । ଏହି ଦୁର୍ଘଟଣା ଖବର ବୈଶିଙ୍ଗା ଗାୟତ୍ରୀ ଗୁରୁକୁଳ ତଥା ଅଞ୍ଚଳବାସୀଙ୍କୁ ଦୁଃଖ ଆଣି ଦେଇଛି ।

### ଡ଼ଙ୍ଗରିଆ ଆଦିବାସୀଙ୍କ ସଚେତନତା ବୈଠକ

## ନିୟମଗିରି ବଞ୍ଚାଅ, ବେଦାନ୍ତ କମ୍ପାନୀ ହଟାଅ



**ରାୟଗଡ଼ା,୨୫।୧ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଶିବପଦର ପଞ୍ଚାୟତର କେଶରପାଡ଼ୀ ଗ୍ରାମଠାରେ ୧୧୨ ଖଣ୍ଡ ଗାଁର ସମସ୍ତ ଡ଼ଙ୍ଗରିଆ ଆଦିବାସୀଙ୍କୁ ନେଇ ଏକ ବୃହତ୍ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପୂର୍ବରୁ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ବେଦାନ୍ତ କମ୍ପାନୀ ବିରୋଧରେ ନାରାଦେଇ ପ୍ରାନ୍ତୀୟ ଅଞ୍ଚଳରେ ପ୍ରତିବାଦ କରିଥିଲେ। ପରେ କେଶରପାଡ଼ୀ ଗ୍ରାମଠାରେ ଜନସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଆଲୋଚନା କରାଯାଇଥିଲା ଯେ, ନିୟମଗିରି ଅଞ୍ଚଳର ନିରିହ ଡ଼ଙ୍ଗରିଆ ଆଦିବାସୀଙ୍କୁ ମଜୁରୀ କାମ ଦେବା ନାମରେ ଦସ୍ତଖତ କରାଇ ଟଙ୍କା ହଡ଼ପ କରାଯାଉଛି ଏବଂ ବିଭିନ୍ନ ଲାଳସା ଦେଖାଇ ଠକେଇର ଶିକାର କରାଯାଉଛି। ଏହି ବିଷୟରେ ନିୟମଗିରି ସୁରକ୍ଷା ମଞ୍ଚର ସଭାପତି ଲଦ ସିକକା ସଭାରେ ସଚେତନ କରାଇଥିଲେ।

ସଭାରେ ନିୟମଗିରି ବଞ୍ଚାଅ, ବେଦାନ୍ତ କମ୍ପାନୀ ହଟାଅ ଆମ ଜଳ ଆମ ଜଙ୍ଗଲ ଆମ ମାଟି ଆମ ମା ଭଳି ନାରା ଗୁଞ୍ଜରିତ ହୋଇଥିଲା। ଆଗାମୀ ଦିନରେ ଏପରି ଠକେଇର ଶିକାର ହେବେ ନାହିଁ ଓ ନିୟମଗିରି ମା'ଙ୍କ ସୁରକ୍ଷା ପାଇଁ ସଂଘର୍ଷ ଜାରି ରଖିବାକୁ ଗ୍ରାମବାସୀ ସପଥ ନେଇଥିଲେ। ସଭାରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ, ଯଦି ରାଜ୍ୟ ସରକାର ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ସୁବିଧା ପ୍ରଦାନ କରନ୍ତି, ସେଥିରେ ଗ୍ରାମବାସୀ ସହଯୋଗ କରିବେ ; ନହେଲେ କୌଣସି କମ୍ପାନୀକୁ ମାନିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଚାଷୀ ମୁଣ୍ଡରେ ଧାନବିକ୍ରି ଚିନ୍ତା

### ମଣ୍ଡିରେ ଉଠୁନି ଧାନ, ଉଠିଥିବା ଧାନର ଆସିନି ଟଙ୍କା



**ବୈପାରୀଗୁଡା,୨୫।୧ (ସଂଚାର ବ୍ୟୁରୋ):** ଚାଷୀ ଧାନ ବିକି ପଇସା ନ ପାଇ ହତାଶ ଏପଟେ ଚାଷୀ ଧାନ ମଣ୍ଡି ରେ ରଖି ଦିନ ରାତି ଜଗି ଜଗି ହତାଶ। ଚାଷ କାମ ଯାହାର ତାହାର କି ସୁଖ ବଦଳରେ କି ଦୁଃଖ ହୋଇଯାଇଛି ଏବେ ବୈପାରୀଗୁଡା ଚାଷୀ ଙ୍କ ପାଇଁ । ପ୍ରଥମ ସପ୍ତାହରେ ଧାନ ଉଠିବ ଚାଷୀଙ୍କ ଖାତାକୁ ଟଙ୍କା ଚାଲି ଆସିଲା । କିନ୍ତୁ ପରବର୍ତ୍ତୀ ସମୟରେ ବିକ୍ରି କରିଥିବା ଚାଷୀଙ୍କ ଖାତାକୁ ଏବେ ପର୍ଯ୍ୟନ୍ତ ଟଙ୍କା ଆସି ନାହିଁ । ଚାଷୀଙ୍କ ଧାନ ମିଲର୍ସ ନେବାର ୨୪ଘଣ୍ଟାରେ ଟଙ୍କା ଚାଷୀଙ୍କ ଖାତାକୁ ଆସିବା କଥା କିନ୍ତୁ ଚାଷୀ ଧାନ ଉଠି ସପ୍ତାହ ରୁ ଅଧିକା ଦିନ ହେଲାନି ଚାଷୀଙ୍କ ଖାତାକୁ ଟଙ୍କା ଆସିନାହିଁ ଚାଷୀ ଟଙ୍କାକୁ ଅନାଇ ବସିଛନ୍ତି । ଆଉ ୩୦୦ରୁ ଉର୍ଦ୍ଧ ଚାଷୀ ଟୋକେନ ଧରି ବସିଛନ୍ତି କେବେ ମିଲର ମଣ୍ଡି ରେ ଆସିବେ ଏବଂ ଧାନ କିଣା ହେବ । ସବୁଠୁ ଦୁଃଖ ପାଉଛନ୍ତି ବୈପାରୀଗୁଡା ଦଶମନ୍ତପୁର ମଣ୍ଡି ର ଶତାଧିକ ଚାଷୀ ଧାନ ମଣ୍ଡି ରେ ଆଣି ୧୦ ଦିନ ହେବକୁ ବସିଲାଣି କିନ୍ତୁ ମଣ୍ଡି ରୁ ଧାନ ଉଠୁନି । ଚାଷୀ ଙ୍କ ଧାନ ବିକ୍ରି ପାଇଁ ଏବେ ଚାଷୀ ମୁଣ୍ଡ ରେ ଚଡ଼କ ବସିଛି । ଆଉ କେତେ ଦିନ ମଣ୍ଡି ରେ ରାତି ଅନିଦ୍ରା ହୋଇ ଶୀତ କାକର ପରେ ଧାନ ଉଠିବ ଚାଷୀ ଙ୍କ ପ୍ରଶ୍ନ କିନ୍ତୁ ପ୍ରଶ୍ନ ର ଉତ୍ତର ନାହିଁ କାହା ପାଖରେ ।

## ଗାଈକୁ ଧକ୍କାଦେଇ ପୋଲରେ ଫସିଲା ଟ୍ରଲର



**ଲାଞ୍ଜିଗଡ଼,୨୫।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଢେପଗୁଡ଼ା ଠାରେ ପୁଣି ଏକ ଟ୍ରଲର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର ଢେପଗୁଡ଼ା ଜଙ୍ଗଲ ନିକଟରେ ଥିବା ଏକ ଅଣ ଓସାରିଆ ପୋଲରେ ଟ୍ରଲରଟି ଭାରସାମ୍ୟ ହରାଇ ଏକ ଗାଈକୁ ଧକ୍କା ଦେଇ ଦୁର୍ଘଟଣା ଶିକାର ହୋଇଛି। ଫଳରେ ଭବାନୀପାଟଣା-ରାୟଗଡ଼ା ସଂଯୋଗ କରୁଥିବା ୬ନମ୍ବ ରାଜ୍ୟ ରାଜପଥ ରାସ୍ତାରେ ଶହଶହ ଯାନବାହାନ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ବିଶ୍ୱନାଥପୁର ପୁଲିସ ପହଞ୍ଚିବା ପରେ ଦିର୍ଘ ୬ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ଗଙ୍ଗାଧର ପ୍ରସାଦ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ



**ନୀଳଗିରି,୨୫।୧ (ସଂଚାର ବ୍ୟୁରୋ):** ନୀଳଗିରି ଉପକଣ୍ଠ ଗଙ୍ଗାଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେମୁଣା ଗୋଷ୍ଠୀ ଶିକ୍ଷାଧିକାରୀ କାଳନ୍ଦି ସୋରେନ ଯୋଗଦେଇ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ ପାଠପଢ଼ାରେ ମନ ନିବେଶ କରିବା, ଗୁରୁଜନଙ୍କ କଥା ମାନିବା, ସଞ୍ଚମତା, କଷ୍ଟସହିଷ୍ଣୁ, ସତ୍ୟବାଦି, ନିର୍ଭିକ ହେବା, ଛାତ୍ର ଛାତ୍ରୀଙ୍କ ଅଲୌକିକ ପ୍ରତିଭାର ବିକାଶ ପାଇଁ ଶିକ୍ଷକ ମାନେ ସର୍ବଦା ଚେଷ୍ଟିତ ରହିବା ପ୍ରମୁଖ ଉପାଦେୟ ତଥ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ନୂଆଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ସୁବ୍ରତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ କାର୍ତ୍ତିକେଶ୍ୱର ପାତ୍ର, ଅନ୍ୟତମ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶେରଗଡ଼ ସିଆରସିସି ବିଷ୍ଣୁପଦ ଦାସ, ଏସଏମସି ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି, ୱାର୍ଡ଼ ସଭ୍ୟ ଲକ୍ଷ୍ମୀଧର ମଲ୍ଲିକ, ଯୁବ ସମାଜସେବୀ ଦିଲ୍ଲୀପ ସ୍ୱାଇଁ, ଏସ ଏମ ଡିସି ସଦସ୍ୟ ସୁରଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜୟନ୍ତ ପଣ୍ଡା, ଅମିତ ଦାସ, ମଞ୍ଜୁଲତା ବେହେରା ମଞ୍ଚାସୀନ ଥାଇ ନିଜନିଜର ଅଭିଭାଷଣ ମାନ ପ୍ରଦାନ କରିଥିଲେ। ଶେଷରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ କପ ଦେଇ ପୁରସ୍କୃତ କରାଯାଇଥିଲା।

## ରାଜ୍ୟସ୍ତରୀୟ ମତଦାତା ଦିବସରେ ସୁବର୍ଣ୍ଣପୁର ଜିଲ୍ଲାପାଳ ସମ୍ବର୍ଦ୍ଧିତ



**ସୁବର୍ଣ୍ଣପୁର,୨୫।୧ (ସଂଚାର ବ୍ୟୁରୋ):** ଦେଶରେ ୧୬ତମ ଜାତୀୟ ମତଦାତା ଦିବସ ୨୦୨୬ ମାଇଁ ଇଣ୍ଡିଆ ମାଇଁ ଭୋଟ ରାଜ୍ୟସ୍ତରୀୟ ସମାରୋହ ପାଳିତ ହେଉଛି। ଭୁବନେଶ୍ୱର ଠାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ବାଚନ ଆୟୁକ୍ତ ମଧୁସୁଦନ ପାଢ଼ୀଙ୍କ ଠାରୁ ଶ୍ରେଷ୍ଠ ଡିଇଓ (ଜିଲ୍ଲା ନିର୍ବାଚନ ଅଧିକାରୀ) ଭାବେ ଏ ସମ୍ମାନରେ ସମ୍ବର୍ଦ୍ଧିତ ହୋଇ ଡ଼ ସାହୁ ସୁବର୍ଣ୍ଣପୁର ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି। ଜିଲ୍ଲାରେ ସ୍ୱତନ୍ତ୍ର ନିର୍ବାଚନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ପ୍ରସ୍ତୁତି ଓ ତଦାରଖ କାର୍ଯ୍ୟ ତତ୍ପରତା ଓ ସଫଳତା ପାଇଁ ରାଜ୍ୟ ସରକାର ଏ ସମ୍ବର୍ଦ୍ଧନା କରିଥିବା ଜଣାଯାଇଛି। ଏ ଖବରରେ ପ୍ରଚାର ହେବାପରେ ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲାବାସୀ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼.ନୃପରାଜ ସାହୁଙ୍କୁ ଶୁଭେଚ୍ଛା ସୁଅ ଛୁଟୁଥିବା ଖବର ମିଳିଛି ।

## ଦି ମେନକାଇଣ୍ଡ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




**ବାଲିଆପାଳ,୨୫।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ ଠାରେ ଦି ମେନକାଇଣ୍ଡ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଚଉମୁଖ ଠାରୁ ଆରମ୍ଭ ହୋଇ ବ୍ରଜେଶ୍ୱର ମନ୍ଦିର ପର୍ଯ୍ୟନ୍ତ କରାଯାଇଛି। ୨୦୨୫ ରୁ ଆରମ୍ଭ ହୋଇଥିବା ଏହି କ୍ଲବ୍‌ରେ ୭୦ ଜଣ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଚଉମୁଖ ପଞ୍ଚାୟତର ଥିବା ପ୍ରତ୍ୟେକ ହାଟ, ବଜାର, ରାସ୍ତା, ପୋଖରୀ ତୁଠରେ ଥିବା ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ ରହିବା, ସମସ୍ତଙ୍କୁ ଭାଇଚାରାର ସୁତ୍ରରେ ବାନ୍ଧି ରଖିବା, ଯୁବ ଗୋଷ୍ଠୀଙ୍କୁ ନିଶାମୁକ୍ତ କରିବା, ମାନବ ସେବା କରିବା ପାଇଁ ଯୁବକ ମାନଙ୍କୁ ପରାମର୍ଶ ଦେବା ସହିତ ପଞ୍ଚାୟତ ବାସୀଙ୍କର ସୁବିଧା ଅସୁବିଧାକୁ ସମାଧାନ କରିବା ଏହି କ୍ଲବ୍‌ର ଲକ୍ଷ୍ୟ ବୋଲି ସଭାପତି ଗୋବିନ୍ଦ ଦାସ, ଉପସଭାପତି କୃଷ୍ଣାକାନ୍ତ ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ପାତ୍ର କହିଛନ୍ତି। ସହ ସଂପାଦକ ବଳରାମ ମାଝୀ, ସଦସ୍ୟ ଦିପକ ଜେନା, ସଞ୍ଜୟ ସେଠି, ରବିନ୍ଦ୍ର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ନାରାୟଣ ବେହେରା, ଜଗନ୍ନାଥ ଭଞ୍ଜ, ରାମଚନ୍ଦ୍ର ଜେନା, ଦିପକ ରଣଜିତ, ବବୁଲୁ ପାତ୍ର, ବିଷ୍ଣୁପଦ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।।

## ଜିଲ୍ଲା ପୁଲିସ ହାବିଲଦାର ଓ କନେଷ୍ଟବଲ ସଂଘ ନିର୍ବାଚନ

# କୁମୁଦ ସଭାପତି ଓ ରଞ୍ଜିତ ସମ୍ପାଦକ



କୁମୁଦ ରଞ୍ଜନ ମେହେର
ସଭାପତି

ରଞ୍ଜିତ ପଧାନ
ସମ୍ପାଦକ

**ସୁବର୍ଣ୍ଣପୁର,୨୫।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ହାବିଲଦାର ଓ କନେଷ୍ଟବଲ ସଂଘ ନିର୍ବାଚନ ଗତକାଲି ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହାର ଫଳଫଳ ଆଜି ପ୍ରକାଶ ପାଇଛି । ଏଥିରେ ସଭାପତି ପଦରେ ୧୭୦ ଖଣ୍ଡ ଭୋଟ କୁମୁଦ ମେହେର ଏବଂ ଦିନେଶ ମିଶ୍ର ୧୪୦ ଖଣ୍ଡ ଭୋଟ ପାଇଥିଲେ। କୁମୁଦ ମେହେର ୩୦ ଖଣ୍ଡ ଅଧିକ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ପଦବୀରେ ରଞ୍ଜିତ ପ୍ରଧାନ ୧୬୪ ଖଣ୍ଡ ଏବଂ ନରସିଂହ ତରିଆ ୧୩୬ ଖଣ୍ଡ ଭୋଟ ପାଇଥିବା ବେଳେ ରଞ୍ଜିତ ପ୍ରଧାନ ୨୮ ଖଣ୍ଡ ଅଧିକ ଭୋଟ ପାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

ଉପସଭାପତି ପଦବୀରେ ଦୟାନିଧ ସାହୁ ୧୭୪ ଖଣ୍ଡ ଭୋଟ ଏବଂ ସନ୍ତୋଷ ପାତ୍ର ୧୩୧ ଖଣ୍ଡ ଭୋଟ ପାଇଥିବା ବେଳେ ଦୟାନିଧି ସାହୁ ୪୩ ଖଣ୍ଡ ଅଧିକ ଭୋଟ ପାଇ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସହକାରୀ ସମ୍ପାଦକ(୧) ପଦବୀରେ କବି ମିସ୍ତ୍ରୀ ୧୮୧ ଖଣ୍ଡ ଏବଂ ଦୟାନିଧି ବେହେରା ୧୨୪ ଖଣ୍ଡ ଭୋଟ ପାଇଥିବା ବେଳେ କବି ମିସ୍ତ୍ରୀ ୫୭ ଖଣ୍ଡ ଅଧିକ ଭୋଟ ପାଇ ସହକାରୀ ସମ୍ପାଦକ(୧) ଭାବେ ନିର୍ବାଚିତ ହୋଇଛନ୍ତି । ସହକାରୀ ସମ୍ପାଦକ (୨) ପଦବୀରେ କାର୍ତ୍ତିକେଶ୍ୱର ରାଉତ ୧୯୪ ଖଣ୍ଡ ଭୋଟ ଏବଂ ରାମଜୀ ପାଣିଗ୍ରାହୀ ୧୧୬ ଖଣ୍ଡ ଭୋଟ ପାଇଥିବା ବେଳେ କାର୍ତ୍ତିକେଶ୍ୱର ରାଉତ ୭୮ ଖଣ୍ଡ ଅଧିକ ଭୋଟ ପାଇଁ ସହକାରୀ ସମ୍ପାଦକ(୨) ଭାବେ ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ପଦବୀରେ ଯଦୁନାଥ ଦାଣ୍ଡିଆ ୧୭୭ ଖଣ୍ଡ ଏବଂ ଜନ୍ମେଜୟ ନାଗ ୧୩୨ ଖଣ୍ଡ ଭୋଟ ପାଇଥିବା ବେଳେ ଯଦୁନାଥ ଦାଣ୍ଡିଆ ୪୫ ଖଣ୍ଡ ଅଧିକ ଭୋଟ ପାଇଁ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଦୁର୍ଯ୍ୟୋଧନ କାଲସାଏ, ଆନନ୍ଦ ଧରୁଆ, ସଂଜୀବ ସାହୁ, ଉମା ବିଭାର, ସୂର୍ଯ୍ୟ ସାହୁ ନିର୍ବାଚିତ ହୋଇଛନ୍ତି ।

ସୂଚନା ଯୋଗ୍ୟ ଯେ କୁମୁଦ ରଞ୍ଜନ ମେହେର ପୂର୍ବରୁ ୩ ଥର ସଭାପତି ଏବଂ ଉପ ସଭାପତି ପଦବୀ ରେ ମଧ ରହିଥିଲେ।

## ଘୋଡ଼ାବନ୍ଧ ହାଇସ୍କୁଲର ବାର୍ଷିକ ଉତ୍ସବ



**ନର୍ଲା,୨୫।୧ (ସଂଚାର ବ୍ୟୁରୋ):** ଘୋଡ଼ାବନ୍ଧ ହାଇସ୍କୁଲର ୪୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତୁଲ୍ୟ କୁମାର ପଧାନଙ୍କ ସଭାପତିତ୍ୱରେ ଏନେଇ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଘୋଡ଼ାବନ୍ଧ ସରପଞ୍ଚ ରଶ୍ମିତା ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଯାଜ୍ଞସେନ ପଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ନାରାୟଣ ପଧାନ ମଞ୍ଚାସୀନ ଥିଲେ। କୃତି ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କୃତ କରିଥିଲେ ଅତିଥିବୃନ୍ଦ। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜର୍ଣ୍ଣାଲିଷ୍ଟ ଆସୋସିଏସନର ବାର୍ଷିକ ସାଧାରଣ ବୈଠକ



**ସୁନ୍ଦରଗଡ଼,୨୫।୧ (ସଂଚାର ବ୍ୟୁରୋ):** ରବିବାର ଦିନ ସଦରବ୍ଲକ ଅନ୍ତର୍ଗତ ପୁଡ଼ାଜଲଙ୍ଗା ଠାରେ ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଶୋକ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ପୁରୁଣା କମିଟି ଭଙ୍ଗ କରି ସର୍ବ ସମ୍ମତି କ୍ରମେ ନୂତନ କମିଟି ଗଠନ କରାଗଲା । ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଦେବବ୍ରତ ଜେନା ଓ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ଭିତ୍ରୀଆଙ୍କୁ ଚୟନ କରାଗଲା । ବୈଠକରେ ଅଶୋକ ଷଡଙ୍ଗୀ, ସରୋଜ ସିଂ, ସୁଧିର ଦାସ, ପ୍ରଶାନ୍ତ ସାହୁ, କ୍ଷେତ୍ରବାସ ପଣ୍ଡା, ସୁଶାନ୍ତ କୁମାର ଷଡ଼ଙ୍ଗୀ, କାଲୋ ସିଂ, ହୋରାଚାନ୍ଦ ଦେହୁରିଆ, ହରିହରଦାସ ମହାପାତ୍ର, ସରୋଜ ନାଗ, ରବି ତନ୍ତୀ, ସୁରେନ୍ଦ୍ର ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ସଂଘର ବାର୍ଷିକ ଉତ୍ସବ ବିଷୟରେ ଆଲୋଚନା କରାଯାଇଥିଲା ।

## 'ପ୍ରିୟ ଖବର' ପକ୍ଷରୁ ବନ୍ଧୁମିଳନ ଓ ଆଲୋଚନାଚକ୍ର



**ଧାମନଗର,୨୫।୧ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଧାମନଗର ବିଜ୍ଞାପିତ ଅଞ୍ଚଳରେ ଥିବା ଜଳସେଚନ ଡାକବଙ୍ଗଳାରେ ଦୈନିକ ଓଡ଼ିଆ ଖବରକାଗଜ ପ୍ରିୟ ଖବରର ମୁଖ୍ୟ ସମ୍ପାଦକ ରାଜକିଶୋର ଦାସଙ୍କ ଅଧକ୍ଷତାରେ ନୂତନ ବର୍ଷ ଉପଲକ୍ଷେ ଭଦ୍ରକ ଓ ଯାଜପୁର ଉଭୟ ଜିଲ୍ଲାର ପ୍ରତିନିଧି ମାନଙ୍କୁ ନେଇ ଏକ ବନ୍ଧୁମିଳନ ଓ ଆସନ୍ତା ଫେବୃଆରୀ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରିୟ ଖବର ଖବରକାଗଜର ରାଜ୍ୟସ୍ତରୀୟ ସ୍ୱନକ୍ଷେତ୍ର ଦିବସ ପାଇଁ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରିୟ ଖବରର ମୁଖ୍ୟ ସମ୍ପାଦକ ରାଜକିଶୋର ଦାସ ସଭାପତିତ୍ୱ କରିଥିବା ବେଳେ ଭଦ୍ରକ ଓ ଯାଜପୁର ଜିଲ୍ଲା ପ୍ରତିନିଧି କାହ୍ନୁ ଚରଣ ଜେନା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରିୟ ଖବରର ରାୟଗଡ଼ା ଜିଲ୍ଲା ପ୍ରତିନିଧି ଆଶୁତୋଷ ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନେ ଦୁଃଖ ପ୍ରକାଶ କରିଥିଲେ ଏବଂ ପ୍ରିୟ ଖବରର ମୁଖ୍ୟ ସମ୍ପାଦକ ରାଜକିଶୋର ଦାସ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ପରେ ସମସ୍ତ ପ୍ରତିନିଧି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ପ୍ରିୟ ଖବରର ସ୍ୱନକ୍ଷେତ୍ର ଦିବସ ପାଳନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ କବାଡ଼ି ପ୍ରତିଯୋଗିତା




**କେନ୍ଦ୍ରାପଡ଼ା,୨୫।୧ (ସଂଚାର ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ମହୀପାଳ ସ୍ଥିତ ଟେଲିକମ ଗ୍ରାଉଣ୍ଡ ଠାରେ ଭାରତର ଲୋକପ୍ରିୟ କବାଡି ଖେଳୁଥିବା ଖେଳାଳି ମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ ସହଯୋଗର ଶିକ୍ଷା ମିଳିଥାଏ । ଏହି ପାରମ୍ପରିକ କ୍ରୀଡାକୁ ବିସ୍ତାର କରିବା ପାଇଁ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତଙ୍କ ଅଧକ୍ଷତାରେ ଉଦ୍‌ଘାଟିତ ହୋଇଥିବା ବେଳେ ଅତିଥି ଭାବେ ଓଡ଼ିଶା ପୂର୍ବପ୍ରାନ୍ତ ବଳ ଉପାସନା ପ୍ରମୁଖ ରାଜକିଶୋର ନାୟକ, ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରାପଡ଼ା ବିଭାଗ ସମ୍ପାଦକ ବିରେନ୍ଦ୍ର ସାମଲ, ଜିଲ୍ଲା ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, କେନ୍ଦ୍ରାପଡ଼ା ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ନାରୀ ନେତ୍ରୀ ଜୋସ୍ନାରାଣୀ ଜେନା, ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଯୋଜକ, ଯଶପାଲ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା କେନ୍ଦ୍ରାପଡ଼ା ସଦରର ଅଧିନାୟକ ଗିରିଶ କୁମାର ପାତ୍ର ଏବଂ ଗରଦପୁର ଉପବିଜେତା ଅଭିଜିତ ଜେନାଙ୍କୁ ପିତଳ ଗଦା ପୁରସ୍କାର ପୂର୍ବକ ପ୍ରଦାନ କରାଯାଇଥିଲା।

## ସୂଚନା ଫଳକରେ ବାଇକ୍ ପିଟି ହୋଇ ଜଣେ ମୃତ, ଜଣେ ଗୁରୁତର

**ଲାଞ୍ଜିଗଡ,୨୫।୧ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ରଘୁନାଥପୁର ନିକଟରେ ମୋହନଗୁଡା ଗ୍ରାମର ଧନିଆ ମାଝୀ (୩୨) ଏବଂ ହରେକୃଷ୍ଣପୁର ଗ୍ରାମର ସାମନ୍ତ ମାଝୀ (୨୫) ଦୁଇଜଣ ସକାଳ ୮ ଘଣ୍ଟା ସମୟରେ ମୋହନଗୁଡା ଠାରୁ ହରେକୃଷ୍ଣପୁର ଗାଁକୁ ବାଇକ ଯୋଗେ ଯାଉଥିବା ବେଳେ ଛତ୍ରପୁର ପଞ୍ଚାୟତ ରଘୁନାଥପୁର ଗାଁ ନିକଟରେ ଭାରସାମ୍ୟ ହରାଇ ଏକ ସୂଚନା ଫଳକରେ ବାଇକ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେଁ ଦୁହିଁଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଧନିଆ ମାଝୀକୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ସାମନ୍ତ ମାଝୀକୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

SANCHAR
ସଂଚାର
ସୋମବାର ୨୬ ଜାନୁଆରୀ ୨୦୨୬
ସ୍ୱାସ୍ଥ୍ୟ




# ନିୟମିତ ଲିଚୁ ଖାଇଲେ ସ୍ୱାସ୍ଥ୍ୟ ପକ୍ଷେ ହିତକର



ଗରମ ଋତୁର ଆରମ୍ଭରେ ଅଧିକାଂଶ ଲୋକମାନେ ଲିଚୁ ଖାଇବା ପସନ୍ଦ କରିଥାନ୍ତି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଲିଚୁ କୋଳି ଖାଇବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ ଜାଣିଛନ୍ତି, ଲିଚୁ ମିଠା ଏବଂ ରସାଳ ହେବା ସହ ଏଥିରେ ଅନେକ ପୋଷକ ତତ୍ତ୍ୱ ମଧ୍ୟ ରହିଥାଏ। ଅଞ୍ଜା ହଁ, ଲିଚୁ ଶରୀର ପାଇଁ ଖୁବ ଲାଭଦାୟକ। ଏଥିରେ କାର୍ବୋହାଇଡ୍ରେଡ୍, ଭିଟାମିନ-ସି, ଏ ଏବଂ ବି କମ୍ପ୍ଲେକ୍ସ ଆଦି ପ୍ରଚୁର ମାତ୍ରାରେ ରହିଥାଏ। ଏହା ବ୍ୟତିତ ଏଥିରେ ପୋଟାସିୟମ, କ୍ୟାଲସିୟମ, ମ୍ୟାଗନେସିୟମ, ଫସଫରସ ଏବଂ ଆଇରନ ଭଳି ମିନେରାଲ ମଧ୍ୟ ରହିଥାଏ। ଏହି କାରଣରୁ ଲିଚୁକୁ ଖରାଦିନରେ ସୁପର ଫୁଡ୍ ମଧ୍ୟ କୁହାଯାଇଥାଏ।

**ପାଚନ ପକ୍ରିୟାରେ ଉନ୍ନତିଃ** ଲିଚୁରେ ବିଟା କେରୋଟିନ, ରାଇବୋଫ୍ଲୋବିନ, ଫୋଲେଟ, ନିୟାସନ ଏବଂ ଭିଟାମିନ-ବି ପ୍ରଚୁର ମାତ୍ରାରେ ରହିଥାଏ। ଯାହା ଶରୀରରେ କୋଲଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରିତ ରଖିବା ସହ ରକ୍ତର ମାତ୍ରା ବୃଦ୍ଧି କରିଥାଏ। ଏହାସହ ପାଚନକ୍ରିୟା ମଧ୍ୟ ନିୟନ୍ତ୍ରିତ କରିଥାଏ। ଏହି କାରଣରୁ ଲିଚୁ ଶରୀର ପାଇଁ ଖୁବ ଲାଭଦାୟକ ହୋଇଥାଏ।

**ଓଜନ କମାଇଥାଏଃ** ଲିଚୁରେ ଅଧିକ ମାତ୍ରାରେ ଫାଇବର ରହିଥାଏ ଯାହା ମୋଟାପଣ ଦୂର କରିବାରେ ସହାୟକ ହୋଇଥାଏ। ଫାଇବର ଖାଦ୍ୟକୁ ହଜମ କରିବା ସହ ସଂକ୍ରମଣ ରୋଗ ଦୂର କରିବାରେ ଶରୀରରେ ଇମ୍ୟୁନିଟି ବଢାଇଥାଏ।

**ଏନର୍ଜି ବଢାଇଥାଏଃ** ଲିଚୁକୁ ଏନର୍ଜିର ପ୍ରମୁଖ ସ୍ରୋତ କୁହାଯାଇଥାଏ। ଏଥିରେ ଥିବା ନିୟାସିନ ଶରୀରରେ ଏନର୍ଜି ପାଇଁ ଆବଶ୍ୟକୀୟ ଷ୍ଟେରାଇଡ ହରମୋନ ବା ହିମଗ୍ଲୋବିନ ପ୍ରସ୍ତୁତ କରିଥାଏ। ଏହି କାରଣରୁ ଲିଚୁ ଖାଇଲେ ଆପଣ ଉର୍ଜାବାନ ଅନୁଭବ କରିବେ। ଦୁର୍ବଳ ଲାଗିବା ସମୟରେ ମଧ୍ୟ ଲିଚୁ ଖାଇଲେ ଅନେକ ଲାଭ ମିଳିଥାଏ।

**ରକ୍ତଚାପ କମ କରିଥାଏଃ** ଲିଚୁରେ ଥିବା ପୋଟାସିୟମ ଏବଂ କପର ଛାତି ଯନ୍ତ୍ରଣା ଦୂର କରିବାରେ ସାହାଯ୍ୟ କରିଥାଏ । ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରିତ ରଖିବା ସହ ହାର୍ଟଆଟାକ୍ ଭୟକୁ ଦୂର କରିଥାଏ।

**କ୍ୟାନସରରୁ ରକ୍ଷା କରିଥାଏଃ** ଅଧ୍ୟୟନରୁ ଜଣାପଡିଛି ଲିଚୁରେ ପ୍ରଚୁର ମାତ୍ରାରେ ଭିଟାମିନ-ସି ରହିଥାଏ ଯାହା କ୍ୟାନ୍ସର ରୋଗ ଦୂର କରିବାରେ ଲାଭଦାୟକ ହୋଇଥାଏ । ନିୟମିତ ଲିଚୁ ସେବନ କରିବା ଦ୍ୱାରା କ୍ୟାନ୍ସର ହେବା ଭୟ ଦୂର ହୋଇଯାଇଥାଏ ।

**ତ୍ୱଚାରେ ଉନ୍ନତି ଆଣେଃ** ଲିଚୁରେ ଥିବା ପ୍ରଚୁର ମାତ୍ରାରେ ଆଣ୍ଟି-ଅକ୍ସିଡେଣ୍ଟ ତ୍ୱଚାରେ ସୁନ୍ଦରତା ଆଣିବାରେ ସହାୟକ ହୋଇଥାଏ । ଏଥି ସହିତ ଲିଚୁ ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମୀରୁ ମଧ୍ୟ ରକ୍ଷା କରିଥାଏ । ନିୟମିତ ଲିଚୁ ସେବନ କରିବା ଦ୍ୱାରା ତେଲିଆ ତ୍ୱଚାରେ ପୋଷଣ ମିଳିଥାଏ ଏବଂ ତ୍ୱଚାରେ ଥିବା ଦାଗ ମଧ୍ୟ ଦୂର ହୋଇଯାଇଥାଏ ।

**ସେବନ କରିବା ସମୟରେ ଧ୍ୟାନ ରଖନ୍ତୁଃ** ଏହା କୁ ସେବନ କରିବା ସମୟରେ ସିମିତ ମାତ୍ରାରେ ସେବନ କରନ୍ତୁ ନଚେତ ଏହା ଶରୀର ପାଇଁ ମଧ୍ୟ କ୍ଷତି କାରକ ହୋଇପାରେ । ଅଦିକ ଲିଚୁ ସେବନ କରିବା ଦ୍ୱାରା ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା, ଶରୀର କୁଣ୍ଡେଇ ହେବା ଏବଂ ଶ୍ୱାସକ୍ରିୟାରେ ସମସ୍ୟା ହେବା ଭଳି ଅନେକ ସମସ୍ୟା ଦେଖାଯାଇଥାଏ ।



# ଶୀତଦିନେ ପିଲାଙ୍କ ପାଇଁ ଲାଭଦାୟକ ଜାଇଫଳ ଗୁଣ୍ଡ

ଭାରତୀୟ ଖାଦ୍ୟରେ ଅନେକ ପ୍ରକାରର ଗୋଟା ମସଲା ବ୍ୟବହାର କରାଯାଏ। ସେହି ସବୁ ଗୋଟା ମସଲା ମଧ୍ୟରୁ ଜାଇଫଳ ଏକ ଅତ୍ୟନ୍ତ ଲାଭଦାୟକ ମସଲା। ଯାହା ଖାଦ୍ୟର ସ୍ୱାଦ ଏବଂ ସୁଗନ୍ଧ ବଢାଇବା ସହିତ ଔଷଧ ଭାବେ ମଧ୍ୟ କାର୍ଯ୍ୟ କରିଥାଏ। ତେବେ ଏହା ଘରୋଇ ଉପଚାର ମଧ୍ୟରୁ ଏକ ଅନ୍ୟତମ ଉପାୟ। ଯାହା ଶିଶୁମାନଙ୍କ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଶୀତଦିନେ ବିଶେଷ କରି ପିଲାଙ୍କଠାରେ ଅତ୍ୟଧିକ ଥଣ୍ଡା, କାଶ ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଯେଉଁଥି ପାଇଁ ଜାଇଫଳ ବେଷ୍ଟ ହୋଇଥାଏ। ଯଦି ଏଭଳି କିଛି ସମସ୍ୟା ପିଲାଙ୍କଠାରେ ଦେଖୁଛନ୍ତି ତେବେ ନିଶ୍ଚୟ ସେମାନଙ୍କୁ ଜାଇଫଳକୁ ଗୁଣ୍ଡ କରି ଦିଅନ୍ତୁ। କିଛି ଦିନ ମଧ୍ୟରେ ସକରାତ୍ମକ ପ୍ରଭାବ ଦେଖିପାରିବେ।

ଏହା ବ୍ୟତୀତ ଯଦି ପିଲାଟିର ହଜମ ହେଉନଥିବ, ପାଟି ଘାଆ, ପେଟ ଯନ୍ତ୍ରଣା କିମ୍ବା କାନ ଯନ୍ତ୍ରଣା ଭଳି ସମସ୍ୟା ଦେଖା ଦେଉଥାଏ ତେବେ ଆପଣ ତାକୁ ଜାଇଫଳ ଗୁଣ୍ଡ ଖାଇବାକୁ ଦେଇ ପାରିବେ। ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିବାୟୋଟିକ୍ ଗୁଣ ଜାଇଫଳରୁ ମିଳିଥାଏ ଯାହା ସଂକ୍ରମଣକୁ ଭଲ କରିଥାଏ। ଏହାର ଗୁଣ୍ଡ ଖାଇବା ଦ୍ୱାରା ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ବଢାଇଥାଏ। ପିଲାମାନଙ୍କୁ ଜାଇଫଳ ଗୁଣ୍ଡ ଖାଇବାକୁ ଦେଲେ କେଉଁ ସବୁ ଫାଇଦା ହୋଇଥାଏ ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।

## ପିଲାମାନଙ୍କ ପାଇଁ ଲାଭଦାୟକ ଜାଇଫଳ ଗୁଣ୍ଡ

**ଥଣ୍ଡା ଏବଂ କାଶରୁ ମିଳିବ ମୁକ୍ତିଃ** ଶୀତଦିନେ ସାଧାରଣତଃ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଇଥାଏ। ଯେଉଁଥି ପାଇଁ ସେମାନଙ୍କୁ ଶୀଘ୍ର ରୋଗ ସଂକ୍ରମଣ ହୋଇଥାଏ। ଖାସ୍ କରି ଶୀତଦିନେ ପିଲାମାନଙ୍କୁ ଥଣ୍ଡା ଏବଂ କାଶ ଲାଗି ରହିଥାଏ। ଏଭଳି ସମସ୍ୟା ଥିଲେ ପିଲାକୁ ଗୋଟିଏ ଛୋଟ ଚାମଚରେ ଜାଇଫଳକୁ ଗୁଣ୍ଡ କରି ଖାଇବାକୁ ଦେଇପାରିବେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଏହି ସବୁ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ଜାଇଫଳ ଗରମ ହୋଇଥାଏ ଯାହା ପିଲାଙ୍କ ଥଣ୍ଡା ଏବଂ କାଶ ଦୂର କରିଥାଏ। ଏଥି ସହିତ ଜାଇଫଳ ଗୁଣ୍ଡକୁ ଘିଅ ସହିତ ମିଶାଇ ପିଲାଙ୍କ ଛାତିରେ ଲଗାଇଲେ ଅନେକ ରୋଗରୁ ଉପଶମ ମିଳିବ।

**ବଦହଜମିରୁ ମିଳିବ ଆରାମଃ** ପିଲାମାନେ ପ୍ରାୟତଃ ବଦହଜମିର ଶିକାର ହୁଅନ୍ତି। ଏଥିପାଇଁ ଆପଣ ଜାଇଫଳ ବ୍ୟବହାର କରିପାରିବେ। ତେବେ ଜାଇଫଳକୁ ଭାଙ୍ଗନ୍ତୁ ଏବଂ ଏହାକୁ ଘିଅ କିମ୍ବା ମହୁରେ ମିଶାଇ ଶିଶୁର ନାହିରେ ଲଗାନ୍ତୁ। ଯାହା ପେଟ ଯନ୍ତ୍ରଣା ଜନିତ ସମସ୍ୟାରୁ ମୁକ୍ତି ଦେବ। ଏହା କରିବା ଦ୍ୱାରା ପିଲାର ମେଟାବୋଲିଜିମ୍ ମଧ୍ୟ ଭଲ ରହିଥାଏ।

**ପାଟି ଘା'ରୁ ମୁକ୍ତିଃ** ଅନେକ ଥର ପିଲାମାନଙ୍କ ପାଟିରେ ଘା 'ହୋଇଯାଏ। ଯେଉଁଥିପାଇଁ ସେମାନଙ୍କୁ ଖାଇବା ପିଇବାରେ ଅସୁବିଧା ହୋଇଥାଏ। ପିଲାଙ୍କ ପାଟିରେ ଘା' ହୋଇଥିଲେ ତାଙ୍କୁ ଜାଇଫଳ ଗୁଣ୍ଡ ଖାଇବା ପାଇଁ ଦିଅନ୍ତୁ। ଜାଇଫଳ ଏବଂ ମିଶିରି ଖଣ୍ଡକୁ ମିଶ୍ରଣ କରି ପିଲାକୁ ଦିଅନ୍ତୁ। ଏହା ପେଟକୁ ଥଣ୍ଡା କରିବ ଏବଂପାଟିରେ ହୋଇଥିବା ଘା'କୁ ଭଲ କରିଦେବ।

**କାନ ଯନ୍ତ୍ରଣାରୁ ମୁକ୍ତିଃ** ଜାଇଫଳରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଥାଏ। ଯାହା କାନ ଯନ୍ତ୍ରଣାରୁ ଆରାମ ଦେଇଥାଏ। ଜାଇଫଳକୁ ଗ୍ରାଇଣ୍ଡ୍ କରି କାନ ପଛରେ ମଧ୍ୟ ଲଗାଇପାରିବେ। ସୋରିଷ ତେଲରେ ଜାଇଫଳ ମିଶାଇ ପିଲାଙ୍କ କାନରେ ଲଗାଇବା ଦ୍ୱାରା ଏହା ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବ।

**ଭୋକ ବଢିଯାଏଃ** ଏହା ମେଟାବୋଲିଜିମ୍ କୁ ଭଲ ରଖେ। ଜାଇଫଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି ଆଣିଥାଏ। ଯାହାଫଳରେ ପିଲାମାନଙ୍କର ଭୋକ ବଢାଇଦେଇଥାଏ।

# ଖାଲିପେଟରେ କଦଳୀ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହେ

ସୁସ୍ଥ ରହିବାକୁ କିଏ ବା ନଚାହେଁ। ସୁସ୍ଥ ରହିଲେ ମଣିଷ ସବୁ କାର୍ଯ୍ୟ କରିବାକୁ ସମର୍ଥ ହେଇଥାଏ। ହେଲେ ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଉଛି ଯାହା ଫଳରେ ଲୋକେ ଦିନ କୁ ଦିନ ରୋଗାଗ୍ରସ୍ଥ ହେଉଛନ୍ତି। ହେଲେ ଆଜି ଆପଣଙ୍କୁ ଏପରି ଗୋଟିଏ ଫଳ ବିଷୟରେ କହିବୁ ଯାହାକୁ ଆପଣମାନେ ଖାଇଲେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବେ। ତେବେ ଆସନ୍ତୁ ଜାଣିବା ସେହି ଫଳର ନାମ କ'ଣ ? ଏହି ଫଳର ନାମ ହେଉଛି 'କଦଳୀ'। ଏହି ଫଳଟିରେ କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ବି-୬, ଆଇରନ୍, ଫସଫରସ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ, ସୋଡିୟମ ଏବଂ ପୋଟାସିୟମ ଭଳି ଉପାଦାନ ପ୍ରଚୁର ପରିମାଣରେ ରହିଛି। ଏହି ଫଳକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଏଥି ସହ ଆସନ୍ତୁ ଜାଣିବା ଏହି ଫଳକୁ ଖାଇବାର ଲାଭ।

**ପେଟ ସମ୍ବନ୍ଧୀୟ ସମସ୍ୟା ଦୂର ହେବଃ** କଦଳୀରେ ଥିବା ଉପାଦାନଗୁଡିକ ଆପଣଙ୍କ ଅନ୍ତନଳୀର ସ୍ୱାସ୍ଥ୍ୟକୁ ବହୁତ ପରିମାଣରେ ଉନ୍ନତ କରିପାରେ। ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ଫଳକୁ ଡାଏଟ ପ୍ଲାନରେ ମଧ୍ୟ ସାମିଲ୍ କରିପାରିବେ। ଏଥି ସହ କୋଷ୍ଟକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇଁ ମଧ୍ୟ କଦଳୀ ଖାଇପାରିବେ।

**ଏନର୍ଜି ଲେଭଲ ବଢ଼ାନ୍ତୁଃ** ଆପଣ ଦିନସାରା କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି କି? ତେବେ ଆପଣ ପ୍ରତିଦିନ ଖାଲି ପେଟରେ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀ ଖାଇ ଆପଣଙ୍କ ଦିନ ଆରମ୍ଭ କଲେ ଆପଣ ସାରା ଦିନ ଏନର୍ଜିଟିକ୍ ଅନୁଭବ କରିପାରିବେ। ଏହା ବ୍ୟତୀତ ଯଦି ଆପଣ ଆପଣଙ୍କର ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଗୋଟିଏ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀରେ ମିଳୁଥିବା ଉପାଦାନଗୁଡିକ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ।

**ହାର୍ଟ ହେଲ୍ଥ ପାଇଁ ମଧ୍ୟ ପ୍ରଭାବଶାଳୀଃ** କଦଳୀକୁ ହାର୍ଟ ହେଲ୍ଥ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। କଦଳୀକୁ ସଠିକ୍ ପରିମାଣରେ ଖାଇବା ଦ୍ୱାରା ହୃଦ୍ ରୋଗର ଆଶଙ୍କା ହ୍ରାସ ପାଇପାରେ। ଏହା ବ୍ୟତୀତା, ଯଦି ଆପଣ ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ କଦଳୀ ମଧ୍ୟ ସେବନ କରିପାରିବେ।

**ତ୍ୱଚାରେ ଚମକ ଆଣିଥାଏଃ** କଦଳୀ ଖାଲି ଶରୀରକୁ ସୁସ୍ଥ ରଖେନାହିଁ ବରଂ ତ୍ୱଚାରେ ମଧ୍ୟ ଚମକ ଆଣିଥାଏ। ଯଦି ଆପଣ ସବୁଦିନ ସକାଳୁ ଗୋଟିଏ କଦଳୀ ଖାଇବା ଅଭ୍ୟାସ୍ କରନ୍ତି, ତେବେ ଆପଣଙ୍କ ତ୍ୱଚା ଗ୍ଲୋ କରିବାକୁ ଆରମ୍ଭ ହେବ। ଏଥି ସହ ଅନେକ ଲୋକ ନିଜ ଡାଏଟ୍ ପ୍ଲାନରେ କଦଳୀକୁ ମଧ୍ୟ ସାମିଲ୍ କରିଥାନ୍ତି। ତେବେ ଆପଣ ସବୁଦିନ କଦଳୀ ଖାଆନ୍ତୁ ଦେଖିବେ ଆପଣ ସମ୍ପୂର୍ଣ୍ଣ ଫିଟ୍ ରହବେ ଏବଂ ଆପଣଙ୍କୁ ରିଲାକ୍ସ ମଧ୍ୟ ଲାଗିବ।



# ଶ୍ୱାସ ରୋଗରେ ଆକ୍ରାନ୍ତ କି ?



ଶ୍ୱାସ ହେଉଛି ନିଶ୍ୱାସ ସମ୍ବନ୍ଧିୟ ଏକ ଜଟିଳ ସମସ୍ୟା। ତେବେ ଦିନକୁ ଦିନ ବଢୁଥିବା ପ୍ରଦୂଷଣ ହେତୁ ଦେଶରେ ଶ୍ୱାସ ରୋଗୀଙ୍କ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି କିଛି ବ୍ୟକ୍ତି ଶ୍ୱାସ ପାଇଁ ଦୈନିକ ଔଷଧ ମଧ୍ୟ ଗ୍ରହଣ କରୁଛନ୍ତି। ଆସନ୍ତୁ ଜାଣିବା ଏହି ରୋଗର ଲକ୍ଷଣ ଏବଂ ଏହାର ସମ୍ବନ୍ଧୀୟ କିଛି ଘରୋଇ ଉପଚାର।

**ଶ୍ୱାସର ଲକ୍ଷଣଃ** ଅଧିକ ଦିନ ପର୍ଯ୍ୟନ୍ତ ଶୁଖିଲା କାଶ କିମ୍ବା କଫ ସହ କାଶ ହେବା। ନିଶ୍ୱାସ ନେବାରେ ଅସୁବିଧା ହେବା ସହ ନିଶ୍ୱାସ ନେବା ସମୟରେ ଶବ୍ଦ ହେବା। ଥଣ୍ଡା ସ୍ଥାନରେ ନିଶ୍ୱାସ ନେବାରେ ଅସୁବିଧା। ଟିକେ ଚଲାବୁଲା କରିବା ଦ୍ୱାରା ଧଇଁସଇଁ ଲାଗିବା। ବ୍ୟାୟାମ କିମ୍ବା କସରତ ଦ୍ୱାରା ସ୍ୱାସ୍ଥ୍ୟ ଅଧିକ ଖରାପ ହେବା।

**ଶ୍ୱାସ ଦୂର କରିବା ଲାଗି ଘରୋଇ ଉପଚାରଃ** ସାଧାରଣତଃ ରୋଷେୟା କାର୍ଯ୍ୟରେ ଅଦାକୁ ବ୍ୟବହାର କରାଯାଇଥାଏ। ଏହି ଅଦା ଦ୍ୱାରା ମଧ୍ୟ ଶ୍ୱାସ ସମସ୍ୟାରୁ ରକ୍ଷା ମିଳିପାରିବ। ଅଦାର ଚା' ପ୍ରସ୍ତୁତ କରିବା ସହ ଏଥିରେ ଦୁଇ କୋଳା ରସୁଣକୁ କାଟି ମିଶାଇ ସକାଳେ ଏବଂ ସନ୍ଧ୍ୟା ସମୟରେ ସେବନ କରନ୍ତୁ। ଏହା ଦ୍ୱାରା ଶ୍ୱାସ ସମସ୍ୟା କିଛି ମାତ୍ରାରେ ଉପଶମ ହେବ। ଶ୍ୱାସରୁ ରକ୍ଷା ପାଇବା ପାଇଁ ୫ କୋଳା ରସୁଣକୁ ୩୦ ମିଲି କ୍ଷୀରରେ ଅଳ୍ପ ଫୁଟାନ୍ତୁ। ଏହାକୁ ଦୈନିକ ଥରେ ସେବନ କରନ୍ତୁ। ଶ୍ୱାସ ପାଇଁ ଘରେ ପ୍ରସ୍ତୁତ କାଢ଼ା ମଧ୍ୟ ବହୁ ଉପକାରୀ। ଏହାକୁ ପ୍ରସ୍ତୁତ କରିବା ପାଇଁ ୧୨୫ ମିଲି ପାଣିରେ ୪-୫ଟି ଲବଙ୍ଗ ପକାଇ ୫ ମିନିଟ ଫୁଟାନ୍ତୁ। ଏହାକୁ ଛାଣି ମହୁ ମିଶ୍ରଣ କରି ଦୈନିକ ୩-୪ ଥରସେବନ କରନ୍ତୁ। ଦେଖିବେ ଶ୍ୱାସରୁ ବହୁ ମାତ୍ରାରେ ରକ୍ଷା ମିଳିବ।

# ଜିଲ୍ଲାସ୍ତରୀୟ ସାହିତ୍ୟର ସ୍ୱର




**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ):** 'ଅପରାହ୍ନ' ଦୈନିକ ଖବର କାଗଜର ଆହ୍ୱାନରେ କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସାହିତ୍ୟର ସ୍ୱର କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ପ୍ରକୃତିବନ୍ଧୁ ନୃସିଂହ ଚରଣ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ସଭାପତି କରୁଣାକର ଦାସ, ସମ୍ମାନିତ ଅତିଥି ଭାବେ ସତୀର୍ଥ ସଭାପତି କବି ଅମର ପ୍ରସାଦ ରାଉତ, ଆମ ଗାଁ ସାହିତ୍ୟ ପରିଷଦ ସଭାପତି ସଞ୍ଜୟ ମଲ୍ଲିକ, ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ, ସଚେତନ ସାହିତ୍ୟ ସଂସଦ ସଂପାଦକ ଡ. ଅଭୟ କୁମାର ରଉାତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ସମ୍ପାଦକ ଶୁଭାଂଶୁ କୁମାର ଦାସ ଓ କବି ଶୈଳଜାଶଙ୍କର ସାମଲଙ୍କ ମିଳିତ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମଙ୍କୁ ପରିଚାଳନା କରିଥିଲେ କବି ମନୋରଞ୍ଜନ ତ୍ରିପାଠୀ, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି,ଗୋବିନ୍ଦ ବେହେରା ଓ ଶ୍ରୀଧର କୁମାର ଭୋଳ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୈନିକ ଖବର କାଗଜ ଅପରାହ୍ନ ସଂପାଦକ ବଂଶୀଧର ଜେନା, ମୁଖ୍ୟବକ୍ତା କବି ହେମନ୍ତ କୁମାର ରାଉତ, ବିଶିଷ୍ଟ ଅତିଥି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଲକ୍ଷ୍ମୀପ୍ରିୟା ଦାସ, ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଉପସଭାପତି ପ୍ରଦୀପ କୁମାର ଦାସ ଓ ରାମକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ କବି ପ୍ରେମଲତା ଗିରି, ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ସ୍ୱର୍ଣ୍ଣଲତା ସାହୁ, ଡା. ନିରାକାର ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ଦାସ, ବଂଶୀଧର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ପ୍ରବନ୍ଧ ପୁସ୍ତକ ଓଡିଆ ପଦ୍ୟାବଳୀ ସାହିତ୍ୟ ଓ ସଂଗୀତଜ୍ଞ ବନମାଳୀ ଓ କବି ଗୋବିନ୍ଦ ବେହେରାଙ୍କ ସଂପୂର୍ଣ୍ଣ କବିତା ପୁସ୍ତକ ବନପ୍ରଭା ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ଏଥିରେ ସହଯୋଗ କରିଥିଲେ ଅଶୋକ କୁମାର ପରିଡା, ରଜନୀକାନ୍ତ ଦାସ, ପବିତ୍ର ନାରାୟଣ ମହାନ୍ତି, ପ୍ରଜ୍ଞା ପରମିତା ରାଉତ, ଅର୍ପି ସେଠୀ ପ୍ରମୁଖ । ମନୋରଞ୍ଜନ ତ୍ରିପାଠୀ ଉଭୟ ଅଧିବେଶନରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ସହ ସଂଯୋଜକ ଗୋବିନ୍ଦ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ କବିତା ପାଠୋତ୍ସବରେ ୮୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । ସେମାନଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବ

## କଳା ସଂସ୍କୃତି ଅଞ୍ଚଳର ପରିଚୟ ସୃଷ୍ଟି କରିଥାଏ



**ପଟ୍ଟାମୁଣ୍ଡାଇ, ୨୫।୧ (ସଂଚାର ବ୍ୟୁରୋ):** ଗୌରବ ମୟ କଳା, ସଂସ୍କୃତି ଅଂଚଳର ପରିଚୟ ସୃଷ୍ଟି କରିଥାଏ ବୋଲି ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ମନୋଜ୍ଞ ଉତ୍ସବରେ ଆଳି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ସେନାପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡିଶାର ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ଼ ଲକ୍ଷ୍ମୀପ୍ରିୟା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତଭାଷଣ ଓ ଅଧ୍ୟାପିକା ନିବେଦିତା ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ସରୋଜକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମଙ୍କୁ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ କ୍ୟାପଟେନ ମନୋଜ ପରିଡା, ଅମୀୟ ଦାସ, ଅଧ୍ୟାପକ ମନୋଜ କୁମାର ଦାସ ଓ ପ୍ରଦ୍ୟୁମ୍ନ ପ୍ରଧାନ ପରିଚାଳନା କରିଥିଲେ । ପ୍ରୀତିପ୍ରଜ୍ଞା ଦାସ ଓ ସନ୍ଦୀପ ସାହୁ ମେଲୋଡି ପରିବେଷଣ କରିଥିଲେ ।

### ଯାଜପୁରରେ ଭବ୍ୟ ମାତୃ ସମ୍ମିଳନୀ ଉତ୍ସବ

## ମାଆଙ୍କ ହାତରେ ଭବିଷ୍ୟତ, ମାଆଙ୍କ ଚିନ୍ତାରେ ସମାଜ



**ଯାଜପୁର, ୨୫।୧ (ସଂଚାର ବ୍ୟୁରୋ):** ଯାଜପୁର ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୁଲ୍ୟରେ ଗତକାଲି ପବିତ୍ର "ମାତୃ ସମ୍ମିଳନୀ ଉତ୍ସବ" ବହୁ ଆଡମ୍ବର ଓ ଆତ୍ମୀୟତାର ସହିତ ସଫଳତାରେ ଅନୁଷ୍ଠିତ ହୋଇଯାଇଛି।ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦର ଯୁଗ୍ମ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ପାରମିତା ମହଲାଜୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ଆଜିର ସମାଜରେ ମାଆମାନଙ୍କର ଭୂମିକା, ଦାୟିତ୍ୱ ଓ ସଂସ୍କାର ଗଢ଼ିବାରେ ତାଙ୍କର ଅବଦାନ ବିଷୟରେ ଗଭୀର ମାର୍ଗଦର୍ଶନ ପ୍ରଦାନ କରିଥିଲେ। ମାଆଙ୍କ ହାତରେ ଭବିଷ୍ୟତ ପିଢ଼ିର ମୂଲ୍ୟବୋଧ ଗଢ଼ିଉଠେ ବୋଲି ସେ ଉଲ୍ଲେଖ କରିଥିଲେ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ କୃତିବାସ ରାଉତ ଅତିଥିମାନଙ୍କ ପରିଚୟ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସଭାର ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଯୁଗ୍ମ ସମ୍ପାଦିକା ମାନନୀୟା ଶ୍ରୀମତୀ ମନୋଜା ମଞ୍ଜରୀ ରାୟ। ସମଗ୍ର କାର୍ଯ୍ୟକ୍ରମର ସୁସଂଚାଳନା କରିଥିଲେ ବରିଷ୍ଠା ଆଚାର୍ଯ୍ୟା ଶ୍ରୀମତୀ ସରୋଜିନୀ ମିଶ୍ର। କାର୍ଯ୍ୟକ୍ରମ ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଗଦାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ସମ୍ମିଳନୀରେ ପ୍ରାୟ ତିନିଶହରୁ ଅଧିକ ମାଆ ଓ ମାତୃଭାରତୀର ମାତୃ ମଣ୍ଡଳୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଓ ସଫଳ କରିଥିଲେ।ଆଚାର୍ଯ୍ୟ ଶୁଭେନ୍ଦୁ ପତି, ସୂର୍ଯ୍ୟମଣି ପଣ୍ଡା, ପୂର୍ଣ୍ଣାନନ୍ଦ ବାଇ, ଆଚାର୍ଯ୍ୟା ମମତା ସାମଲ, ଅନସୁୟା ପଣ୍ଡା, ସୂର୍ଯ୍ୟକାନ୍ତୀ ପଣ୍ଡା ସହ ସମସ୍ତ ଆଚାର୍ଯ୍ୟ–ଆଚାର୍ଯ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସମାପ୍ତ ହୋଇଥିଲା।ଏହାସହ ପରିଚାଳନା ସମିତିର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ଶତ୍ରୁଞ୍ଜୟ ଜଗଦେବ ଗଡ଼ନାୟକ, କୋଷାଧକ୍ଷ ଶ୍ରୀଯୁକ୍ତ ଅକ୍ଷୟ କୁମାର ଦାସ, ସଦସ୍ୟ ଶ୍ରୀଯୁକ୍ତ ରାଧାବଲ୍ଲଭ ପଣ୍ଡା ଓ ସଦସ୍ୟା ଶ୍ରୀମତୀ ନିବେଦିତା ବେହେରାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା।

## ବିଶିପଡ଼ାରେ ବିଜେପିର ସାଙ୍ଗଠନିକ ବୈଠକ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ




**ଫୁଲବାଣୀ, ୨୫।୧ (ସଂଚାର ବ୍ୟୁରୋ):** ଆଗକୁ ଆସୁଛି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ। ଏ ନେଇ ବିଭିନ୍ନ ରାଜନୈତିକ ଦଳ ମାନଙ୍କ ଭିତରେ ଆରମ୍ଭ ହୋଇଛି ଅଙ୍କ କସା ସହ ଗାଁଗାଁ ରେ ଆୟୋଜନ ହେଉଛି ମିଶ୍ରଣ ପର୍ବ । ଅନୁରୂପ ଭାବରେ ଶାସକ ବିଜେପି ମଧ ତାର ରଣନିତି ଆରମ୍ଭ କରିଦେଇଛି । ତେବେ କନ୍ଧମାଳ ଜିଲ୍ଲା ଫୁଲବାଣି ନିର୍ବାଚନ ମଣ୍ଡଳୀ ର ଫୁଲବାଣୀ ଗ୍ରାମୀଣ ମଣ୍ଡଳ ତରଫରୁ ବିସିପଡା ଗାଁ ନିକଟରେ ଥିବା ଶାଳ ବଣରେ ଏକ ବିଶାଳ କର୍ମୀ ସମ୍ମିଳନୀ ସହ ବନ୍ଧୁ ମିଳନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି ।

ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ଦଳର ନୀତି ଆଦର୍ଶକୁ ଭଲପାଇ ଅଂଚଳର ଶତାଧିକ କଂଗ୍ରେସ ଓ ବିଜେଡି ନେତା ଙ୍କ ସହ ଅଗଧାଡିର କର୍ମୀ ବିଜେପିରେ ଅନୁଷ୍ଠାନିକ ଭାବରେ ସାମିଲ ହୋଇଥିଲେ । ତେବେ ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସମ୍ପାଦକ ତଥା କନ୍ଧମାଳ ଜିଲ୍ଲାର ବରିଷ୍ଠ ବିଜେପି ନେତା ଭଗବାନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧରେ ଜିଲ୍ଲାର ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝି, ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା ଉପ ସଭାପତି ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ଲଳିତ ଦିଗାଲ, କେନ୍ଦ୍ର କାର୍ଯ୍ୟକର୍ତ୍ତା ତଥା ବରିଷ୍ଠ ନେତା ସଂଜିତ ମଣ୍ଡଳ ଜିଲ୍ଲା ସମ୍ପାଦକ ତଥା ଯୁବନେତା ମୁକ୍ତିକାନ୍ତ ମହାନ୍ତି, ମିଣିଆ ପଂଚାୟତର ସରପଞ୍ଚ ଗୌତମ ମଲିକ ବିସିପଡା ଅଂଚଳର ଟାଣୁଆ ଯୁବନେତା ସଞ୍ଜୟ ଦିଗାଲ, ପ୍ରଭାତ ଦିଗାଲ, ଚନ୍ଦ୍ରକାନ୍ତ ଦିଗାଲ, ରୀଙ୍କୁ ଦିଗାଲ ଓ ଭାଗୀରାମ ଦିଗାଲ, ଝାମଝିରି ପଂଚାୟତର ବରିଷ୍ଠ ବିଜେଡି ନେତା ପ୍ରେମାନନ୍ଦ ବେହେରା, ପୂର୍ବତନ ସରପଂଚ ବିଜୟ କହଁର,ଗୁମାଗଡ ପଂଚାୟତର ରାଜେଶ ଦିଗାଲ, ସାଗର ଦିଗାଲ, ଅରୁଣ କହଁରଙ୍କ ସହ ବିଜେପିର ବହୁ ଆଗଧାଡିର ନେତା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଅବସରରେ ଅତିଥି ମାନେ ନୂତନ ଯୋଜନା ବିଭିଜି ରାମଜି ତଥା ବିକଶିତ ଭରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିସନ ଗ୍ରାମୀଣ ଉପରେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଥିଲେ ।

### ଇପିଏଫ୍ ପେନସନ୍ ଆସୋସିଏସନ୍‌ର ଜିଲ୍ଲା ସମ୍ମିଳନୀ



**କେନ୍ଦ୍ରାପଡା, ୨୫।୧ (ସଂଚାର ବ୍ୟୁରୋ):** ଅଲ୍ ଓଡିଶା ଇପିଏଫ୍ ପେନସନ୍ ଆସୋସିଏସନ୍‌ର କେନ୍ଦ୍ରାପଡା ଜିଲ୍ଲା ଶାଖାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କା ସହିତ ମହଙ୍ଗା ଭତା ଦାବି ନେଇ ସଭାରେ ଉପସ୍ଥିତ ସଭ୍ୟମାନେ ଦାବି କରିଥିଲେ । ଜିଲ୍ଲା ସଭାପତି ବସନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ସାଧାରଣ ସମ୍ପାଦକ ପିତାମ୍ବର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉକ୍ତ ସଭାରେ ରାଜ୍ୟ ସଭାପତି ଶ୍ରୀ ବିଜୟ କୁମାର ଜେନା, ସଂଘର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଆଡଭାଇଜର୍ ନଟବର ଆଚାର୍ଯ୍ୟ, ବିକ୍ରମ ଛୋଟରାୟ ପ୍ରମୁଖ ଯୋଗ ଦେଇଥିଲେ। ଉଠା ଜଳସେଚନ କର୍ମଚାରୀ ରାଜ୍ୟ କୋ-ଅପରେଟିଭ୍ ସ୍ପିନିଙ୍ଗ୍ ମିଲ୍, ଆର୍.ସି.ଏମ୍.ଏସ୍, ଫରେଷ୍ଟ କର୍ପୋରେସନ୍, ଧାନମଣ୍ଡଳ ଝୋଟ ମିଲ୍, ବଳଦେବ ପାୱାର ଲୁମ୍ ପ୍ରଭୃତିରୁ ଦୁଇଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ ।

## ବରିଷ୍ଠ ଓକିଲ ଗୌରୀଶ୍ୟାମ ପଣ୍ଡାଙ୍କ ବିୟୋଗ

**ସୁବର୍ଣ୍ଣପୁର, ୨୫।୧ (ସଂଚାର ବ୍ୟୁରୋ):** ସୋନପୁରର ବରିଷ୍ଠ ଓକିଲ ତଥା "ରେଆର" ଅନୁଷ୍ଠାନର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡାଙ୍କ (୭୩) ବର୍ଷ ବୟସ ରେ ଆଜି ବିୟୋଗ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ତରଭା ମୂଳ ନିବାସୀ ତଥା ସୋନପୁର ଘୋଡାଘାଟପଡ଼ା ର ସ୍ଥାୟୀ ବାସିନ୍ଦା ଶ୍ରୀ ପଣ୍ଡା ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ପ୍ରଥମେ ୮ ତାରିଖ ରେ ସମ୍ବଲପୁର ସ୍ଥିତ ଏକ ଘରୋଇ ହସ୍ପିଟାଲ ପରେ ୧୦ ତାରିଖ ଦିନ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ୧୪ ଦିନ ହେଲା ଆଇସିୟୁ ରେ ଚିକିତ୍ସିତ ଅବସ୍ଥାରେ ଆଜି ପ୍ରାୟ ଦିନ ୩ଟା ବେଳେ ଦେହାନ୍ତ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

## ପରୀକ୍ଷାରେ ଭାଗ ନେଲେ ୩୦୦ ଛାତ୍ରଛାତ୍ରୀ




**ବାଲିଆପାଳ, ୨୫।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଛକ ନାକଟସ୍ଥ ଶୁଭମ୍ ଗେଷ୍ଟ ହାଉସ ପରିସରରେ ବିଷ୍ଟ ଭୁବନେଶ୍ୱର ଭାରତ ଇନ୍‌ଷ୍ଟିଚ୍ୟୁଟ ଓଫ ସାଇନ୍ସ ଟେକ୍ନୋଲୋଜି ହାଇୟାର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏଫାକ୍ସ ଟ୍ୱଏଣ୍ଟି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ବାଲିଆପାଳ ବ୍ଲକରୁ ୧୬ଟି ସ୍କୁଲର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେବାକୁ ଥିବା ଦଶମ ଶ୍ରେଣୀର ୩୦୦ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପରୀକ୍ଷାର୍ଥୀ ମାନଙ୍କୁ ନେଇ ବିଷ୍ଟ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଷ୍ଟର ପ୍ରତିଷ୍ଠାତା ଅଂଶୁମାନ ପଟ୍ଟନାୟକ କଲେଜର ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିବା ସହିତ ଶିକ୍ଷାର୍ଥୀଙ୍କୁ ପାଠ୍ୟକ୍ରମ ସହିତ ନିଟ, ଜେଇମ୍ୟାନ, ଓଏଇଟିର ଏକ୍ସଟ୍ରା ଟ୍ରେନିଂ, ଛାତ୍ରଛାତ୍ରୀଙ୍କୁ ଅଧାତ୍ମିକ ଶିକ୍ଷାଠୁ ଆରମ୍ଭ କରି ଶୈକ୍ଷିକ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଦିଗକୁ ଲକ୍ଷ୍ୟ ରଖାଯାଇ ଶିକ୍ଷା ଦାନ ଦିଆଯାଉଛି ବୋଲି କହିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ , ଶିକ୍ଷୟିତ୍ରୀ, ବୁଦ୍ଧିଜୀବି ଅଂଶ ଗ୍ରହଣ କରିଥିଲେ।

## ବାସୁଦେବଙ୍କ ପୀଠରେ ୪୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିଅନ୍ତା, ୨୫।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ସରକଣା ଜଟାଧାରୀ ଭଗବତ ବାସୁଦେବଙ୍କ ପୀଠରେ ୪୦ତମ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଆସନ୍ତା କାଲି ଯଜ୍ଞର ପୂର୍ଣ୍ଣାହୁତି ପର୍ବ ସନ୍ଧ୍ୟା ୭ଟା ସମୟରେ ସଂମ୍ପର୍ଣ୍ଣ ହେବ। ଗତ ୨୩ ତାରିଖ ଠାରୁ ପ୍ରତ୍ୟହ ସ୍ୱତନ୍ତ୍ର ପୂଜାନୀତି, ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ ଓ ପ୍ରସାଦ ସେବନ ଚାଲିଛି। ୨୩ ତାରିଖରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନିସଂସ୍ଥାପନ,ସୂର୍ଯ୍ୟାଚନା, ସର୍ବ ଦେବତା ପୂଜନ, ଧେନୁ ପୂଜନ, ଭଗବତ ଗୀତା ଆହୁତି ଏବଂ ଆସନ୍ତା କାଲି ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ଏହି ଅବସରରେ ହଜାର ହଜାର ଲୋକଙ୍କର ପୀଠରେ ସମାଗମ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି ।

## ଉତ୍କଳ ଯାଦବ ମହାସଭା କଣ୍ଟାବାଞ୍ଜି ଅଧିବେଶନରେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭାର ଯୋଗଦାନ




**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ):** ଆଜି ଉତ୍କଳ ଯାଦବ ମହାସଭା ରାଜ୍ୟ କାର୍ଯକାରିଣୀ ବୈଠକ ବଲାଙ୍ଗୀରି ଜିଲ୍ଲା କଣ୍ଟାବାଞ୍ଜିଠାରେ ମହାସମାହାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ତରଫରୁ ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧି ଦଳ ଯୋଗଦାନ କରିଥିଲେ । ରାଜ୍ୟ ଉପସଭାପତି ମନୋଜ କୁମାର ପରିଡା ରାଜ୍ୟ ଯୁବ ସମ୍ପାଦକ ଚିତ୍ତ ରଞ୍ଜନ ଦାସ, ନବ କିଶୋର ପରିଡା, ମନୋଜ କୁମାର ଦାସ,ଲୋକନାଥ ଦାସ, ରୀନାରାଣୀ ଦାସ, କହ୍ନେଇ ଚରଣ ପରିଡା, ଅସିତ କବି,ମଳୟ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ରାଜ୍ୟ ସଭାପତି ଓ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ତରଫରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପଛୁଆବର୍ଗ ଜାତି ଜନଗଣନା ଓ ରେଜାଙ୍ଗଲା କଳସ ଯାତ୍ରା ସହ ଅହୀର ରେଜିମେଣ୍ଟ ଦାବି ସହ ଜିଲ୍ଲା ପୁନଃଗଠନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ବିଦ୍ୟୁତ ଖୁଣ୍ଟିକୁ ଧକ୍କାଦେଲା କାର



**ନୀଳଗିରି, ୨୫।୧ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ମିତ୍ରପୁର-କାଠପାଳ-ନୂଆପାଢ଼ୀ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଚାଲିଥିବା ବେଳେ ବିଦ୍ୟୁତ ଖୁଣ୍ଟି ନଉଠାଇ ରାସ୍ତା ନିର୍ମାଣ କରାଯାଉଛି।ଫଳରେ ବଢୁଛି ଦୁର୍ଘଟଣା। ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ପୁରୁଣାଗାଁ ର କାର ଚାଳକ ସ୍ୱରୂପାନନ୍ଦ ଜେନା ଭଣଜାଙ୍କୁ ନେଇ ଆଜି ସକାଳ ୭ଘଟିକା ସମୟରେ ୨୫ବିଏଚ ୩୧୯୦ଏଲ, ନମ୍ବର ବିଶିଷ୍ଟ ଟାଟା ହେରିଅର କାର ଯୋଗେ ବାଲେଶ୍ୱର ଅଭିମୁଖେ ଯାଇଥିବା ବେଳେ ସିନ୍ଦୁରଗୌରା ଠାକୁରାଣୀ ଛକ ନିକଟରେ ଜୈନିକ ବାଇକ ଆରୋହୀ କାର ଆଗକୁ ଆସିବାରୁ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟି କୁ କାର ଟି ଧକ୍କା ଦେଇଥିଲା। ବିଦ୍ୟୁତ ଖୁଣ୍ଟି ସହିତ ଧକ୍କା ହେବାରୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏଭଳି ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ଦୁର୍ଘଟଣା ଗ୍ରସ୍ତ କାରରୁ ମାମୁଁ ଭଣଜା ଙ୍କୁ ଉଦ୍ଧାର କରାଯାଇଥିଲା। ତେବେ କାର ଭିତରେ ବେଲୁନ ପାଇଁ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ ଉଭୟ ମାମୁଁ ଭଣଜା। ଏଥିରେ ତାଙ୍କ କାର ଆଗ ଇଞ୍ଜିନ ଭାଙ୍ଗି ନଷ୍ଟ ହୋଇଯାଇଥିଲା ବେଳେ ବିଦ୍ୟୁତ ଖୁଣ୍ଟି ଟି ଧରାଶାୟୀ ହୋଇପଡ଼ିଥିଲା। ପରେ ଉତ୍ୟକ୍ତ ଜନତା ରାସ୍ତା ଅବରୋଧ କରି ହା ହୋଲ୍ଲା କରିଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ଏଏସଆଇ ଶ୍ରୀନିବାସ ରାଉତ, ଜିତେନ୍ ରାଉତ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିବେଶ ଶାନ୍ତ ପଡିଥିଲା। ତେବେ ମିତ୍ରପୁର -କାଠପାଳ-ନୂଆପାଢ଼ୀ ରାସ୍ତା ନୀଳଗିରି ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଜୈନିକ ଠିକାଦାର ନିର୍ମାଣ କରୁଥିବା ବେଳେ ରାସ୍ତା ମଝିରେ ୮, ୧୦ଟି ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ କରାନଯାଇ ରାସ୍ତା ନିର୍ମାଣ ହେଉଥିବାରୁ ରାସ୍ତା ବିପଦ ସଙ୍କୁଳ ହୋଇ ପଡିଥିବା ବେଳେ ଦୈନନ୍ଦିନ ଯାତାୟାତ କରୁଥିବା ହଜାର ହଜାର ପଥଚାରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏଥିରେ ପୂର୍ତ୍ତ ବିଭାଗର ନିଘା ଅଛି ନା ଜୈନିକ ଠିକାଦାରର। ତେବେ ଉକ୍ତ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟି ରହି ବିପଦ ସଂକୁଳ ହୋଇ ପଡିଥିବାରୁ ତୁରନ୍ତ ରାସ୍ତା ଉପରୁ ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ ପାଇଁ ଜିଲ୍ଲାପାଳ ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ

**ବାରିପଦା, ୨୫।୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ୧୬ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସକାଳ ୯ ଘଟିକା ସମୟରେ କଲେକ୍ଟୋରେଟ ପରିସରରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଦୁଖିବନ୍ଧୁ ନାୟକ, ଇଶ୍ୱର ଚନ୍ଦ୍ର ନାୟକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ପ୍ରମୁଖ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହି ରାଲିକୁ ଶୁଭାରମ୍ଭ କରିଥିଲେ । ଏଥିରେ ବହୁ ସଂଖ୍ୟକ ଏନ.ଏସ.ଏସ., ରେଡ କ୍ରସ, ସିଭିଲିଆନ ଦଳର ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଏହି ରାଲିରେ ଯୋଗ ଦେଇଥିଲେ। ଉକ୍ତ ରାଲିରେ ଭୋଟର ସଚେତନତା ବାର୍ତ୍ତା ତଥା ସ୍ଲୋଗାନ ଦେଇ ସହର ପରିକ୍ରମା କରି ପରବର୍ତ୍ତୀ ସମୟରେ କଲେକ୍ଟୋରେଟ ଠାରେ ଥିବା ସମ୍ମିଳନୀ କକ୍ଷ ଠାରେ ଏକତ୍ରିତ ହୋଇଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଖିବନ୍ଧୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ଜାତୀୟ ମତଦାତା ଦିବସ ପାଳନର ଆଭିମୁଖ୍ୟ ଓ ଭୋଟଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ଏବଂ ଏକ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସ୍ପର୍ଦ୍ଧା ଦ୍ୱାରା ନିଜର ଭୋଟଦାନ ସମ୍ପର୍କିତ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ସହ ମତଦାନ କରିବାକୁ ଶପଥ ନେଇଥିଲେ । ସେ ଆହୁରି ମଧ କହିଛନ୍ତି ଯେ, ଗଣତନ୍ତ୍ରର ମୁଖ୍ୟ ଉପାଦାନ ଭାବେ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ ସହ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ଆଜିର ଏହି ଦିବସ ପାଳନ କରାଯାଉଛି । ନାଗରିକଙ୍କୁ ମିଳିଥିବା ମତଦାନର ଅଧିକାର ବ୍ୟବହାର ସହ ଭୋଟ ହାର ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ତତ ସହିତ ନୂତନ ଯୁବ ଭୋଟରଙ୍କୁ ଭୋଟଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ।

## ଜାତୀୟ ମତଦାତା ଦିବସ ପାଳନ ସହ ସଚେତନତା ପଦଯାତ୍ରା



**ସୁବର୍ଣ୍ଣପୁର, ୨୫।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ ସହିତ ଭୋଟରଙ୍କ ପାଇଁ ସଚେତନତା ପଦଯାତ୍ରା ଉପ ଜିଲ୍ଲାପାଳ, ସୋନପୁର ଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ତହସିଲ ଅଫିସ ଛକ, ନଳିନୀ ଛକ ଦେଇ ସୋନପୁର ନୂତନ ଟାଉନ ହଲ ଠାରେ ପହଞ୍ଚିଥିଲା। ଏହି ସଚେତନତା ପଦଯାତ୍ରାରେ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସୋନପୁର ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ, ମାଇ ଭାରତର ଯୁବକ ଯୁବତୀ, ସରକାରୀ କର୍ମଚାରୀ ଓ ଅଧିକାରୀ ମାନେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକାରର ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ରାଜେନ୍ଦ୍ର ମାଝି ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ, ସୋନପୁର, ଡ଼ ସୌମ୍ୟାରୂପା ରଥ, ଡେପୁଟି କଲେକ୍ଟର, ନିର୍ବାଚନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଶ୍ୱିନି ପୃଥାଲ, ସହକାରୀ ଜିଲ୍ଲାପାଳ, ଅଜିତ କୁମାର ତ୍ରିପାଠୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର ଏହି ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ।

ଏହି ସଭାରେ ଜାତୀୟ ମତଦାତା ଦିବସ ଉପରେ ଉପସ୍ଥିତ ଅତିଥି ମାନେ ଉପସ୍ଥିତ କର୍ମଚାରୀ, ଜନସାଧାରଣ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ ଓ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉପସ୍ଥିତ ସମସ୍ତଙ୍କୁ ମତଦାତାଙ୍କୁ ଶପଥ କରାଇଥିଲେ। ଏହି ଅବସରରେ ନୂତନ ଭୋଟର ମାନଙ୍କୁ ନୂତନ ଭୋଟର କାର୍ଡ ବିତରଣ କରାଯାଇଥିଲା। ଶ୍ରେଷ୍ଠ ବି.ଏଲ.ଓ ଓ ବି.ଏଲ.ଓ ସୁପରଭାଇଜର ମାନଙ୍କୁ, ଉଭୟ ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା।

### ବାମନଘାଟୀ ଟ୍ରକ ମାଲିକ ସଂଘର ନିର୍ବାଚନ

## ବରୁଣ ସଭାପତି, ମନୋରଞ୍ଜନ ସାଧାରଣ ସଂପାଦକ




**ବାରିପଦା, ୨୫।୧ (ସଂଚାର ବ୍ୟୁରୋ):** ବାମନଘାଟୀ ଟ୍ରକ ମାଲିକ ସଂଘର ନିର୍ବାଚନ ଆଜି ରବିବାର ଦିନ ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ଭାବେ ଆଡଭୋକେଟ ରାମେଶ୍ୱର ଅଧିକାରୀ ନିର୍ବାଚନ ଦାୟିତ୍ୱ ନିଷ୍ଠାର ସହ ତୁଲାଇଥିଲେ। ବାମନଘାଟୀ ଟ୍ରକ ମାଲିକ ସଂଘରରେ ୭୨ ଜଣ ଟ୍ରକ ମାଲିକ ନାମ ପଂଜିକୃତ କରିଥିବାବେଳେ ୬୨ ଜଣ ଟ୍ରକ ମାଲିକ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ। ସଂଘର ମୁଖ୍ୟ ୫ଟି ପଦର ନିର୍ବାଚନ ଅନୁଷ୍ଠିତ ହୋଇଅଛି ।ସଭାପତି ଭାବେ ବରୁଣ କୁମାର ବେହେରା, ସାଧାରଣ ସଂପାଦକ ମନୋରଞ୍ଜନ ପଟନାୟକ, ଉପସଭାପତି ରାକେଶ ଶର୍ମା, ସହ ସଂପାଦକ ବିକାଶ ରାମ, କୋଷାଧକ୍ଷ ସଂଜୀବ ରାମ ମନୋନୀତ ହୋଇଛନ୍ତି ।ସାଧାରଣ ସଂପାଦକ ମନୋରଞ୍ଜନ ପଟନାୟକ ଦିତୀୟ ଥର ପାଇଁ ସାଧାରଣ ସଂପାଦକ ହୋଇଥିବାବେଳେ କୋଷାଧକ୍ଷ ଭାବେ ସଂଜୀବ ରାମ ଦିର୍ଘ ୧୫ ବର୍ଷ ହେଲା ପଦବୀ ବଜାୟ ରଖିଛନ୍ତି । ଦିର୍ଘ ୫ ବର୍ଷ ପରେ ବାମନଘାଟୀ ଟ୍ରକ ମାଲିକ ସଂଘ ନିର୍ବାଚନ ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିଲା।

ନିର୍ବାଚନ ଅଧିକାରୀ ରାମେଶ୍ୱର ଅଧିକାରୀ ଏବଂ ନିର୍ବାଚିତ କର୍ମକର୍ତ୍ତା କହିଛନ୍ତି ଗୋରୁମହିଷାଣୀ ଏବଂ ବାଦାମ ପାହାଡ଼ରେ ଲୌହଖଣି ମାଲିକ ନିଜର ସମ୍ପର୍କୀୟ ମାନଙ୍କ ଟ୍ରକ ଏବଂ ଟ୍ରେନରେ ଲୌହ ପଥର ପରିବହନ କରୁଛନ୍ତି । ସ୍ଥାନୀୟ ଟ୍ରକ ମାଲିକମାନଙ୍କୁ ପରିବହନର ସୁଯୋଗ ନ ଦେଇ ଟ୍ରକମାରଣ ନୀତି ଅବଲମ୍ବନ କରୁଛନ୍ତି । ତେଣୁ ସେମାନଙ୍କ ମୁଖ୍ୟ ଦାୟିତ୍ୱ ସ୍ଥାନୀୟ ଟ୍ରକ ମାଲିକମାନଙ୍କ ଟ୍ରକ ଦ୍ୱାରା ଅଧା କଞ୍ଚାମାଲ ପରିବହନ ପାଇଁ ସୁଯୋଗ ଦିଆଯାଉ। ନଚେତ୍ ଆଗାମି ଦିନରେ ବାମନଘାଟୀ ଟ୍ରକ ମାଲିକ ସଂଘ ଆନ୍ଦୋଳନ କରି ନିଜର ହକ ଜାହିର କରିବାକୁ ବାଧ ହେବ । ଖଣି ମାଲିକର ମାନି ଚଳିବ ନାହିଁ । ସରକାରଙ୍କ ନିୟମ ଅଛି ସ୍ଥାନୀୟ ପରିବହନ ମାଲିକଙ୍କୁ ପରିବହନ କ୍ଷେତ୍ରରେ ସୁଯୋଗ ଦିଆଯିବ । ଟ୍ରକ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ କହିଛନ୍ତି ମିଳିମିଶି କାମ କରିବା ଏବଂ ଟ୍ରକ ମାଲିକ ସଂଘର ହକ ପାଇଁ ଲଢେଇ କରିବା। ତଦସହ ପ୍ରଶାସନ ପକ୍ଷରୁ ସେମାନଙ୍କ କାର୍ଯ୍ୟାଳୟ ଏବଂ ପରିବହନ ଗାଡିଗୁଡିକ ରହିବା ପାଇଁ ଆବଶ୍ୟକୀୟ ସ୍ଥାନ ଯୋଗାଇ ଦେବା ପାଇଁ ଦାବୀ କରିଛନ୍ତି ।

## ସୁନ୍ଦରଗଡ଼ଠାରେ ଜାତୀୟ ଭୋଟର ଦିବସ ପାଳିତ




**ସୁନ୍ଦରଗଡ଼, ୨୫।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ବିକାଶ ଭବନ ଠାରେ ରବିବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ,ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ସବଡେଗା ଗୋଷ୍ଠି ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ, ଲାଠିକଟା ତହସିଲଦାର ମୂରଲୀଧର ଉରମାଲ, ରାଉରକେଲା ମହାନଗର ନିଗମର ଉପ ଆୟୁକ୍ତ ତରୁଣକାନ୍ତ ଉପସ୍ଥିତ ଥିଲେ।

ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଭୋଟର ସଚେତନତା ନିମନ୍ତେ ଏକ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମତଦାନ ପ୍ରକ୍ରିୟା ହେଉଛି ଏକ ସୁସ୍ଥ ଗଣତନ୍ତ୍ର ପରିଚୟ ଏବଂ ଏହା ଦ୍ୱାରା ଗଣତନ୍ତ୍ର ମଧ ସୁଦୃଢ଼ ହୋଇଥାଏ ବୋଲି ଅତିଥି ମାନେ ନିଜର ମତବ୍ୟକ୍ତ କରିବା ସହିତ ଭୋଟର ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଭୋଟର ଲିଷ୍ଟରେ ନୂତନ ଭୋଟର ମାନଙ୍କ ସଂଯୋଗିକରଣ ତଥା ସ୍ୱଚ୍ଛ, ନିରପେକ୍ଷ ଏବଂ ତ୍ରୁଟି ବିହୀନ ଭୋଟର ତାଲିକା ପ୍ରସ୍ତୁତ ହେବ ସେନେଇ ଆଲୋଚନା ମଧ କରାଯାଇଥିଲେ। ସେହିଭଳି କାର୍ଯ୍ୟକ୍ରମରେ ନୂତନ ଭୋଟର ମାନଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଜାତୀୟ ଭୋଟର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳିସମସ୍ତ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ଶ୍ରେଷ୍ଠ ବୁଥ ସ୍ତରୀୟ ଅଧିକାରୀ, ଶ୍ରେଷ୍ଠ ବୁଥ ସ୍ତରୀୟ ସୁପରଭାଇଜର, ଶ୍ରେଷ୍ଠ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏ ଇ ଆର ଓ), ଶ୍ରେଷ୍ଠ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।